# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 86 ଭାଗ ୩୪ | ସଂଖ୍ୟା ୮୬ | Wednesday 17 June 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୧୭ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




'ଟାଇମ୍ସ' ମାଗାଜିନ୍‌ରେ ମନ୍ଧାନା

ପୃଷ୍ଠା ୫

# ଓଡ଼ିଶାରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ମଞ୍ଚ



## ସରକାରଙ୍କ ସଫଳତା ସମାରୋହର ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ରାଷ୍ଟ୍ରପତିଙ୍କ ଜନ୍ମଦିନରେ ମେଗା ପ୍ରକଳ୍ପର ଶୁଭାରମ୍ଭ

## ସୁରକ୍ଷା ଓ ପ୍ରଶାସନିକ ପ୍ରସ୍ତୁତିକୁ ତ୍ରୁଟିଶୂନ୍ୟ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସଫଳ ଦୁଇ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ହାଇପ୍ରୋଫାଇଲ୍ ଗସ୍ତକୁ ସୁଚାରୁ ରୂପେ ପରିଚାଳନା କରିବା ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ (ଡିଜିପି), ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ) ଓ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ବିଶେଷକରି ମେଗା ସାଧାରଣ ସଭା ଓ ଭିଭିଆଇପିମାନଙ୍କ ଗମନାଗମନ ସମୟରେ ଯେପରି କୌଣସି ତ୍ରୁଟି ନ ରହେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ଅନୁଯାୟୀ, ଆସନ୍ତା ଜୁନ୍ ୧୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଭାବପୂର୍ଣ୍ଣ ଦିଗ ହେଉଛି ଆସନ୍ତା ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଶୁଭ ଜନ୍ମଦିନ। ନିଜ ଜନ୍ମଦିନ ଅବସରରେ ରାଷ୍ଟ୍ରପତି ନିଜ ଜନ୍ମଭୂମି ଓ ପ୍ରଥମ କର୍ମଭୂମି ରାଇରଙ୍ଗପୁରରେ ଉପସ୍ଥିତ ରହିବେ, ଯାହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ➪ପୃଷ୍ଠା-୬

# ମୋଦିଙ୍କୁ ସ୍ଲୋଭାକିଆରେ ସର୍ବୋଚ୍ଚ ସମ୍ମାନ



ବ୍ରାଟିସଲାଭା,୧୬।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପ୍ରତି ସ୍ଲୋଭାକିଆ ଗସ୍ତରେ ଥିବା ବେଳେ ତାଙ୍କୁ ଆଜି ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲେଗ୍ରିନି ଦି ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ (ପ୍ରଥମ ଶ୍ରେଣୀ) ସମ୍ମାନରେ ସମ୍ମାନିତ କରିଛନ୍ତି। 'ଦି ଅର୍ଡର ଅଫ ଦି ହ୍ୱାଇଟ ଡବଲ କ୍ରସ (ପ୍ରଥମ ଶ୍ରେଣୀ)' ହେଉଛି ସ୍ଲୋଭାକିଆ ଗଣରାଜ୍ୟର ସର୍ବୋଚ୍ଚ ରାଷ୍ଟ୍ର ସମ୍ମାନ। ଏହି ସମ୍ମାନ ସ୍ଲୋଭାକିଆ ରାଷ୍ଟ୍ରପତି ବିଦେଶର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରଦାନ କରିଥାଆନ୍ତି। ଏହା ସ୍ଲୋଭାକିଆ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିକାଶରେ ଅସାଧାରଣ ଅବଦାନ ଓ ଦେଶର ବୈଦେଶିକ ନୀତି ସ୍ୱାର୍ଥ ଏବଂ ଏହାର ଅନ୍ତର୍ଜାତୀୟ ସ୍ଥିତି ସମ୍ପର୍କରେ ଉଲ୍ଲେଖନୀୟ ସମର୍ଥନ ପାଇଁ ପ୍ରଦାନ କରାଯାଇଥାଏ। ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ➪ପୃଷ୍ଠା-୬

## ଅଘଟଣମୁକ୍ତ ଓ ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ପ୍ରସ୍ତୁତି

# ୭ ବରିଷ୍ଠ ଆଇପିଏସଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ

### ପ୍ରମୁଖ ଦାୟିତ୍ୱରେ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ

### ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱ

### ରଥଟଣା ଦାୟିତ୍ୱରେ ଆଇଜି ସତ୍ୟଜିତ ନାୟକ

### ପ୍ରମୁଖ ପରିଚାଳନା ଦାୟିତ୍ୱରେ ୪ ଆଇପିଏସ



ସେମାନଙ୍କ ମଧ୍ୟରେ ଅଛନ୍ତି ୭ ଅଭିଜ୍ଞ ଓଡ଼ିଆ ଆଇପିଏସ ଅଧିକାରୀ। ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କୋ-ଅର୍ଡିନେଟିଂ ଅଥରିଟି ଭାବେ ପ୍ରମୁଖ ଦାୟିତ୍ୱରେ ଅଛନ୍ତି। ସେହିପରି ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ଭିଡ଼ ନିୟନ୍ତ୍ରଣ ଦାୟିତ୍ୱ ଦିଆଯାଇଛି। ଡିଆଇଜି ପିନାକ ମିଶ୍ର ଶ୍ରୀମନ୍ଦିର ଭିତର ଓ ସେବାୟତଙ୍କ ମଧ୍ୟରେ ସମନ୍ୱୟ ସହ ନୀତିକାନ୍ତି ସଅଳ କରିବା ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକଙ୍କୁ ରଥଟଣା ଦାୟିତ୍ୱ ଦିଆଯାଇଛି। ସାର୍ଥକ ଷଡ଼ଙ୍ଗୀ ରଥ କ୍ଲିଅରାନ୍ସ ଦାୟିତ୍ୱରେ ଅଛନ୍ତି। ସୁଧାଂଶୁ ଷଡ଼ଙ୍ଗୀ ଜରୁରୀକାଳୀନ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଏହା ସହ ଆଇପିଏସ ଅନୂପ ସାହୁ, ଚରଣ ସିଂହ ମୀନା, ଅମିତାଭ ଠାକୁର, ➪ପୃଷ୍ଠା-୬

ପୁରୀ,୧୬।୬(ସଂଚାର ବ୍ୟୁରୋ): ଗତ ଦୁଇ ବର୍ଷରେ ରଥଯାତ୍ରା ସମୟରେ ହୋଇଥିବା ଅଘଟଣକୁ ଦୃଷ୍ଟିରେ ରଖି ଏଥର ରଥଯାତ୍ରା ପାଇଁ ନୂଆ ଯୋଜନା ପ୍ରସ୍ତୁତ ହୋଇଛି। ରଥଯାତ୍ରା ସୁପରିଚାଳନା ପାଇଁ ୭ ଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ତ୍ରୁଟିଶୂନ୍ୟ ଓ ଅଘଟଣମୁକ୍ତ ରଥଯାତ୍ରା ଉପରେ ରାଜ୍ୟ ସରକାରଙ୍କ ଫୋକସ୍ ଥିବାରୁ ବରିଷ୍ଠ ଆଇପିଏସମାନଙ୍କୁ ଗୋଟିଏ ଗୋଟିଏ ପରିଚାଳନାର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଭିଡ଼ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ରଥ ପରିଚାଳନା, ଶ୍ରୀମନ୍ଦିର ସମନ୍ୱୟ ପାଇଁ ଅଲଗା ଅଲଗା ଅଫିସରଙ୍କୁ ଦାୟିତ୍ୱ ମିଳିଛି। ଅନ୍ୟପଟେ ବ୍ୟବସ୍ଥାବଳୀ ଓ ପହଣ୍ଡି ସହ ନୀତି ଶୃଙ୍ଖଳାକୁ ନେଇ ଘନ ଘନ ବୈଠକ ହେଉଛି। ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଏକାଧିକ ଆଇପିଏସ ଅଧିକାରୀ ରହିଛନ୍ତି।

# ନିୟମଗିରି ଓଡ଼ିଶାରେ ନୁହେଁ, ଝାଡ଼ଖଣ୍ଡରେ

### ନୂଆ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି


### ଅଷ୍ଟମ ଶ୍ରେଣୀର ବହିରେ ସର୍ବାଧିକ ୭୦୫ ଭୁଲ୍

### ଷଷ୍ଠ ଶ୍ରେଣୀ ବହିରେ ୨୮୯ଟି ଭୁଲ୍


### ଓଡ଼ିଶା ବିଧାନସଭା ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭା

### ଗଞ୍ଜାମ ଜିଲ୍ଲାକୁ 'ବ୍ରହ୍ମପୁର' ଜିଲ୍ଲା

### ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି



ରାଜ୍ୟ ବ୍ୟବସ୍ଥାପିକାର ସଂଗଠନ



ଭୁବନେଶ୍ୱର, ୧୬।୬ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ ହୋଇଥିବା ବେଳେ ଏଥିରେ ମାଳମାଳ ଭୁଲ ରହିଛି। ଶବ୍ଦର ବନାନଠାରୁ ଆରମ୍ଭ କରି ମହାପୁରୁଷଙ୍କ ନାମ ସବୁଥିରେ ତ୍ରୁଟି ଦେଖିବାକୁ ମିଳିଛି। ନୂତନ ଶିକ୍ଷା ନୀତି (ଏନ୍‌ଇପି ୨୦୨୦) ଅନୁସାରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମୋଟ୍ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ପୁସ୍ତକଗୁଡ଼ିକ ରାଜ୍ୟର ବିଭିନ୍ନ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ପୁସ୍ତକରେ ବନାନ ଅଶୁଦ୍ଧି, ଭୂଗୋଳ ସମ୍ବନ୍ଧୀୟ ଭ୍ରମାତ୍ମକ ତଥ୍ୟ ତଥା ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ବିଷୟରେ ତଥ୍ୟଗତ ତ୍ରୁଟି ନଜରକୁ ଆସିଛି। ଏହା କୌଣସି ଛୋଟ ଅବହେଳା ନୁହେଁ। ବରଂ ମୁଦ୍ରଣ ପୂର୍ବରୁ ପ୍ରୁଫ୍ ରିଡିଂ ଓ ଗୁଣବତ୍ତା ନିୟନ୍ତ୍ରଣର ଏକ ବିରାଟ ବିଫଳତା ବୋଲି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି। ଏହା ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତର କଥା ହୋଇଥିବାରୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଓଡ଼ିଶା ଅଭିଭାବକ ମହାସଂଘ କହିଛି।

ରିପୋର୍ଟ ଅନୁସାରେ, ନୂଆ ବହିରେ ଓଡ଼ିଶା ବିଧାନସଭା ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭା ସ୍ଥାନିତ କରାଯାଇଛି। 'ଓଡ଼ିଶା'ର ନିୟମଗିରିକୁ 'ଝାଡ଼ଖଣ୍ଡ'ର ନିୟମଗିରି, ସୁନନ୍ଦା ପଟ୍ଟନାୟକଙ୍କ ନାମକୁ ସନନ୍ଦା ପଟ୍ଟନାୟକ ବୋଲି ଉଲ୍ଲେଖ କରିଛନ୍ତି। 'ନୀଳକଣ୍ଠ ଦାସ'ଙ୍କ ନାମକୁ 'ନୀଳକଣ୍ଠ ଦାଶ', 'ହୀରା' ବଦଳରେ ସୁନା ବୋଲି ଲେଖାଯାଇଛି। 'ଡଙ୍ଗରିଆ' ଜନଜାତିଙ୍କୁ 'ଢୋଙ୍ଗାରିଆ' ଉଲ୍ଲେଖ ହୋଇଛି । ଏମିତିକି 'ଗଞ୍ଜାମ' ଜିଲ୍ଲାକୁ 'ବ୍ରହ୍ମପୁର' ଜିଲ୍ଲା କରାଯାଇଛି। ଏପରି ୧୬୭୮ଟି ଭୁଲ୍ ଚିହ୍ନଟ ହୋଇଛି। ମିଳିଥିବା ସୂଚନା ➪ପୃଷ୍ଠା-୬

## ନିଟ-ୟୁଜି ୨୦୨୬ ପରୀକ୍ଷା ପରିଚାଳନା ନେଇ ଡିଜିପିଙ୍କ ସମୀକ୍ଷା

# ପରୀକ୍ଷା ସମ୍ବନ୍ଧୀୟ କୌଣସି ତ୍ରୁଟିକୁ ବରଦାସ୍ତ କରାଯିବନି



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ଆସନ୍ତା ଜୁନ ୨୧ ତାରିଖରେ ନିଟ୍ ୟୁଜି-୨୦୨୬ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଡିଜିପି ସମସ୍ତ ଜିଲ୍ଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୩୨ଟି ପରୀକ୍ଷା କେନ୍ଦ୍ରରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ରଖିବା ସହ ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମାପ୍ତ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ସମସ୍ତ ଜିଲ୍ଲା ଏସପି ଓ ବରିଷ୍ଠ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା, ସିସିଟିଭି ➪ପୃଷ୍ଠା-୬

## ଜାଲିଆତିର ସୀମା ଟପିଲେ ଯନ୍ତ୍ରୀ

# ଉପବାଚସ୍ପତିଙ୍କ ନକଲି ଦସ୍ତଖତରେ ବଦଳି ଷଡ଼ଯନ୍ତ୍ର

### କ୍ୟାପିଟାଲ ଥାନାରେ ହେଲା ଅଭିଯୋଗ

### ଆଇଆଇସିଙ୍କୁ ଅଭିଯୋଗ କଲେ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତ ଜାଲି କରିବା, ସରକାରୀ ଡିଓ ପ୍ୟାଡର ଦୁରୁପଯୋଗ କରିବା ଓ ଜାଲ୍ ଦସ୍ତାବେଜ ବ୍ୟବହାର କରି ବଦଳି ହାସଲ କରିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗରେ ଦୁଇ ଜଣ ଯନ୍ତ୍ରୀଙ୍କ ବିରୋଧରେ ଏଫଆଇଆର୍ ରୁଜୁ କରାଯାଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ସାହା କ୍ୟାପିଟାଲ ଥାନାର ଆଇଆଇସିଙ୍କୁ ଲେଖିଥିବା ଚିଠିରେ



ବାଂଶପାଳ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁସାରେ, ଉଭୟ ଅଧିକାରୀ ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଏବଂ ତାଙ୍କ କାର୍ଯ୍ୟାଳୟର ଅଧିକୃତ ଡିଓ ପ୍ୟାଡ୍ ବ୍ୟବହାର କରି ଜାଲ୍ ଦସ୍ତାବେଜ ପ୍ରସ୍ତୁତ କରିଥିଲେ। ପରେ ସେହି ଦସ୍ତାବେଜକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିକଟରେ ଦାଖଲ କରି ସୁନ୍ଦରଗଡ଼ ଜିଲ୍ଲାର ବରଗାଁ ଓ ସଦର ବ୍ଲକକୁ ବଦଳି ପାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି ଯେ ଉକ୍ତ ଚିଠିଗୁଡ଼ିକ କେବେ ବି ତାଙ୍କ କାର୍ଯ୍ୟାଳୟରୁ ଜାରି କିମ୍ବା ଅନୁମୋଦିତ ହୋଇ ନ ଥିଲା। ତେଣୁ ଏହା ସରକାରୀ ଦସ୍ତାବେଜ ଜାଲିଆତି, ପରିଚୟ ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର ଓ ସୂଚନା ପ୍ରଯୁକ୍ତି ଆଇନ ଉଲ୍ଲଂଘନ ଭଳି ଗୁରୁତର ଅପରାଧର ଶ୍ରେଣୀରେ ଆସୁଥିବା ଅଭିଯୋଗ କରାଯାଇଛି। ଏହି ଘଟଣାରେ ତୁରନ୍ତ ଏଫଆଇଆର୍ ରୁଜୁ କରି ଆଇନ ଅନୁଯାୟୀ କଡ଼ା ପଦକ୍ଷେପ ନେବାକୁ କ୍ୟାପିଟାଲ ଥାନା ପୁଲିସକୁ ଅନୁରୋଧ କରାଯାଇଛି।

## ବାୟୁସେନା ବିମାନରେ ଗଲା ପ୍ରଶ୍ନପତ୍ର

ନୂଆଦିଲ୍ଲୀ,୧୬।୬: ଏକ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପୂର୍ବକ ଭାରତୀୟ ବାୟୁସେନା ହେଲିକପ୍ଟରରେ ନିଟ୍-ୟୁଜି-୨୦୨୬ ପୁନଃପରୀକ୍ଷା ପ୍ରଶ୍ନପତ୍ରଗୁଡ଼ିକୁ ପାଟନା ସମେତ ଦେଶର ୧୮ଟି ପ୍ରମୁଖ ସ୍ଥାନକୁ ପ୍ରଶ୍ନପତ୍ର ପଠାଯାଇଛି। ଆସନ୍ତା ୨୧ ତାରିକରେ ନିଟ୍-ୟୁଜି ପୁନଃପରୀକ୍ଷା ହେବାକୁ ଯାଉଥିବାବେଳେ ପ୍ରଶ୍ନପତ୍ର ପ୍ରଘଟ ପରି ସମସ୍ୟା ଯେପରି ସୃଷ୍ଟି ନହୁଏ ସେଥିପ୍ରତି ସବୁପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ପୁନଃପରୀକ୍ଷା ପୂର୍ବରୁ ଗୁପ୍ତ ପ୍ରଶ୍ନପତ୍ର ପ୍ୟାକେଟଗୁଡ଼ିକୁ କଡ଼ା ସୁରକ୍ଷା ପ୍ରୋଟୋକଲ୍ ମଧ୍ୟରେ ନିର୍ଦ୍ଦିଷ୍ଟ କେନ୍ଦ୍ରଗୁଡ଼ିକୁ ପଠାଯାଇଛି। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ପ୍ରଶ୍ନପତ୍ରଗୁଡ଼ିକୁ କଡ଼ା ନଜରରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବଣ୍ଟନ କରାଯିବ। ପରୀକ୍ଷା ସାମଗ୍ରୀର ଶୃଙ୍ଖଳା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସରକାର ଭାରତୀୟ ବାୟୁସେନାକୁ ନିୟୋଜିତ କରିଛନ୍ତି। ଏହାଦ୍ୱାରା ପରିବହନ ସମୟରେ ହେରଫେରର କୌଣସି ସୁଯୋଗ ରହିବ ନାହିଁ।

### ୮ କୋଟିର ନିଷିଦ୍ଧ ନିଶାଦ୍ରବ୍ୟ ଜବତ

## ୨ ବିଦେଶୀଙ୍କ ସମେତ ୨୩ ଗିରଫ

ବେଙ୍ଗାଲୁରୁ,୧୬।୬: ନିଷିଦ୍ଧ ନିଶାଦ୍ରବ୍ୟ ରଖି ବିକ୍ରୟ କରିବା ଅଭିଯୋଗରେ ଦୁଇଜଣ ବିଦେଶୀ ନାଗରିକଙ୍କ ସମେତ ବେଙ୍ଗାଲୁରୁ ପୁଲିସ୍ ୨୩ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଆନୁମାନିକ ୮ କୋଟି ଟଙ୍କାର ବେଆଇନ୍ ତମାଖୁ ଜାତ ଉତ୍ପାଦ ଜବତ କରିଛି। କେନ୍ଦ୍ରୀୟ ଅପରାଧ ଶାଖାର ନାର୍କୋଟିକ୍ସ ନିରୋଧୀ ସ୍କ୍ୱାଡ୍ ଓ ସ୍ଥାନୀୟ ପୁଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜାରି କରାଯାଇଥିବା ଚଢ଼ାଉ ଅଭିଯାନରେ ଏହି ସଫଳତା ମିଳିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୧୫ ଜଣ ସ୍ଥାନୀୟ ଯୁବକ ହୋଇଥିବାବେଳେ ୬ ଜଣ ବାହାର ରାଜ୍ୟର ଓ ୨ ଜଣ ବିଦେଶୀ।

### ଜି-୭ ଶିଖର ସମ୍ମିଳନୀରେ ଟ୍ରମ୍ପ-ମୋଦି ଭେଟ

## ହାତ ମିଳାଇଲେ, ଆଲିଙ୍ଗନ କଲେନି

ନୂଆଦିଲ୍ଲୀ,୧୬।୬: ଫ୍ରାନ୍ସର ଏଭିଆନଠାରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରସ୍ପରକୁ ଭେଟିଛନ୍ତି। ଦୁଇନେତା ପରସ୍ପର ସହ କରମର୍ଦ୍ଦନ କରିଥିବା ବେଳେ ଏଥର ସେମାନଙ୍କ ପ୍ରସିଦ୍ଧ ଆଲିଙ୍ଗନର ଦୃଶ୍ୟ ଦେଖିବାକୁ ମିଳିନାହିଁ। ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ନେତାଙ୍କ ଆଲୋଚନା ପୂର୍ବରୁ ମାକ୍ରୋନ ସମ୍ମିଳନୀ ସ୍ଥଳରେ ଟ୍ରମ୍ପ୍ ପିଏମ ମୋଦିଙ୍କୁ ସ୍ୱାଗତ କରିଥିଲେ।

# ଆସିଲା ଭିଡିଓ: ବିଡିଓଙ୍କ ଚ୍ୟାମ୍ବରରେ ବିଧାୟକଙ୍କ ଗୁଣ୍ଡା





### ଚାମେଲିଙ୍କୁ କରିଥିଲେ ଖରାପ ବ୍ୟବହାର

### ସବୁ ନାଟର ଗୋବର୍ଦ୍ଧନ ଦୁର୍ଗା

ମହାକାଳପଡ଼ା,୧୬।୬(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଚାମେଲି ଓଝା ଘଟଣାରେ ବିଡିଓଙ୍କ ଦପ୍ତରର ଭିଡିଓ ଏବେ ସାମ୍ନାକୁ ଆସିଛି। ଭିଡିଓରେ ବିଡିଓଙ୍କ ଦପ୍ତରରେ ବିଧାୟକଙ୍କ ଗୁଣ୍ଡା ଉପସ୍ଥିତ ରହିବା ଓ ଚାମେଲିଙ୍କ ସହ ଅସୌଜନ୍ୟ ବ୍ୟବହାର କରିବା ଜଳ ଜଳ ହୋଇ ଦିଶୁଛି। ଏତେସବୁ ଘଟଣା ପରେ ବି ବିଧାୟକ ମୁହଁ ନଖୋଲିବା ଏବେ ତାଙ୍କର ସମ୍ପୃକ୍ତିକୁ ମଉନେ ସମ୍ମତି ଲକ୍ଷଣ ବୋଲି ଚର୍ଚ୍ଚା ଜୋର ଧରିଛି।

ମହାକାଳପଡ଼ା ବିଡିଓଙ୍କ ଏତାଲା ଆଧାରରେ ତିଖିରିର ମହିଳା ସରପଞ୍ଚ ଚାମେଲି ଓଝା ଗିରଫ ହୋଇଛନ୍ତି। ତେବେ ଗିରଫ ପୂର୍ବରୁ ତାଙ୍କୁ ବିଡିଓଙ୍କ ଦପ୍ତରରେ ଓ ପୁଲିସ୍ ଗାଡିରେ ମାଡ ମରାଯାଇଥିବାରୁ ଅଭିଯୋଗ ଆଣିଥିଲେ ଚାମେଲି। ମାଡରେ ଆହତଯୋଗୁଁ ସେ ଏବେ ବି ଡାକ୍ତରଖାନାରେ। ତେବେ ସରକାରୀ କାର୍ଯ୍ୟରେ ବାଧାଦେବାର ଅଭିଯୋଗ ଆଣି ବିଡିଓ ଯେଉଁ ଅଭିଯୋଗ କରିଛନ୍ତି, ତାହା ଭିଡିଓ ଜାରି ପାଇଁ ଚାମେଲି ଦାବି କରିଆସୁଥିଲେ। ଆଜି ପୁଲିସ ଚାମେଲିଙ୍କ ମୋବାଇଲ ଫେରାଇବା ପରେ ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ଭିଡିଓରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି ଯେ ବିଡିଓଙ୍କ ପ୍ରକୋଷ୍ଠରେ ଚାମେଲି ଓ ଅନ୍ୟ କେତେଜଣ ଲୋକପ୍ରତିନିଧି ବସି ଆଲୋଚନା କରୁଛନ୍ତି। ତାଙ୍କର ବିଲ୍ ମିଳିବାରେ କାହିଁକି ବିଳମ୍ବ ହେଉଛି ବୋଲି ଚାମେଲି ବାରମ୍ବାର ବିଡିଓଙ୍କୁ ପଚାରୁଛନ୍ତି। ଚାମେଲି ବାରମ୍ବାର ପ୍ରଶ୍ନ କରିବା ଭିତରେ ହଠାତ୍ କିଛି ବ୍ୟକ୍ତି ବିଡିଓଙ୍କ ଦପ୍ତରକୁ ପ୍ରବେଶ କଲେ। ସେମାନଙ୍କ ମଧ୍ୟରେ ବେକରେ ଗେରୁଆ ଗାମୁଛା ପକାଇଥିବା ଜଣେ ବ୍ୟକ୍ତି ଚାମେଲି ଓ ଘଟଣାର ଭିଡିଓ କରୁଥିବା ତାଙ୍କ ଭାଇଙ୍କ ସହ ଠେଲାପେଲା ହେଉଛନ୍ତି।

ବେକରେ ଗେରୁଆ ଗାମୁଛା ପକାଇ ବିଡିଓଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିଥିବା ବ୍ୟକ୍ତି ଜଣଙ୍କ ବିଧାୟକଙ୍କ ଗୁଣ୍ଡା ବୋଲି ଚାମେଲି ଅଭିଯୋଗ ➪ପୃଷ୍ଠା-୬

## ମିଳିଲା ଜାମିନ

କେନ୍ଦ୍ରାପଡ଼ା: ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ ମିଳିଲା ଜାମିନ। ଜେଏମଏଫସି ସିଟି ମାଜିଷ୍ଟ୍ରେଟ ତାଙ୍କୁ ଆଜି ଜାମିନ ପ୍ରଦାନ କରିଛନ୍ତି। ପୁଲିସକୁ ଆକ୍ରମଣ ଘଟଣାରେ ତାଙ୍କୁ ବେଲ୍ ମିଳିଥିବା ବେଳେ ଦୁଇ ଜାମିନଦାର ଓ ୩୦ ହଜାର ଟଙ୍କାରେ ଜାମିନ ମଞ୍ଜୁର ହୋଇଛି। ଏହା ପୂର୍ବରୁ ଘଟଣାରେ ଏନ୍‌ଏଚଆରସି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କୁ ରିପୋର୍ଟ ତଲବ କରିଥିଲେ। ଗତ ୧୧ ତାରିଖରେ ଚାମେଲି ଓଝା ବିଡିଓଙ୍କୁ ଭେଟିବାକୁ ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ପଞ୍ଚାୟତରେ ବିଭିନ୍ନ କାମର ନିର୍ମାଣ ସରିଥିଲେ ବି ଏହାର ବିଲ୍ କାହିଁକି ହୋଇପାରୁନାହିଁ ତାହାର କାରଣ ଜାଣିବାକୁ ଚେଷ୍ଟା କରିଥିଲେ। ସେଠାରେ ଆଲୋଚନା କଲା ବେଳେ ତାଙ୍କ ଭାଇ ମୋବାଇଲରେ ଭିଡିଓ ଶୁଟିଂ କରୁଥିଲେ। ହେଲେ ଭିଡିଓକୁ କିଛି ବିଜେପି କର୍ମୀ ବିରୋଧ କରିବା ସହ ମୋବାଇଲ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାମେଲି ଓ ତାଙ୍କ ସାନ ଭାଇଙ୍କୁ ଥାନାକୁ ନେଇଥିଲେ।

## ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ପୂର୍ବତନ ସରପଞ୍ଚ ଗିରଫ



କେନ୍ଦ୍ରାପଡ଼ା,୧୬।୬(ସଂଚାର ବ୍ୟୁରୋ): କୁଦାନଗରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଧମକ ଦେଇ ଅଶ୍ଳୀଳ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ସହ ବାରମ୍ବାର ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ କରିଲୋପାଟଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ଯୁବ ନେତା ସୁକାନ୍ତ ସାହୁଙ୍କୁ କୁଦାନଗରୀ ପୁଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଅସହାୟ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଜଣେ ନାବାଳିକାଙ୍କୁ ଅର୍ଥର ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଦୀର୍ଘଦିନ ଧରି ଯୌନ ନିର୍ଯାତନା ଦେଉଥିଲେ। ଏନେଇ ପୀଡ଼ିତାଙ୍କ ବାପା କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଅଭିଯୋଗର ସତ୍ୟତା ମିଳିବା ପରେ କୁଦାନଗରୀ ଥାନା ପୋଲିସ ଅଭିଯୁକ୍ତ ସୁକାନ୍ତ ସାହୁଙ୍କୁ ଗିରଫ କରିଥିଲା। ଏହି ଘଟଣାରେ କୁଦାନଗରୀ ଥାନା କେସ୍ ନମ୍ବର ୧୯୬/୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ

ନିଶ୍ଚିନ୍ତକୋଇଲି,୧୬।୬(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଗଡ଼ିଜଙ୍ଗ ଠାରେ ଗତ ୯ତାରିଖ ମଙ୍ଗଳବାର ଅପରାହ୍ନରେ ଦୁଇ ଜଣ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକଙ୍କୁ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ନେମାଳ ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ଆସାମୀଙ୍କୁ ଧରିବା ପାଇଁ ଯୋରଦାର ତନାଘନା ଚାଲିଥିଲା। ସୂଚନାଥାଉକି ଯୁବ ସାମ୍ବାଦିକ ଲକ୍ଷ୍ମଣ ଦାସ ଓ ତାଙ୍କର ଜଣେ ସହଯୋଗୀ ଖବର ସଂଗ୍ରହ କରି ଘରକୁ ଫେରୁଥିବା ବାଟରେ କେତେଜଣ ଦୁର୍ବୃତ୍ତ କାରରେ ଆସି ତାଙ୍କୁ ଲୁହା ରଡ଼ରେ ଶକ୍ତ ପ୍ରହାର ଦେଇ ତାଙ୍କ ଗୋଡ଼ ହାତ ଭାଙ୍ଗି ଦେଇଥିଲେ। ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ ଜାରି ରହିଥିଲା। ୧୫ତାରିଖ ସୋମବାର ଦିନ ଏହି ସ୍ୱତନ୍ତ୍ର ଟିମ୍ କିଶୋରନଗର ଥାନା ଅଧିନ ଉତ୍ତରକୂଳ ଗ୍ରାମର ଓମ୍ ପ୍ରମୋଦ ଜେନା(୨୬)ବର୍ଷ, ଭଦ୍ରେଶ୍ୱର ଥାନା ଅଧିନ ଅଚ୍ୟୁତପୁର ଗ୍ରାମର ରଜତ କୁମାର ମଲିକ(ମୁଷା)୨୮ବର୍ଷ ଓ ୧୬ତାରିଖ ମଙ୍ଗଳବାର ଦିନ କୁରୁଜଙ୍ଗା ଗ୍ରାମର ରାକେଶ ମଲିକକୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି।

## ଶ୍ରୀବଳଦେବଜୀଉ ମନ୍ଦିରରେ ଭକ୍ତଙ୍କୁ ଦୁର୍ବ୍ୟବହାର

କେନ୍ଦ୍ରାପଡ଼ା,୧୬।୬ (ସଂଚାର ବ୍ୟୁରୋ): ଇଛାପୁରସ୍ଥିତ ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ପରିସରରେ ସେବାୟତ ଭକ୍ତଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଘଟଣା ଅନୁଯାୟୀ ପଟ୍ଟାମୁଣ୍ଡାଇ ଥାନା ଅଧିନ ପ୍ରହରାଜପୁର ଗ୍ରାମର ବବୁବାହନ ପାତ୍ର ସପରିବାର ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିବାକୁ ଆଜି ଆସିଥିଲେ। ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ବବୁବାହନଙ୍କ ପରିବାର ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ପ୍ରସାଦ ସେବନ କରୁଥିଲେ। ଏହି ସମୟରେ ସେବକ ଗୌରାଙ୍ଗ ସୁଆର ଓ ତାଙ୍କର ଦୁଇପୁଅ ଶିବୁନା, କାଳିଆ ତାଙ୍କ ପରିବାର ସଦସ୍ୟଙ୍କୁ ଦୁର୍ବ୍ୟବହାର ସହ ଅପମାନିତ କରିଥିଲେ। ସର୍ବସାଧାରଣରେ ଅପମାନିତ କରିଥିବାରୁ ତାଙ୍କ ପରିବାର ସଦସ୍ୟଙ୍କ ମାନସିକତା ଆଘାତପ୍ରାପ୍ତ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ବବୁବାହାନ ଶ୍ରୀଜୀଉଙ୍କ ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବିଳଭଦ୍ର ପତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ନିବାହୀ ଅଧିକାରୀ ଶ୍ରୀ ପତ୍ରୀ ସେହି ଅଭିଯୋଗକୁ ଗାଉଜ ଥାନା ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପଠାଇ ଦେଇଛନ୍ତି।

## ଚାମେଲି ଓଝାଙ୍କ ଉପରେ ଆକ୍ରମଣ ପ୍ରତିବାଦରେ କଳିଙ୍ଗ ମହିଳା ଶକ୍ତିର ବିକ୍ଷୋଭ



କେନ୍ଦ୍ରାପଡ଼ା/ମହାକାଳପଡ଼ା,୧୬।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଜମ୍ବୁ ଦିଶାରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଉପରେ ହୋଇଥିବା କଥିତ ଆକ୍ରମଣ ଘଟଣାକୁ ନେଇ ରାଜନୈତିକ ଓ ସାମାଜିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାର ପ୍ରତିବାଦରେ କଳିଙ୍ଗ ମହିଳା ଶକ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ଆଜି ଏକ ବିରାଟ ପ୍ରତିବାଦ ରାଲି ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲ୍ଲା ସଭାନେତ୍ରୀ ମନୋରମା ଖଟୁଆଙ୍କ ନେତୃତ୍ୱରେ ବହୁସଂଖ୍ୟକ ମହିଳା ବିଭିନ୍ନ ନାରାବାଜି କରି ମହାକାଳପଡ଼ା ଥାନାରେ ପହଞ୍ଚିଥିଲେ। ସେଠାରେ ସେମାନେ ଥାନା ଅଧିକାରୀ ମାନସ କୁମାର ମଲ୍ଲିକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ରୁଜୁ ହୋଇଥିବା କଥିତ ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା, ଆକ୍ରମଣରେ ସଂପୃକ୍ତ ସମସ୍ତଙ୍କୁ ତୁରନ୍ତ ଗିରଫ କରିବା, ଘଟଣା ସମୟରେ ହୋଇଥିବା ଫୋନ କଲ୍ ଓ ମୋବାଇଲ ଡାଟାର ନିରପେକ୍ଷ ତଦନ୍ତ କରିବା ସହିତ ଚାମେଲି ଓଝାଙ୍କୁ ପୁଲିସ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ମନୋରମା ଖଟୁଆ କହିଛନ୍ତି, "ଜଣେ ନିର୍ବାଚିତ ମହିଳା ଜନପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟାଳୟ ଭିତରେ ଅସଦାଚରଣ ଓ ଆକ୍ରମଣ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ସଦୃଶ। ପୋଲିସ ତୁରନ୍ତ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।"

### ଧନିରାମପୁରଠାରେ ଯାକଜମକରେ ରଜ ମହୋତ୍ସବ ଉଦ୍‌ଯାପିତ

# ଯେଉଁଠି କୁସଂସ୍କାର ନାହିଁ, ସେହି ଗ୍ରାମ ହିଁ ସଭ୍ୟ ଓ ଉନ୍ନତ

ଗରଡପୁର,୧୬।୬ (ସଂଚାର ବ୍ୟୁରୋ): "ଯେଉଁ ଗ୍ରାମରେ କୁସଂସ୍କାର ନାହିଁ ସେହି ଗ୍ରାମ ହିଁ ସଭ୍ୟ ଓ ଶିକ୍ଷିତ। ବଡ ଚାକିରି, ଧନୀ ଘରକୁ ନେଇ ଗ୍ରାମର ଶୋଭା ବର୍ଦ୍ଧନ ହୁଏ ନାହିଁ, ଭାଇ ଚାରା ପରସ୍ପର ପ୍ରତି ସ୍ନେହ ଓ ସହଯୋଗ ହିଁ ଆଦର୍ଶ ଗ୍ରାମର ମାପକାଠି।"

କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ, ସାନ ଅଡ଼ଙ୍ଗା ଗ୍ରାମ ପଞ୍ଚାୟତର ଧନିରାମପୁର ଗ୍ରାମ ଓ ବିଜିପୁରଠାରେ, ଭୁବନେଶ୍ୱରର ପ୍ରତିଭା ସମ୍ମାନ ଓଡିଶା ତରଫରୁ ତିନିଦିନ ବ୍ୟାପି ରଜପର୍ବର ଉଦଯାପନୀ ଉତ୍ସବରେ ସମସ୍ତ ଅତିଥି ଏହି ଦୁଇଟି ଗ୍ରାମର ସାମାଜିକ ସମ୍ପ୍ରୀତି ଓ ସଦଭାବନାରେ ପ୍ରୀତ ହୋଇ ଏହାର ଭୂୟସୀ ପ୍ରଂଶସା କରିଥିଲେ। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ପାଟକୁରା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦାନ କରି ସମସ୍ତଙ୍କ ଗହଣରେ ରଜ ପର୍ବରେ ସାମିଲ ହେବା ସହ ଦୁଇଟି



ଗ୍ରାମବାସୀଙ୍କ ଉଦ୍ୟମରେ ଆୟୋଜିତ ଏହି ଅଭିନବ ପ୍ରୟାସରେ ଆନନ୍ଦ ବ୍ୟକ୍ତ କରିଥିଲେ।

ଅନୁଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ପ୍ରମୋଦ କୁମାର ଦେବଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ସମାରୋହରେ ମୁଖ୍ୟ ବକ୍ତା ରୂପେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମାରବର ଦାସ ଯୋଗଦାନ କରି ନିଜର ଓଜସ୍ୱିନୀ ବକ୍ତବ୍ୟରେ ସମବେତ ଜନତାଙ୍କ ମନ ମୋହି ନେଇଥିଲେ। ଶିକ୍ଷାବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ତଥା କବି ସୁଶାନ୍ତ ଦାସ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ।

ଏହି ପରିପ୍ରେକ୍ଷୀରେ ଗ୍ରାମର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସୁନାମଧନ୍ୟ ବିଜ୍ଞାନୀ ଡ଼ ଆଦିକନ୍ଦ ବାରିକ, ଆଦର୍ଶ ଶିକ୍ଷକ ଶ୍ରୀଯୁକ୍ତ କପିଳ ଚନ୍ଦ୍ର ମଲ୍ଲିକ, ଶ୍ରୀ କୁଳମଣି ସାମଲ, ଶ୍ରୀ ବିକାଶ କୁମାର ଗିରି ପ୍ରମୁଖଙ୍କୁ ଗ୍ରାମ ଗୌରବରେ ସମ୍ମାନିତ କରାଯାଇଥିଲା। ଏହି ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ବିଧାୟକ ପ୍ରଶଂସାପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।

### ଅର୍ତାମୂଳ ରଜ ମହୋତ୍ସବର ଦ୍ୱିତୀୟ ଦିବସ

## କୁନି କୁନି କଳାକାରଙ୍କ ନୃତ୍ୟରେ ବିଭୋର ଦର୍ଶକ



ଡେରାବିଶ,୧୬।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଜେନମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ନବମ ବାର୍ଷିକ ରଜ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ଦିବସ। ଏହି ଉପଲକ୍ଷେ ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ତଥା କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମାଜସେବୀ ରଜତ ବଳ, ଯୁବ ଶିଳ୍ପୋଦ୍ୟୋଗୀ ଦିପକ ରଞ୍ଜନ ବେହେରା, ସମାଜସେବୀ ଚିତରଞ୍ଜନ ଦାସ, ରଶ୍ମିରଞ୍ଜନ ରାଉତ ଓ ଭିକାରୀ ବେହେରା ଯୋଗଦେଇ ରଜ ପର୍ବର ବିଶେଷତ୍ୱ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହିତ ଏହି ପାରମ୍ପରିକ ପର୍ବକୁ ଲୋକଲୋଚନରେ ଉଜ୍ଜିବିତ କରି ରଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ।

ଏହି ଅବସରରେ କୁନି କୁନି କଳାକାରମାନେ ସ୍ୱାଗତ ନୃତ୍ୟ ପରିବେଶଣ ପୂର୍ବକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆଜି ପୂର୍ବାହ୍ନରେ ଉପସ୍ଥିତ କିଶୋରୀ ମାନଙ୍କ ମଧ୍ୟ ଅନୁଷ୍ଠିତ ହୋଇଥିବା ଦଉଡଡ଼ିଆଁ, ପୁଚି ଓ ରଜ ପିଠା ପ୍ରତିଯୋଗୀତାରେ କୃତି କିଶୋରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତା ପ୍ରମୋଦ କୁମାର ପ୍ରଧାନ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ରଜତ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତାମାନେ ପରିଚାଳନା କରିଥିଲେ।

## ଲକ୍ ଛକରେ ପାଣି ପାଇପ ଫାଟି ବହିଚାଲିଛି ପାଣି, ମରାମତି ଦାବି





ମାର୍ଶାଘାଇ,୧୬।୬ (ସଂଚାର ବ୍ୟୁରୋ): ମାର୍ଶାଘାଇ ଲକ ଛକରେ ଚାରି ଦିନ ହେବ ନୂଆ ଡାକବଙ୍ଗଳା ଛକ ପାନୀୟଜଳ ପ୍ରକଳ୍ପରୁ ମାର୍ଶାଘାଇ ବଜାରକୁ ସଂଯୋଗ ଥିବା ପାଣିପାଇପ ଫାଟିଯାଇ ଝରଣା ଭଳି ଅନବରତ ପାଣି ବହି ଯାଉଛି।

ଏହି ପାଇପ ମାଧ୍ୟମରେ ମାର୍ଶାଘାଇ ମୁଖ୍ୟ ବଜାର, ଗାଁ ମାର୍ଶାଘାଇ, ଜେନା ସାହି, ହାଟ ସାହି, କୁମ୍ଭାରସାହି, ବନ୍ଧସାହି, ବଗିଚା ପାର୍ଶ୍ୱ ଅଞ୍ଚଳ ବାସିନ୍ଦାଙ୍କୁ ପିଇବାପାଣି ଯୋଗାଇ ଦିଆଯାଉଛି । ପାଇପ ଫାଟି ବାହାରକୁ ପାଣି ବହିଯାଉଥିବାରୁ ଏହି ସବୁ ଅଂଚଳକୁ ପାଣି ସପ୍ଲାଏର ସ୍ପିଡ଼ ହ୍ରାସ ପାଉଛି । ଫଳରେ ଶେଷ ମୁଣ୍ଡ ଯାଏ ପାଣି ଯୋଗାଣରେ ବାଧା ହେଉଛି । ଯଥାଶୀଘ୍ର ଫାଟିଯାଇଥିବା ପାଇପକୁ ମରାମତି କରିବାକୁ ଦାବୀ ହେଉଛି । ଅପରପକ୍ଷରେ ଏହି ସ୍ଥାନରେ ରାସ୍ତା ଫୁଟେ ଦେଢ଼ ଫୁଟ ଦବି ଗଲାଣି । କିଛିଦିନ ହେବ ଲୁହଗୁଣ୍ଡି ବୋଝେଇ ଥିବା ଓଜନଦାର ଗାଡି ଗୁଡିକ ଯାତାୟାତ କରିବା ଦ୍ୱାରା ରାସ୍ତା ଦବି ଯାଇଥିବା ନେଇ ଅଭିଯୋଗ ହେଉଛି ।

ଫାଟିଯାଇଥିବା ପାଣିପାଇପଟି ରାସ୍ତାର ମଝିରେ ରହିଥିବାରୁ ମରାମତି ପାଇଁ ବିଳମ୍ବ କରିଲେ ଗାଡି ଚଳାଚଳ ଯୋଗୁଁ ଜଳଯୋଗାଣ ଅଧିକ ଦିନ ପ୍ରଭାବିତ ହେବାର ଆଶଙ୍କା ରହିଛି ।

## ପୀର ଦରଘା ସାହେବଙ୍କ ପ୍ରାଙ୍ଗଣରେ ରଜ ମହୋତ୍ସବ ପାଳିତ



ଆଳି,୧୬।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସ୍ଥିତ ପତ୍ରପୁର ପଞ୍ଚାୟତର ପତ୍ରପୁରର ବ୍ରାହ୍ମଣୀ ନଦୀ କୂଳରେ ଦରଘା ଅବସ୍ଥିତ। ପ୍ରତ୍ୟେକ ବର୍ଷ ରଜପର୍ବ ଅବସରରେ ଏଠାରେ ତିନିଦିନ ବ୍ୟାପୀ ମହା ଆଡମ୍ବରରେ ମୀନାବଜର, ରାମଦୋଳି, ଦୋଳି, ବିଭିନ୍ନ ଷ୍ଟଲ, ବିଭିନ୍ନଫାଷ୍ଟଫୁଡ ଦୋକାନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦୀର୍ଘ ୨୦୦ରୁ ୩୦୦ ବର୍ଷ ହେବ ପୀରଦରଘା ପ୍ରାଙ୍ଗଣରେ ରଜ ପର୍ବ ମହାସମାରୋହରେ ପାଳିତ ହୋଇଆସୁଅଛି।

ଉକ୍ତ ପୀର ଦାରଘାଙ୍କ ଠାରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ଲୋକମାନେ ମିଳିତ ଏହି ପର୍ବ ପାଳନ କରନ୍ତି । ଉକ୍ତ ଦାରଘାଙ୍କ ଠାରେ ସେକ ଲୋକମାନ ନାମକ ଜଣେ ମୁସଲମାନ ପୂଜକ ଏଠାରେ ପୂଜା କରୁଥିବାବେଳେ ତାଙ୍କର ପୂର୍ବଜ ଏଠାରେ ପୂଜା କରୁଥିଲେ ଯାହାଙ୍କୁ ଆଳିର ରାଜା ବ୍ରଜସୁନ୍ଦର ଦେବଙ୍କ ପୂର୍ବରୁ ତିନିପୀଢ଼ିର ରାଜା ଏହି ଦାୟିତ୍ୱ ହସ୍ତାନ୍ତର କରିଥିଲେ, ଠିକ ସେହିପରି ବର୍ତ୍ତମାନ ହିନ୍ଦୁ ସମ୍ପ୍ରଦାୟର ଶଶିକାନ୍ତ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଭୋଗ ପ୍ରସ୍ତୁତ ହେଉଛି ତାଙ୍କ ପୂର୍ବଜଙ୍କୁ ମଧ୍ୟ ରାଜାଙ୍କ ଦ୍ୱାରା ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପୂର୍ବରୁ ଏକ ଚାଳ ଛପର ଘରେ ଦରଘା ଅବସ୍ଥିତ ଥିଲେ ମାତ୍ର ଆଳି ରାଜା ବ୍ରଜସୁନ୍ଦର ଦେଓ୍ୱଙ୍କ ଦ୍ୱାରା ଦରଘାଙ୍କ ଗୃହ ନିର୍ମାଣ କରଯାଇଥିଲା । ୨୦ ବର୍ଷ ହେବ ଏଠାରେ ହର୍ଷ ନାମକ ଏକ ପର୍ବ ମଧ୍ୟ ଅନୁଷ୍ଠିତ ହେଇଆସୁଛି। ଅନେକ ଭକ୍ତଙ୍କ ମନସ୍କାମନା ପୂରଣ ହେଉଥିବାରୁ ଦରଘାଙ୍କ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ପ୍ରବଳ ଭାବେ ବୃଦ୍ଧି ପାଉଛି । ଆଖପାଖ ଅନେକ ଗାଁ ତଥା ଦୂର ଦୁରାନ୍ତରୁ ଭକ୍ତମାନେ ଏଠାକୁ ଆସି ଦରଘାଙ୍କ ସାନିଧ୍ୟ ଲାଭ କରୁଛନ୍ତି ।

ଉକ୍ତ ରଜପର୍ବ ଏକ ଭାଇଚାରାର ପର୍ବ ଭାବେ ଏଠାରେ ଦେଖିବାକୁ ମିଳେ। ପତ୍ରପୁର ଓ ଗୋପାଳପୁର ଗ୍ରାମର ଯୁବ ସଂପ୍ରଦାୟ, ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକମାନଙ୍କ ଉଦ୍ୟମରେ ଶାନ୍ତି ଶୃଙ୍ଖଳାର ସହିତ ପ୍ରତି ବର୍ଷ ପରି ଚଳିତ ବର୍ଷ ରଜମହୋତ୍ସବ ସମାପନ ହୋଇଅଛି।

## ମା' ହରଚଣ୍ଡୀଙ୍କୁ ଦର୍ଶନ କଲେ ମାହାଙ୍ଗା ବିଧାୟକ



ନିଶ୍ଚିନ୍ତକୋଇ,୧୬।୬ (ସଂଚାର ବ୍ୟୁରୋ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅନ୍ତର୍ଗତ କେରିଲୋ ପଞ୍ଚାୟତ ଛପଚିକଣା ସ୍ଥିତ ମା' ହରଚଣ୍ଡୀଙ୍କ ମନ୍ଦିରକୁ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ପହଞ୍ଚି ମା'ଙ୍କୁ ଜଗଦ୍ଧାତ୍ରୀ ବେଶରେ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ପ୍ରଧାନ ମନ୍ଦିର ପୂଜକ ଓ ସେବାୟତ ମାନଙ୍କ ସହିତ ମନ୍ଦିରର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ଜିତେନ୍ଦ୍ରନାଥ ଶତପଥୀ, ଅଶୋକ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ମିହିର କୁମାର ମିଶ୍ର, ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସରପଞ୍ଚ ପ୍ରଦୀପ୍ତ କୁମାର ପରିଡ଼ା, ହରମୋହନ ପଣ୍ଡା, ରାଜେନ୍ଦ୍ର କୁମାର ଲେଙ୍କା, ମଣ୍ଡଳ ସଭାପତି ବିନୋଦ କୁମାର ସାମଲ, ଦେବଦତ୍ତ କର, ଆତ୍ମା ସଭାପତି ଅଶୋକ କୁମାର ସାହୁ, କେରିଲୋ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଜିତ୍ କୁମାର ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ବୈକୁଣ୍ଠନାଥ ସିଂହ, ପିତାମ୍ବର ମହାନ୍ତି, ସମୀର କେତନ ରାଉତ, ମନୋରଞ୍ଜନ ବଳ ପ୍ରମୁଖଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ ଯୋଗ ଦେଇ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ।

## ବରିଷ୍ଠ ନାଗରିକ ହତାଦର ଦିବସ ପାଳିତ



ମାହାଙ୍ଗା,୧୬।୬ (ସଂଚାର ବ୍ୟୁରୋ): ପବିତ୍ର ରଜ ମହୋତ୍ସବ ଅବସରରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗ ପଞ୍ଚାୟତ ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ମାହାଙ୍ଗା(ନୁର୍ତାଙ୍ଗ) ପକ୍ଷରୁ ବରିଷ୍ଠ ନାଗରିକ ହତାଦର ଦିବସ ପ୍ରଭୁ ଗୋବର୍ଦ୍ଧନେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ମଞ୍ଚ ସମ୍ପାଦକ ମାଧବ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନା ଓ ମଞ୍ଚ ସଭାପତି ସୂର୍ଯ୍ୟମଣି ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରତାପ କୁମାର ଚୌଧୁରୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶିବ ପ୍ରସାଦ ଦାଶ, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ମାନିତ ବକ୍ତା ଭାବେ ଶ୍ୟାମସୁନ୍ଦର ସ୍ୱାଇଁ, ଶିକ୍ଷାବିତ ଆରତି ପଣ୍ଡା ପ୍ରମୁଖ ଯୋଗଦେଇ ଆଜିର ସମାଜରେ ବୃଦ୍ଧବୃଦ୍ଧା ମାନଙ୍କୁ କିପରି ହତାଦର କରାଯାଉଛି ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେହିପରି ବରିଷ୍ଠ ନାଗରିକ ମାନଙ୍କୁ ସରକାରଙ୍କ ପକ୍ଷରୁ ସବୁ କ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା କରାଯିବା ପାଇଁ ଅନୁରୂପ ଦାବି କରିଥିଲେ।

ସହ ସମ୍ପାଦକ ଜଳଧର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୁରୁଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୁଷୋତମ ସ୍ୱାଇଁ, ରମାକାନ୍ତ ବରାଳ, ବ୍ରଜବନ୍ଧୁ ବେହେରା, ଭାସ୍କର ଚନ୍ଦ୍ର ଲେଙ୍କା, ଗୋବିନ୍ଦ ଚନ୍ଦ୍ର ବାରିକ, ଗଣେଶ୍ୱର ବାରିକ, ସୁରେନ୍ଦ୍ର ମାଢେଇ, ବିଶ୍ୱଜିତ ସେଠୀ, ସୁନାକର ବେହେରା, ବିଷ୍ଣୁଚରଣ ମାଝି, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ପ୍ରଦୀପ୍ତ କୁମାର ଚୌଧୁରୀ, ଶମ୍ଭୁନାଥ ବାରିକ, ବୀରକିଶୋର ପଲେଇ, ନଗେନ୍ଦ୍ର ସାହୁ, ରାମଚନ୍ଦ୍ର ପୃଷ୍ଟି, କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ବହୁ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ରଜ ଅବସରରେ ରାମଲୀଳା ପ୍ରଦର୍ଶନ

ଡେରାବିଶ,୧୬।୬ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ରଜପର୍ବ ଅବସରରେ ରାମଲୀଳା ପ୍ରଦର୍ଶିତ ହେଉଅଛି। ବାଲିସାହି ସ୍ଥିତ ଶ୍ରୀ ରଘୁନାଥଜୀଉ ଶ୍ରୀରାମନବମୀ କମିଟି ଆନୁକୂଲ୍ୟରେ ଆୟୋଜିତ ୪୩ ତମ ରାମଲୀଳା ଉତ୍ସବରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ଶ୍ରୀରାମଙ୍କ ଲୀଳା ଅଭିନିତ କରାଯାଇଥାଏ। ସୁନ୍ଦର ସାଜସଜ୍ଜାରେ ଅନୁଷ୍ଠିତ ଏହି ନିର୍ବାକ ଅଭିନୟର ସଂଳାପ (ବଚନିକା) ପ୍ରଦୀପ କୁମାର ପଣ୍ଡା ପାଠ କରିଥାନ୍ତି। ଗ୍ରାମର ଦୁର୍ଗା ପ୍ରସାଦ କାଣ୍ଡି, କେଶବ କାଣ୍ଡି, ଗଣେଶ୍ୱର କାଣ୍ଡି, କାର୍ତିକ କାଣ୍ଡି, ବ୍ରଜକିଶୋର କାଣ୍ଡ, ଗୁରୁଚରଣ ଯେନା, ଦୋଳଗୋବିନ୍ଦ ଜେନା, ନରୋଶ ଜେନା, ମଙ୍ଗୁଳି ଚରଣ କାଣ୍ଡି, ମାନସ କୁଚମାର ଜେନା, ରାକେଶ ସେଠୀ ପ୍ରମୁଖ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ପ୍ରତିବର୍ଷ ଏହି ଉତ୍ସବ ରଜ ଅବସରରେ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଏହି ଅଭିନୟ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ରାମପ୍ରେମୀମାନେ ଯୋଗ ଦେଇଥାନ୍ତି।



## ବିଶ୍ୱ ବୟସ୍କ ମାନସିକ ଓ ଶାରୀରିକ ନିର୍ଯାତନା ସଚେତନତା ଦିବସ ପାଳିତ





ପଟ୍ଟାମୁଣ୍ଡାଇ, ୧୬।୬ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ୍ ସେବା ସମିତି ପକ୍ଷରୁ ବିଶ୍ୱ ବୟସ୍କ ମାନସିକ ଓ ଶାରିରୀକ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଏକ ବରିଷ୍ଠ ନାଗରିକଙ୍କ ଅଧିକାର ସଶକ୍ତିକରଣ ଏବଂ ମର୍ଯ୍ୟାଦା ସମ୍ପର୍କରେ ଏକ ଆଲୋଚନାଚକ୍ର ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେ ଏମ ଏଫ ସି ଡି କେ ବାଲକ୍ରିଷ୍ଣନ୍, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଓକିଲ ସଂଘ ସଭାପତି ସୂର୍ଯ୍ୟ ରଞ୍ଜନ ରାଉଳ,ସରକାରୀ ଓକିଲ ଧିରେନ୍ଦ୍ରନାଥ ସାହୁ,ଓକିଲ ବିଜୟ କୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଅଧିକାର ସଶକ୍ତିକରଣ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିବା ସହିତ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

## କଳିଙ୍ଗନଗର ବିସ୍ଥାପିତଙ୍କ ଆଶା ଏବେ ବି ପ୍ରତିଶ୍ରୁତିରେ ସୀମିତ


- ୨୧ ମାସ ଧରି ନିରବ ପ୍ରଶାସନ
- ବର୍ଷକୁ ୪ ଥର ବୈଠକର ନିୟମ, ୨୧ ମାସ ହେଲା ଆର୍‌ପିଡିଏସି ବସିନି
- ବଢୁଛି ଅସନ୍ତୋଷ

ଯାଜପୁର,୧୬।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଶିଳ୍ପ ବିକାଶର ମୁଖ୍ୟ କେନ୍ଦ୍ର ଭାବେ ପରିଚିତ କଳିଙ୍ଗନଗର ଶିଳ୍ପାଞ୍ଚଳ ଆଜି ଦେଶର ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହଜାର ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପ, ଇସ୍ପାତ କାରଖାନା ଓ ଖଣି ଭିତ୍ତିକ ଶିଳ୍ପ ରାଜ୍ୟର ଅର୍ଥନୀତିକୁ ସମୃଦ୍ଧ କରୁଥିବା ବେଳେ, ଏହି ଶିଳ୍ପାୟନ ପାଇଁ ନିଜର ଜମି, ଘର ଓ ଜୀବିକା ହରାଇଥିବା ବିସ୍ଥାପିତ ପରିବାରଙ୍କ ଦୁଃଖ ଏବେ ବି ଅମିମାଂସିତ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଗଠିତ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ନିୟମ ଅନୁଯାୟୀ ବର୍ଷକୁ ଅତି କମରେ ଚାରିଥର ବସିବା କଥା। କିନ୍ତୁ ଦୁଃଖର ବିଷୟ, ଶେଷ ବୈଠକକୁ ୨୧ ମାସ ବିତି ଯାଇଥିଲେ ମଧ୍ୟ ପରବର୍ତ୍ତୀ ବୈଠକ ଆୟୋଜନ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ଏହାକୁ ନେଇ ବିସ୍ଥାପିତ ମହଲରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ୩୦ ଜାନୁଆରୀ ୨୦୨୬ରେ ଆର୍‌ପିଡିଏସି ବୈଠକ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବୈଠକକୁ ଘୁଞ୍ଚାଇ ଦିଆଗଲା। ଏହାର ପ୍ରାୟ ପାଞ୍ଚ ମାସ ବିତିଯାଇଥିଲେ ମଧ୍ୟ ନୂଆ ତାରିଖ ଘୋଷଣା ହୋଇନଥିବାରୁ ପ୍ରଶାସନର ଆନ୍ତରିକତା ଉପରେ ପ୍ରଶ୍ନ ଉଠିଛି।

ଗତ ୨୧ ସେପ୍ଟେମ୍ବର ୨୦୨୪ରେ ଦୀର୍ଘ ଆଠ ବର୍ଷ ପରେ ଆର୍‌ପିଡିଏସି ବୈଠକ ଅନୁଷ୍ଠିତ ହୋଇଥିଲା। ସେତେବେଳେ ବିସ୍ଥାପିତମାନେ ଆଶା କରିଥିଲେ ଯେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ସମସ୍ୟାର ସମାଧାନ ହେବ। ବୈଠକରେ ନିଯୁକ୍ତି, ବିସ୍ଥାପିତ ଉତ୍ତରାଧିକାରୀଙ୍କୁ ଚାକିରି, କାନ୍ତିପୁର କଲୋନୀର ବିକାଶ, ରାବଣା ଛକରେ ରୋଟାରି, ରାସ୍ତା ସମସ୍ୟା ଏବଂ କୁଡୁମିସାହି ଓ ସାରଙ୍ଗପୁରକୁ ବିସ୍ଥାପିତ ଗ୍ରାମ ଘୋଷଣା ଭଳି ଅନେକ ଦାବି ଉଠିଥିଲା।ହେଲେ ବୈଠକ ପରେ ଏହି ସମସ୍ତ ପ୍ରସଙ୍ଗ କେବଳ କାର୍ଯ୍ୟବିବରଣୀ (ପ୍ରୋସିଡିଂ) ଓ ଭାଷଣରେ ସୀମିତ ରହିଯାଇଥିବା ଅଭିଯୋଗ ହେଉଛି। କଳିଙ୍ଗନଗରରେ ଗୋଟାଏ ପରେ ଗୋଟାଏ ବୃହତ୍ ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି। ନୂତନ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ଓ ଜନଶୁଣାଣି ପ୍ରକ୍ରିୟା ଦ୍ରୁତ ଗତିରେ ହେଉଥିବା ବେଳେ, ଜମି ହରାଇଥିବା ପରିବାରଙ୍କ ପୁନର୍ବାସ ଓ ନିଯୁକ୍ତି ପ୍ରସଙ୍ଗରେ ପ୍ରଶାସନର ଉଦାସୀନତା ସ୍ପଷ୍ଟ ହେଉଥିବା ଅଭିଯୋଗ ହେଉଛି। ବିଶେଷକରି ମେସ୍କୋ ଷ୍ଟିଲ୍ ବନ୍ଦ ହୋଇଯିବା ପରେ ଅନେକ ବିସ୍ଥାପିତ ପରିବାର ଆର୍ଥିକ ସଙ୍କଟରେ ଦିନ କାଟୁଛନ୍ତି। ଏପରି ସମୟରେ ପିଢ଼ି ପରେ ପିଢ଼ି ନିଯୁକ୍ତି ଦାବି ଏବେ ବି ଅପୂରଣୀୟ ରହିଛି।

## ସୋସିଆଲ ମିଡିଆରେ ଅପପ୍ରଚାରକୁ ନେଇ ଥାନା ଦ୍ୱାରସ୍ଥ ହେଲେ ରେଭିନ୍ୟୁ ସୁପରଭାଇଜର



ବାଲିଆପାଳ, ୧୬।୬ (ସଂଚାର ବ୍ୟୁରୋ): ବିନା କାରଣରେ ନିଜ ନାମ ଓ ଫୋଟ ସୋସିଆଲ ମିଡ଼ିଆରେ ଅପପ୍ରଚାରକୁ ନେଇ ଥାନାର ଦ୍ୱାରସ୍ଥ ହେଲେ ରେଭନିୟୁ ସୁପରଭାଇଜର, ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଂଚଳରେ।

ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଖବର ଟୁ ଡେ ଓଡିଶା ନାମକ ଜୈନିକ ସୋସିଆଲ ମିଡ଼ିଆରେ ଜଳେଶ୍ୱର ତହସିଲର ରାଜସ୍ୱ ସୁପର ଭାଇଜର ସରତ କୁମାର ବେହେରା ଏକ ମାଟି ଟ୍ରାକ୍ଟର ଛାଡ଼ିବା ପାଇଁ ଟଙ୍କା ମୁଲଚାଲ କରୁଥିବା ନେଇ ଖବର ପ୍ରସାରଣ କରିବା ସହିତ ଶରତକୁ ସମାଜରେ ବଦନାମ କରିବାପାଇଁ ତାଙ୍କ ଫୋଟକୁ ଭାଇରାଲ କରାଯାଉଛି। ଯେଉଁ ଭଏସ ଭାଇରାଲ ହେଉଛି ତାହା ସୁପରଭାଇଜର ସରତର ହୋଇ ନ ଥିଲା ବେଳେ ଉକ୍ତ ଗଣମାଧ୍ୟମ କୌଣସି ସତ୍ୟାସତ୍ୟ ନ ଜାଣି ସୋସିଆଲ ମିଡ଼ିଆରେ ତାଙ୍କ ନାମ ସହିତ ଫଟୋକୁ ନେଇ ଭାଇରାଲ କରିବା ସହିତ ତାଙ୍କୁ ବଦନାମ କରୁଛି। ଯାହା ଫଳରେ ତାଙ୍କର ସାମାଜିକ ମର୍ଯ୍ୟାଦା ଖୁର୍ଣ୍ଣ ହେବା ସହିତ ସେ ସମାଜରେ ବଦନାମ ହେଉଛନ୍ତି। ଏଥିପାଇଁ ସେ ମାନସିକ ଚିନ୍ତାରେ ରହୁଛନ୍ତି।

ଅନ୍ୟ ପଟେ ବଡ଼ ଖବର ନାମକ ଏକ ସୋସିଆଲ ମିଡ଼ିଆରେ ନିଜକୁ ସାମ୍ବାଦିକ ବୋଲାଉଥିବା ସଞ୍ଜୟ ଦାସ ବାରମ୍ବାର ତାଙ୍କୁ ହ୍ୱାଟ୍ସଆପରେ ନିୟୁଜ ପଠାଇ ହରସାମେଣ୍ଟ କରୁଛି। ସରତ ବେହେରା ନ୍ୟାୟ ପାଇବା ସହିତ ଉକ୍ତ ଖବର ଟୁ ଡେ ନାମକ ସୋସିଆଲ ଓ ସାମ୍ବାଦିକ ସଞ୍ଜୟ ଦାସଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ଜଳେଶ୍ୱର ଥାନାରେ କରିଛନ୍ତି।

# ୨୧ରୁ ରାଜ୍ୟବ୍ୟାପୀ 'ସୁଭଦ୍ରା ଶକ୍ତି ସମାବେଶ'

## କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା




ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ରଜ ପର୍ବର ଶେଷ ଦିନରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ରାଜ୍ୟବ୍ୟାପୀ ଆୟୋଜିତ ହେବାକୁ ଥିବା 'ସୁଭଦ୍ରା ଶକ୍ତି ସମାବେଶ' କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ। ଆସନ୍ତା ଜୁନ ୨୧ରୁ ୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ 'ସୁଭଦ୍ରା ଶକ୍ତି ସମାବେଶ' ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଜୀବିକା ସୁଯୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ, ବଜାର ସଂଯୋଗ ଓ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି ଦିଗରେ ସଚେତନ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲାରେ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଆୟୋଜନ ନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହାପରେ ମିଶନ ଶକ୍ତି ଭବନର ସମ୍ମିଳନୀ ଗୃହରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୩୦୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପବିତ୍ର ରଜ ପର୍ବର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ ଯେ ମିଶନ ଶକ୍ତିର ସଫଳତା ପଛରେ କମ୍ୟୁନିଟି ସପୋର୍ଟ ଷ୍ଟାଫମାନଙ୍କ ନିଷ୍ଠା, ପରିଶ୍ରମ ଓ କର୍ମଦକ୍ଷତା ହିଁ ପ୍ରମୁଖ ଶକ୍ତି। ସେମାନଙ୍କ ନିରନ୍ତର ପ୍ରୟାସ ଯୋଗୁଁ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ସଫଳତାର ସହ କାର୍ଯ୍ୟକାରୀ ହୋଇପାରୁଛି। ଏହି ଅବସରରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ସେମାନଙ୍କ କାର୍ଯ୍ୟ ଅନୁଭୂତି, ସଫଳତା, କ୍ଷେତ୍ର ସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେଗୁଡ଼ିକର ସମାଧାନ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭାବେ ଅବଗତ କରାଇଥିଲେ। ଜିଲ୍ଲା ଓ ବ୍ଲକ୍ ସ୍ତରରେ ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଶକ୍ତିକରଣ, ଆଜୀବିକା ବୃଦ୍ଧି ଓ କ୍ଷେତ୍ର ସ୍ତରର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।

## ପୁଣି କେନ୍ଦ୍ରାପଡ଼ାରେ ଲଜ୍ଜା

# ଝାଡୁ ବିକାଳି ଯୁବତୀଙ୍କୁ ଗଣଦୁଷ୍କର୍ମ



କେନ୍ଦ୍ରାପଡ଼ା,୧୬।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଏସପିଙ୍କ କାର୍ଯ୍ୟାଳୟ ନିକଟ ରାସ୍ତା କଡରେ ତମ୍ବୁରେ ରହି ଝାଡୁ ବିକୁଥିବା ଛତିଶଗଡ଼ର ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଏନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଅଭିଯୋଗ ହେବା ପରେ ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ ଛତିଶଗଡ଼ର କେତେକ ଲୋକ ଏସପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଶାହ ମିଟର ଦୂରରେ ଥିବା ରାସ୍ତାକଡ଼ର ଏକ ସରକାରୀ ଜମିରେ ତମ୍ବୁ ପକାଇ ରହୁଛନ୍ତି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଝାଡୁ ବିକ୍ରି କରି ସେମାନେ ପରିବାର ପ୍ରତିପୋଷଣ କରୁଥିଲେ। ବିଳମ୍ବିତ ରାତିରେ ତମ୍ବୁ ମଧ୍ୟରେ ଶୋଇଥିବା ଜଣେ ଯୁବତୀଙ୍କୁ ୨ ଜଣ ଯୁବକ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ କରିବା ପରେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡି ଫେରାର୍ ହୋଇଯାଇଥିଲେ। ସକାଳେ ଯୁବତୀଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତମ୍ବୁରେ ଯୁବତୀ ନ ଥିଲେ। ନିକଟସ୍ଥ ଜଙ୍ଗଲରେ ଯୁବତୀ ଜଣଙ୍କ ଅଚେତ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏସପିଙ୍କ କାର୍ଯ୍ୟାଳୟ ନିକଟରେ ଘଟଣାଟି ଘଟିଥିବାରୁ ଏସପି ସିଦ୍ଧାର୍ଥ କଟାରିଆ ଘଟଣାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ଏ ଦିଗରେ ସଠିକ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସପି। ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଅଭିଯୋଗ ପାଇବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବ୍ରାଉନସୁଗର ଜବତ, ୧୧ ଗିରଫ



ଫୁଲବାଣୀ,୧୬।୬(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ନିଶା କାରବାର ଉପରେ ରୋକ ଲଗାଇବା ସକାଶେ ବିଭିନ୍ନ ଜିଲ୍ଲାରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି କ୍ରମରେ କନ୍ଧମାଳ ଏସପି ରାଜେନ୍ଦ୍ର ପ୍ରସାଦଙ୍କ ସ୍ୱତନ୍ତ୍ର ଅଭିଯାନ କ୍ରମେ ଫୁଲବାଣୀ ଟାଉନ ପୁଲିସ ଏକ ବ୍ରାଉନସୁଗର ଚୋରା ଚାଲାଣ କରୁଥିବା ଗ୍ୟାଙ୍ଗକୁ ଠାବ କରିଛି। ଉକ୍ତ ଗ୍ୟାଙ୍ଗର ୧୧ ଜଣ ସଦସ୍ୟଙ୍କୁ ଫୁଲବାଣୀ ସାହିରୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, ଏସପି ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଫୁଲବାଣୀ ଆଦର୍ଶ ଥାନା ଅଧିକାରୀ ପ୍ରଜ୍ଞା ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଢି ଫୁଲବାଣୀ ସହରର ଫୁଲବାଣୀ ସାହି ନିକଟରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ କିଙ୍ଗପିନ୍ ଶିବାର୍ପିତ ପଟ୍ଟନାୟକ ଓ ନିଲମ୍ବିତ ପୁଲିସ ଅଧିକାରୀ ମନୋରଞ୍ଜନ ସାବତ ରହିଥିବା ଜଣାପଡ଼ିଛି। ଏହାଛଡ଼ା ଆୟୁଷ କୁମାର ମହାପାତ୍ର, ଦେବାଶିଷ ମହାପାତ୍ର, ଶ୍ରୀଧର ମହାନ୍ତି, ସାମାଷ୍ଟକ ମହାନ୍ତି, ନୀଳମଣି ବାରିକ, ବାଳକୃଷ୍ଣ ମଲିକ, ବାଲୁଙ୍କେଶ୍ୱର ନାୟକ, ଜଗତ କହଁର, ଅବକିଷ୍ଟ ଦିଗାଲ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏଥିସହ ପୁଲିସ୍ ୭ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରିଛି, ଯାହାର ବଜାର ମୂଲ୍ୟ ପାଖାପାଖି ୩ ଲକ୍ଷ ଟଙ୍କା ହେବ। ଏଥିସହ ୨ଟି ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଏନେଇ ଟାଉନ ଥାନାରେ ୧୬୮/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି।

## କଣ୍ଠଶିଳ୍ପୀ ବିଜୟିନୀ ଦାଶଙ୍କୁ ସମ୍ବର୍ଦ୍ଧନା



ଦଶରଥପୁର,୧୬।୬ (ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକ ଅଧୀନସ୍ଥ ଜାଫରପୁର ଗ୍ରାମର ବିଚିତ୍ର କୁମାର ଦାଶଙ୍କ କନ୍ୟା କଣ୍ଠଶିଳ୍ପୀ ବିଜୟିନୀ ଦାଶଙ୍କୁ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଧୀରେନ୍ଦ୍ର କୁମାର ମଲ୍ଲିକ ତାଙ୍କ ଘରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଚନ୍ଦ୍ରାବତୀ ଭିଜନ୍‌ର ପଞ୍ଚମ ଅବଦାନ 'ସିନ୍ଦୂର କହିବ ତୁମେ ମୋର' ଚଳଚ୍ଚିତ୍ରରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଶାଙ୍କ ଶେଖରଙ୍କ ସହ ଶୀର୍ଷକ ସଙ୍ଗୀତରେ କଣ୍ଠଦାନ କରି ସେ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୟିନୀଙ୍କ ସପରିବାର ଓ ତାଙ୍କ ଗୁରୁ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଉପସ୍ଥିତ ଥିଲେ।

## ବେଦାନ୍ତର ଜୈବିକ କୃଷିରୁ ୧୭୦ ପରିବାର ଉପକୃତ



ଭୁବନେଶ୍ୱର,୧୬।୬ (ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସଙ୍ଗମ ପ୍ରକଳ୍ପ ଅଧୀନରେ ନିଜର ଭର୍ମିକମ୍ପୋଷ୍ଟ ଓ ଆଜୋଲା ପ୍ରୋତ୍ସାହନ ଜରିଆରେ କଳାହାଣ୍ଡି ଜିଲ୍ଲାରେ ସ୍ଥାୟୀ କୃଷି ପ୍ରଣାଳୀକୁ ସୁଦୃଢ଼ କରିଛି। ଏଥିରେ ୨୭ଟି ଗାଁର ୧୭୦ଟି ଆଦିବାସୀ ପରିବାରକୁ ଉପକୃତ ହୋଇଛନ୍ତି। କମ୍ପାନୀ ଘରୋଇ ସ୍ତରରେ ୧୪୦ଟି ଭର୍ମିକମ୍ପୋଷ୍ଟ ୟୁନିଟ୍ ଓ ୩୦ଟି ଆଜୋଲା ଚାଷ ପ୍ରଣାଳୀ ପ୍ରତିଷ୍ଠା କରିଛି। କୃଷକମାନେ ସେମାନଙ୍କ ଅଞ୍ଚଳରେ ମିଳୁଥିବା ଜୈବିକ ସମ୍ବଳ ଯେପରିକି ଗୋବର, ଫସଲର ଅବଶିଷ୍ଟାଂଶ ଏବଂ ରୋଷେଇ ଘର ବର୍ଜ୍ୟକୁ ଉନ୍ନତମାନର ଖତ ଏବଂ ପଶୁ ଖାଦ୍ୟରେ ପରିଣତ କରିପାରିବେ। ଗୋଷ୍ଠୀ ପରିଚାଳିତ ପଦକ୍ଷେପ ଭାବେ ପରିକଳ୍ପିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ପରିବାର, ମହିଳା ଚାଷୀ ଏବଂ ଛେଳି ପାଳନ କରୁଥିବା ଗୋଷ୍ଠୀ (ଜିଆରଜି) ମାନଙ୍କୁ ପ୍ରାଥମିକତା ଦିଆଯାଇଛି। କୃଷକମାନେ ଖତ ପ୍ରସ୍ତୁତି ଓ ବ୍ୟବହାର, ଆର୍ଦ୍ରତା ପରିଚାଳନା, ଜିଆମାନଙ୍କ ଯତ୍ନ ଓ ଆଜୋଲା ଚାଷ ଉପରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ପୂର୍ବରୁ ଫିଙ୍ଗି ଦିଆଯାଉଥିବା କିମ୍ବା ଜଳାଇ ଦିଆଯାଉଥିବା ଜୈବିକ ବର୍ଜ୍ୟବସ୍ତୁ ବର୍ତ୍ତମାନ ୪୫ ରୁ ୬୦ ଦିନ ମଧ୍ୟରେ ଉଚ୍ଚ ମାନର ଖତରେ ରୂପାନ୍ତରିତ ହେଉଛି, ଯାହା ଚାଷ କାର୍ଯ୍ୟରେ ବହୁଳଭାବେ ବ୍ୟବହାର କରାଯାଉଛି। ଏହି ପଦକ୍ଷେପ ସମ୍ପର୍କରେ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ସ୍ଥାୟୀ ଗ୍ରାମୀଣ ଇକୋସିଷ୍ଟମ ନିର୍ମାଣ ପାଇଁ ସ୍ଥାନୀୟ ସ୍ତରରେ ପ୍ରାସଙ୍ଗିକ, ଦକ୍ଷତା ଭିତ୍ତିକ ସମ୍ବଳ ଏବଂ ନିର୍ଦ୍ଦିଷ୍ଟ ସମାଧାନର ଆବଶ୍ୟକତା ରହିଛି। କଳାହାଣ୍ଡିରେ ଆମର ପଦକ୍ଷେପ ମାଧ୍ୟମରେ ଆମେ କୃଷକମାନଙ୍କୁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବା ଏବଂ ଦୀର୍ଘକାଳୀନ ଜୀବିକା ନିର୍ବାହକୁ ସୁଦୃଢ଼ କରିବାରେ ସକ୍ଷମ କରୁଛୁ।

### ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଓଏସ୍ଆର୍‌ଟିସି ଓ କ୍ରୁଟ୍ ପକ୍ଷରୁ ନିଃଶୁଳ୍କ ବସ୍ ସେବା

# ସେବାର ସୁପରିଚାଳନା ପାଇଁ ଆର୍‌ଟିଓଙ୍କ ସହ ସମୀକ୍ଷା ବୈଠକ

## ପ୍ରମୁଖ ବସଷ୍ଟାଣ୍ଡ ଓ ରେଳଷ୍ଟେସନରୁ ପରୀକ୍ଷା କେନ୍ଦ୍ର ଯାଏଁ ବସ୍ ସେବା



ଭୁବନେଶ୍ୱର/କଟକ,୧୬।୬ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଭାଗ ପକ୍ଷରୁ ଆସନ୍ତା ୨୧ ତାରିଖରେ 'ନିଟ୍' ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ବସ୍ ସେବାର ବ୍ୟବସ୍ଥା କରାଯାଇଛି, ଯାହାକୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ଓ କମ୍ପ୍ରିହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ମିଳିତ ଭାବେ ପରିଚାଳନା କରୁଛନ୍ତି। ଏହି ବ୍ୟବସ୍ଥା ଅଧୀନରେ ଓଏସ୍ଆର୍‌ଟିସି, ମୁଖ୍ୟମନ୍ତ୍ରୀ ବସ୍ ସେବା ଓ 'ଆମ ବସ୍' ମାଧ୍ୟମରେ ପ୍ରମୁଖ ରେଳ ଷ୍ଟେସନ ଏବଂ ବସଷ୍ଟାଣ୍ଡଗୁଡ଼ିକରୁ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବସ୍ ସେବା ସିଧାସଳଖ ଉପଲବ୍ଧ ହେବ। ରାଜ୍ୟର ୧୩୩ଟି କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ସମସ୍ତ ପରୀକ୍ଷାର୍ଥୀ ସରକାରଙ୍କ ଦ୍ୱାରା ପରିଚାଳିତ ବସ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ବସରେ ନିଜର ବୈଧ ପ୍ରବେଶ ପତ୍ର ଦେଖାଇ ଏହି ସୁବିଧାର ଲାଭ ଉଠାଇପାରିବେ। ପରୀକ୍ଷାର୍ଥୀଙ୍କ ଯାତାୟାତ ପାଇଁ ବସ୍‌ଗୁଡ଼ିକ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ପୂର୍ବରୁ ଓ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ସରିବା ପରେ ସମସ୍ତ ପରୀକ୍ଷାର୍ଥୀ ନିଜ ନିଜ ସ୍ଥାନକୁ ଫେରିବା ପର୍ଯ୍ୟନ୍ତ ଏହି ନିଃଶୁଳ୍କ ସେବା ଜାରି ରହିବ। ଓଏସ୍ଆର୍‌ଟିସି ଓ କ୍ରୁଟ୍ ପକ୍ଷରୁ ନିଃଶୁଳ୍କ ବସ ସେବାର ସୁପରିଚାଳନା ତଥା ପ୍ରତି ଜିଲ୍ଲାରେ ସଠିକ୍ ସମନ୍ୱୟ ପାଇଁ ପରିବହନ ଆୟୁକ୍ତଙ୍କ ଦ୍ୱାରା ଆହୁତ ବୈଠକରେ ସମସ୍ତ ଆର୍‌ଟିଓମାନଙ୍କ ସହ ଆଲୋଚନା କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବସଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର ବ୍ୟବସ୍ଥା କରାଯିବା ସହ ପରୀକ୍ଷାର୍ଥୀଙ୍କ ସହଜ ଯାତାୟାତ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି, ଯାହାଦ୍ୱାରା ଜିଲ୍ଲା ପ୍ରଶାସନ ମଧ୍ୟ ସକ୍ରିୟତାର ସହ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିବେ। ଏଥିସହ ଏହି ସେବା ସମ୍ପର୍କରେ ପରୀକ୍ଷାର୍ଥୀଙ୍କ ନିକଟରେ ସୂଚନା ପହଞ୍ଚାଇବାକୁ ସୋସିଆଲ ମିଡିଆରେ ତଥ୍ୟ ପ୍ରଦାନ କରିବା ଓ ହେଲ୍ପଲାଇନ ନମ୍ବର ଦେବାକୁ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଯୁବ ସଂସଦ ପ୍ରତିଯୋଗିତାରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାସ୍ଥିତ ମହାସିଙ୍ଗିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ତିରୁପତିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଓଜିଲିରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ-ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ୪ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଆଞ୍ଚଳିକସ୍ତରୀୟ ଚାମ୍ପିଅନ୍ ହେବା ପରେ ମହାସିଙ୍ଗି ଆଦର୍ଶ ବିଦ୍ୟାଳୟ ଏହି ସମ୍ମାନଜନକ ସଫଳତା ହାସଲ କରିଛି। ଦେଶର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପାଇଁ ପ୍ରଥମ ଥର ଜାତୀୟ ଯୁବ ସଂସଦ ପ୍ରତିଯୋଗିତାର ଆୟୋଜନ କରିଛି ନ୍ୟାସନାଲ ଏଜୁକେଶନ ସୋସାଇଟି ଫର୍ ଟ୍ରାଇବଲ୍ ଷ୍ଟୁଡେଣ୍ଟ। ଦେଶର ୩୬ଟି ମନୋନୀତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଆଞ୍ଚଳିକ, ଜୋନାଲ ଓ ଜାତୀୟ ସ୍ତରରେ ଏହି ପ୍ରତିଯୋଗିତା ହେଉଛି। ଏହି ପ୍ରୟାସ ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମ୍ବିଧାନିକ ସଚେତନତା, ନେତୃତ୍ୱ ଗୁଣବତ୍ତା ଓ ସଂସଦୀୟ ନୀତିକୁ ବୁଝିବାରେ ସହାୟକ ହେବ। ମହାସିଙ୍ଗି ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ୫୮ ଜଣ ଛାତ୍ରଛାତ୍ରୀ ଏବଂ ୬ ଜଣ ଶିକ୍ଷକଙ୍କ ଏକ ଦଳ ଜୋନାଲସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଯୋଗାଯୋଗ ଦକ୍ଷତା, ସମାଲୋଚନାମୂଳକ ଚିନ୍ତାଧାରା, ନେତୃତ୍ୱ ଗୁଣବତ୍ତା ବୃଦ୍ଧି କରିବା ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ ପାଇଥାନ୍ତି।

### ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ମାଳ ମାଳ ଭୁଲ୍

# ବିଜେପି ସରକାର ଓଡ଼ିଆ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଛି: ବିଜେଡି

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ନୂତନ କରି ପ୍ରକାଶ ପାଇଥିବା ଓଡ଼ିଆ ପାଠ୍ୟପୁସ୍ତକରେ ବିରାଟ ତ୍ରୁଟି ହୋଇଛି, ଯାହାକି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର ଓଡ଼ିଆ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଥିବାର ଜ୍ୱଳନ୍ତ ଚିତ୍ର ସର୍ବସମ୍ମୁଖକୁ ଆସିଛି। ନୂତନ ଏନ୍‌ଇପି-୨୦୨୦ ଅନୁସାରେ



ପ୍ରକାଶ ହୋଇଥିବା ଓଡ଼ିଆ ମାଧ୍ୟମ ପାଠ୍ୟପୁସ୍ତକରେ ଅଭୂତପୂର୍ବ ଓ ଲଜ୍ଜାଜନକ ତ୍ରୁଟି ହୋଇଛି। ଏନେଇ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ନେତୃତ୍ୱାଧୀନ ବିଜେପି ସରକାରଙ୍କୁ ତୀବ୍ର ନିନ୍ଦା କରାଯାଇଛି। ବିଜେଡି ମୁଖପାତ୍ର ଡ ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି ଯେ ଏହି ପାଠ୍ୟପୁସ୍ତକଗୁଡ଼ିକ 'ଜାତୀୟ ଲଜ୍ଜା'। ଓଡ଼ିଆ ଅସ୍ମିତା ପ୍ରତି କୋଠର ଆଘାତ କରିବା ସହ ଓଡ଼ିଆ ଭାଷା, ସଂସ୍କୃତି ଓ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଉପରେ ସିଧା ଆକ୍ରମଣ ବୋଲି ମତ ପ୍ରକାଶ କରିଛନ୍ତି। ନୂତନ ପାଠ୍ୟପୁସ୍ତକରେ ଶ୍ରେଣୀ ୧ରୁ ୮ ପର୍ଯ୍ୟନ୍ତ ପ୍ରାୟ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଛି। ସର୍ବାଧିକ ୭୦୫ଟି ତ୍ରୁଟି କେବଳ ଶ୍ରେଣୀ ୮ ପୁସ୍ତକରେ ରହିଛି। ଏଥିରେ ଜିଜ୍ଞାସାରେ ୨୯୪, ସଂସ୍କୃତରେ ୧୧୪, ସାମାଜିକ ବିଜ୍ଞାନରେ ୨୫, ସାହିତ୍ୟରେ ୩୧ ଏବଂ ଇଂରାଜୀ ଓ ଗଣିତରେ ମଧ୍ୟ ଉଲ୍ଲେଖନୀୟ ଭୁଲ୍ ରହିଛି। ଯାହାକି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ନଷ୍ଟ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ସେ କହିଛନ୍ତି। ଉଦାହରଣସ୍ୱରୂପ କର୍ଣ୍ଣାଟକ ବିଧାନସଭାର ଫଟୋକୁ ଓଡ଼ିଶା ବିଧାନସଭା ବୋଲି ବ୍ୟବହାର କରାଯାଇଛି। ଓଡ଼ିଶାର ନିୟମଗିରି ପାହାଡ଼କୁ ଝାଡ଼ଖଣ୍ଡରେ ବୋଲି ଉଲ୍ଲେଖ ହୋଇଛି। ଗଞ୍ଜାମ ଜିଲ୍ଲାକୁ ବ୍ରହ୍ମପୁର ଜିଲ୍ଲା କୁହାଯାଇଛି। ସୁନନ୍ଦା ପଟ୍ଟନାୟକ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପରି ପ୍ରସିଦ୍ଧ ଓଡ଼ିଆ ବ୍ୟକ୍ତିତ୍ୱଙ୍କ ନାମରେ ଭୁଲ୍ ବନାନ୍ ରହିଛି। ଏଗୁଡ଼ିକ ଛୋଟ କିମ୍ବା ପରୀକ୍ଷାମୂଳକ ତ୍ରୁଟି ନୁହେଁ। ଏହା ପିଲାଙ୍କୁ ସେମାନଙ୍କର ଇତିହାସ, ଭୂଗୋଳ, ସଂସ୍କୃତି ଓ ପରିଚୟ ବିଷୟରେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ସେ କହିଛନ୍ତି।

# 'ଭୁବନେଶ୍ୱର'ର ଇଂରାଜୀ ବନାନ ପରିବର୍ତ୍ତନ କରାଯାଉ



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ଇଂରେଜମାନେ ଭାରତକୁ ଆସିବା ପରେ ଭାରତବର୍ଷର ଅନେକ ଐତିହ୍ୟପୂର୍ଣ୍ଣ ସ୍ଥାନର ନାମକୁ ଠିକ୍ ଭାବରେ ଉଚ୍ଚାରଣ କରି ନ ପାରି ଇଂରାଜୀରେ କେଉଁଠି ସେଗୁଡ଼ିକୁ ବିକୃତ ଉଚ୍ଚାରଣ କରି ରେକର୍ଡଭୁକ୍ତ କରିଦେଲେ ତ ଅନ୍ୟ କେଉଁଠାରେ ସେଗୁଡ଼ିକର ଇଂରାଜୀରେ ବନାନଗୁଡ଼ିକ ମଧ୍ୟ ଭ୍ରମାତ୍ମକ ଢଙ୍ଗରେ ଲେଖିଦେଲେ। ସ୍ୱାଧୀନ ଭାରତରେ କ୍ରମଶଃ ତା'ର ସଂଶୋଧନ କରାଯାଇଛି ଓ କରାଯାଉଛି ମଧ୍ୟ। ସେହି ପ୍ରସଙ୍ଗରେ ଓଡ଼ିଶାରେ ରହିଥିବା ପ୍ରାୟ ଷାଠିଏଟି ସ୍ଥାନର ଇଂରାଜୀ ବନାନ ପରିବର୍ତ୍ତନ କରାଯିବା ପାଇଁ ରାଜ୍ୟ ସରକାର ସମ୍ପ୍ରତି ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ବାଲେଶ୍ୱର ପାଇଁ ଇଂରାଜୀ ବନାନ ଅଛି- Balasore। ଏହା ଓଡ଼ିଆ ସହ ସାମଞ୍ଜସ୍ୟ ରଖିପାରି ନ ଥିବାରୁ ଏହାକୁ 'Baleshwar' କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

ଏହି ପ୍ରସଙ୍ଗରେ ବିଶିଷ୍ଟ ସଂସ୍କୃତବିଦ୍ୱାନ୍ ଓ ଭାଷାତତ୍ତ୍ୱବିଦ୍ ତଥା ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏକ ବିବୃତି ମାଧ୍ୟମରେ କହିଛନ୍ତି ଯେ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଇଂରାଜୀ ବନାନ ସମ୍ପୂର୍ଣ୍ଣ ଭ୍ରମାତ୍ମକ। 'ବାଲେଶ୍ୱର' ଭଳି 'ଭୁବନେଶ୍ୱର'ର ମଧ୍ୟ ଇଂରାଜୀ ବନାନ 'Bhubaneswar' ନ ହୋଇ 'Bhubaneshwar' ହେବା ଉଚିତ। କାରଣ ଭୁବନେଶ୍ୱରରେ ଯେଉଁ 'ଶ' ରହିଛି ତାହା ତାଲବ୍ୟ 'ଶ' ଓ ତାଲବ୍ୟ 'ଶ' ଇଂରାଜୀରେ ଆମେ 'sha' ବୋଲି ଲେଖିଥାଉ। ଯେଭଳି ବର୍ତ୍ତମାନ 'ବାଲେଶ୍ୱର'ରେ 'sha' (ଶ) କରାଯାଇଛି। ଏହାର ଯଥାର୍ଥତା ଓ ସାର୍ଥକତା ହେଉଛି ଯେ 'ଭୁବନେଶ୍ୱର'ର ପ୍ରକୃତ ଅର୍ଥ ହେଉଛି 'ଭୁବନ' ବା 'ସଂସାର'ର ଈଶ୍ୱର ଅର୍ଥାତ୍ 'ମହାଦେବ' ଯେଉଁଠାରେ ଅଛନ୍ତି, ତାହା ଭୁବନେଶ୍ୱର। ଏଠାରେ ବାସ୍ତବରେ ବହୁ ଆଦିମ କାଳରୁ ଭୁବନ ବା ତ୍ରିଭୁବନର ଈଶ୍ୱର- କୋଟିଲିଙ୍ଗେଶ୍ୱର ବା ଲିଙ୍ଗରାଜ ମହାପ୍ରଭୁ ବିରାଜମାନ। ଏକ ପ୍ରାଚୀନ ଶିଳାଲେଖରେ ଭୁବନେଶ୍ୱରକୁ ତ୍ରିଭୁବନେଶ୍ୱର ମଧ୍ୟ କୁହାଯାଇଛି ଓ 'ଭୁବନେଶ୍ୱର' ଶବ୍ଦ ସେହି କାଳରୁ ଆସିଥିବା ବିଷୟ ଐତିହାସିକମାନେ କହନ୍ତି। ତେଣୁ 'ଭୁବନେଶ୍ୱର' ଶବ୍ଦର ଓଡ଼ିଆରେ ଯେଭଳି ତାଲବ୍ୟ 'ଶ'ର ପ୍ରୟୋଗ କରାଯାଇଛି; ଠିକ୍ ସେହିପରି ଇଂରାଜୀ ବନାନରେ 'Swar' (ଯାହା ଦନ୍ତ୍ୟ 'ସ'କୁ ବୁଝାଇଥାଏ) ବ୍ୟବହାର ନ କରି 'ବାଲେଶ୍ୱର'ର ଇଂରାଜୀ ବନାନ ଭଳି 'Shwar' ପ୍ରୟୋଗ ହେଲେ ଏହା ଈଶ୍ୱରଙ୍କ ସ୍ଥାନକୁ ବୁଝାଇଥାଏ ଓ ଏହାର ଇଂରାଜୀ ବନାନ ଶୁଦ୍ଧ ହୋଇଥାଏ। ଏହି ଦୃଷ୍ଟିରୁ ଉକ୍ତ ଶବ୍ଦର ଯଥାର୍ଥତା ଓ ବ୍ୟୁତ୍ପତ୍ତିଗତ ପ୍ରାସଙ୍ଗିକତା ପ୍ରମାଣିତ ହୋଇଥାଏ ବୋଲି ପ୍ରଫେସର ଶତପଥୀ ମତ ପ୍ରକାଶ କରିଛନ୍ତି।

### ରାଇରଙ୍ଗପୁରରେ ଲଜ୍ଜା, ନାବାଳିକାକୁ ଗଣଦୁଷ୍କର୍ମ

## ପୁଲିସର ଅବହେଳାକୁ ନେଇ ଗର୍ଜିଲା ବିଜେଡି



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ଅଭିଯୋଗ ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଛି। ଏହି ଘଟଣା ରାଜ୍ୟରେ ମହିଳା ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥାର ଅବନତିକୁ ପୁଣିଥରେ ପଦାରେ ପକାଇଛି। ଘଟଣା ପରେ ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ ମୟୂରଭଞ୍ଜ-୨ ସଭାପତି ଡ. ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଟିମ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ବିଳମ୍ବରେ ଏଫଆଇଆର ରେଜିଷ୍ଟ୍ରେସନ୍, ପୀଡ଼ିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବକୁ ନେଇ ଆଇଆଇସିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ପୀଡ଼ିତା ଓ ପରିବାରକୁ ନ୍ୟାୟ ଓ ପରିବାରକୁ ସୁରକ୍ଷା ଦେବା ପାଇଁ ଦାବି କରିଥିଲେ। ଦୁଷ୍କର୍ମ କରିଥିବା ଆସାମୀକୁ ଗିରଫ, ପୀଡ଼ିତାକୁ ନ୍ୟାୟ ଓ କ୍ଷତିପୂରଣ ନ ମିଳିଲେ ଖୁବଶୀଘ୍ର ବିଜେଡି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆଇଆଇସିଙ୍କୁ ସୂଚନା ଦେଇଥିଲେ।

# ରାଷ୍ଟ୍ର ନିର୍ମାଣରେ ସୁରେଶ ପ୍ରଭୁଙ୍କ ଅବଦାନ ପ୍ରଶଂସନୀୟ: ରାଜ୍ୟପାଳ




ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଦୂରଦର୍ଶୀ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣରେ ତାଙ୍କର ଦୀର୍ଘସ୍ଥାୟୀ ଅବଦାନ ପ୍ରଶଂସନୀୟ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ସୁରେଶ ପ୍ରଭୁଙ୍କ ଉପରେ ପ୍ରକାଶିତ ଏକ କଫି ଟେବୁଲ ବୁକ୍‌ର ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ କିଛି ନେତା ସେମାନେ ଅଳଙ୍କୃତ କରିଥିବା ପଦବୀ ପାଇଁ ସ୍ମରଣୀୟ ହୋଇ ରହନ୍ତି, ଯେତେବେଳେ ଅଳ୍ପ କିଛି ନେତା ଚିନ୍ତାଧାରା ଓ ମୂଲ୍ୟବୋଧ ପାଇଁ ସ୍ମରଣୀୟ ହୋଇ ରୁହନ୍ତି। ସୁରେଶ ପ୍ରଭୁ ଏହି ବିରଳ ଶ୍ରେଣୀର ନେତା ଭାବେ ପରିଗଣିତ ବୋଲି ରାଜ୍ୟପାଳ କହିଥିଲେ।

ଉକ୍ତ ପୁସ୍ତକର ସମ୍ପାଦକ ସବ୍ୟସାଚୀ ଦାଶଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ଏହି ପୁସ୍ତକରେ ଶ୍ରୀ ପ୍ରଭୁଙ୍କର ୪ ଦଶନ୍ଧିର ସାର୍ବଜନୀନ ଜୀବନ ଯାତ୍ରା ଓ ବିଭିନ୍ନ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଓ ଶାସନ କ୍ଷେତ୍ରରେ ତାଙ୍କର ଅବଦାନକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ଏହା କେବଳ ଫଟୋଗ୍ରାଫ ଓ ସ୍ମୃତିର ସଂଗ୍ରହ ନୁହେଁ, ଏହା ସାର୍ବଜନୀନ ସେବା ଓ ଜାତୀୟ ବିକାଶ ପାଇଁ ସମର୍ପିତ ଏକ ଜୀବନ ପ୍ରତି ସମ୍ମାନ ସ୍ୱରୂପ। ୨୦୦୨ ମସିହାରୁ ଶ୍ରୀ ପ୍ରଭୁଙ୍କ ସହ ତାଙ୍କର ଦୀର୍ଘ ସମ୍ପର୍କକୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱାରା ଗଠିତ ନଦୀ ସଂଯୋଗ ଟାସ୍କ ଫୋର୍ସର ଅଧ୍ୟକ୍ଷ ଭାବେ ଶ୍ରୀ ପ୍ରଭୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଦେଶରେ ଜଳ ପରିଚାଳନା ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଉଚ୍ଚାଭିଳାଷୀ ନଦୀ ସଂଯୋଗ କାର୍ଯ୍ୟକ୍ରମ ପାଇଁ ଏହି ପଦକ୍ଷେପ ମୂଳଦୁଆ ସ୍ଥାପନ କରିଥିଲା ବୋଲି ରାଜ୍ୟପାଳ କହିଥିଲେ।

ଶ୍ରୀ ପ୍ରଭୁ ୨୬ ବର୍ଷର ସଂସଦୀୟ ଜୀବନରେ ଶକ୍ତି, ରେଳବାଇ, ବାଣିଜ୍ୟ ଓ ଶିଳ୍ପ ଓ ବେସାମରିକ ବିମାନ ଚଳାଚଳ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟଗୁଡ଼ିକର ଦାୟିତ୍ୱ ସଫଳତାର ସହ ପରିଚାଳନା କରିଥିଲେ। ରେଳମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସ୍ୱଚ୍ଛତା ବୃଦ୍ଧି, କାର୍ଯ୍ୟଦକ୍ଷତାର ଉନ୍ନତି ଓ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ମାଧ୍ୟମରେ ଯାତ୍ରୀ ସେବାର ମାନ ବୃଦ୍ଧିରେ ସହାୟକ ହୋଇଥିଲା। ଶ୍ରୀ ପ୍ରଭୁଙ୍କ ଜୀବନ ସତ୍ୟନିଷ୍ଠା, ନବସୃଜନ ଓ ଜାତୀୟ ସ୍ୱାର୍ଥ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ରାଜ୍ୟପାଳ କହିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆଉ ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୧୭ ଜୁନ୍ ୨୦୨୬, ଭୁବନେଶ୍ୱର
Wednesday 17 June 2026, Bhubaneswar

# ବିଭାଜନ ଏକ ସୁପରିକଳ୍ପିତ ରଣନୀତି



ପଶ୍ଚିମବଙ୍ଗର ରାଜନୈତିକ କ୍ଷେତ୍ରରେ ଏକ ଅଭୂତପୂର୍ବ ଘଟଣା ଘଟିଛି। ତୃଣମୂଳ କଂଗ୍ରେସ (ଟିଏମସି) ର ବିଭାଜନ ଏବଂ ବିଦ୍ରୋହୀ ଦଳର ଗଠନ କେବଳ ଏକ ଆଭ୍ୟନ୍ତରୀଣ ସଙ୍କଟ ନୁହେଁ, ବରଂ ଭାରତୀୟ ଜନତା ପାର୍ଟି (ବିଜେପି) ର ଦୀର୍ଘକାଳୀନ ସୀମା ପୁନଃନିର୍ଦ୍ଧାରଣ କୌଶଳ ଏବଂ 'ନମ୍ବର ଗେମ୍'ର ଏକ ସ୍ପଷ୍ଟ ସଙ୍କେତ। ୨୦୨୬ ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳର ଏହି ବିଭାଜନ କେନ୍ଦ୍ରୀୟ ଶକ୍ତିର ଏକ ପରିକଳ୍ପିତ ଚାଲ ଭାବରେ ଦେଖାଯାଉଛି, ଯାହା ସଂସଦରେ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟର ରାଜନୈତିକପ୍ରତିନିଧିତ୍ୱକୁଦୁର୍ବଳକରିବାରଲକ୍ଷ୍ୟରଖିଛି।

ଟିଏମସିର ବିଦ୍ରୋହୀ ଗୋଷ୍ଠୀ ଏବଂ ବିଭାଜନ ଅତ୍ୟନ୍ତ ଗମ୍ଭୀର। ବିଧାନସଭାରେ ୫୮ ଜଣ ବିଧାୟକ ବିଦ୍ରୋହ କରି ଶିବବ୍ରତ ବନାର୍ଜୀଙ୍କୁ ବିରୋଧୀ ଦଳର ନେତା ଭାବରେ ମାନ୍ୟତା ଦେଇଛନ୍ତି। ଲୋକସଭାରେ ମଧ୍ୟ ପ୍ରାୟ ୨୦ ଜଣ ସାଂସଦ ବିଦ୍ରୋହୀ ହୋଇ ଏନଡିଏକୁ ସମର୍ଥନ କରୁଛନ୍ତି। ଏହି ବିଦ୍ରୋହ କେବଳ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ନୁହେଁ, ବରଂ ବଙ୍ଗଳାର ସ୍ୱାଧୀନତା ଏବଂ ପ୍ରତିନିଧିତ୍ୱକୁ ଲକ୍ଷ୍ୟ କରିଥିବା ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ବୋଲି ଦେଖାଯାଉଛି। ମମତା ବନାର୍ଜୀ ଗାମ୍ଭୀର୍ଯ୍ୟ ଚେତାଉଛନ୍ତି ଯେ ବିଜେପି ସୀମା ପୁନର୍ନିର୍ଦ୍ଧାରଣ ବିଲ୍ ମାଧ୍ୟମରେ ବଙ୍ଗଳାକୁ ତିନି ଭାଗରେ ବିଭକ୍ତ କରିବାର ଯୋଜନା କରୁଛି - କିଛି ଜିଲ୍ଲାକୁ ବିହାର ଏବଂ ଓଡ଼ିଶା ସହ ମିଶାଇବାର ଷଡ଼ଯନ୍ତ୍ର ଚଳାଉଛି। ଏହା ବଙ୍ଗାଳୀ ଜାତିର ଅସ୍ତିତ୍ୱକୁ ବିପନ୍ନ କରିବ।

ସୀମାପୁନଃନିର୍ଦ୍ଧାରଣ ହେଉଛି ନିର୍ବାଚନ କ୍ଷେତ୍ର ପୁନଃ ନିର୍ଦ୍ଧାରଣ। ଜନସଂଖ୍ୟା ଆଧାରରେ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବଢ଼ାଇବା ଏହାର ଉଦ୍ଦେଶ୍ୟ। କିନ୍ତୁ ବିଜେପି ଏହାକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରୁଛି। ଉତ୍ତର ଭାରତର ବିଜେପି ଶାସିତ ରାଜ୍ୟଗୁଡ଼ିକର ଜନସଂଖ୍ୟା ବୃଦ୍ଧି ହେତୁ ସେଠାରେ ଅଧିକ ଆସନ ମିଳିବ, ଯାହା ଦଳର କେନ୍ଦ୍ରୀୟ ପ୍ରାଧାନ୍ୟକୁ ମଜବୁତ କରିବ। ଫଳରେ ବଙ୍ଗଳା, ତାମିଲନାଡୁ ପରି ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ହ୍ରାସ ପାଇବ।

ଏଠାରେ ଆସୁଛି ବିଜେପିର ମୁଖ୍ୟ କୌଶଳ - 'ନମ୍ବର ଗେମ୍'। ସମ୍ବିଧାନ ସଂଶୋଧନ ପାଇଁ ଲୋକସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ବର୍ତ୍ତମାନର ସଂଖ୍ୟା ଗଣନାରେ ବିଜେପି ଏବଂ ଏନଡିଏ ସେହି ମ୍ୟାଜିକ୍ ଫିଗର୍ ପାଖରେ ପହଞ୍ଚିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଟିଏମସିର ବିଦ୍ରୋହୀ ସାଂସଦମାନେ ଏହି ନମ୍ବର ଗେମରେ ନିର୍ଣ୍ଣାୟକ ଭୂମିକା ନେଉଛନ୍ତି। ପ୍ରାୟ ୨୦ ଜଣ ବିଦ୍ରୋହୀ ସାଂସଦ ଏନଡିଏକୁ ସମର୍ଥନ କରିବା ଫଳରେ ବିଜେପି ସହଜରେ ସଂଶୋଧନ ପାଇଁ ଆବଶ୍ୟକୀୟ ସଂଖ୍ୟା ପୂରଣ କରିପାରିବ। ଏହା କେବଳ ବଙ୍ଗଳାର ନୁହେଁ, ସମଗ୍ର ଦକ୍ଷିଣ ଏବଂ ପୂର୍ବ ଭାରତର ସଂଘୀୟ ଢାଞ୍ଚାକୁ ବିପନ୍ନ କରିବ। ବଙ୍ଗଳାର ଉତ୍ତରାଞ୍ଚଳ (ସିଲିଗୁଡ଼ି କରିଡର)କୁ ଅଲଗା କରି କେନ୍ଦ୍ର ଶାସିତ ଅଞ୍ଚଳ କରିବାର ଆଲୋଚନା ମଧ୍ୟ ଚାଲିଛି, ଯାହା ରାଜ୍ୟର ଐକ୍ୟକୁ ଭାଙ୍ଗିବ।

ମମତା ବନାର୍ଜୀ ଠିକ୍ କହୁଛନ୍ତି ଯେ ଏହା ମହିଳା ସଶକ୍ତିକରଣର ନାମରେ ଏକ ବିପଜ୍ଜନକ ଖେଳ। ମହିଳା ସଂରକ୍ଷଣ ବିଲ୍ ସହ ପରିସୀମନ ଯୋଡ଼ି ହେବା ଫଳରେ ବିରୋଧୀ ଦଳଗୁଡ଼ିକର ସମର୍ଥନ ଆବଶ୍ୟକ ହୋଇପଡୁଛି। ଟିଏମସିର ବିଭାଜନ ଏହି ସଂଖ୍ୟା ଯୋଗାଡ଼ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଛି। ବିଦ୍ରୋହୀମାନେ ନମ୍ବର ଗେମରେ ମୂଲ୍ୟବାନ୍ ହୋଇ ଉଠିଛନ୍ତି।

ବଙ୍ଗଳା ସର୍ବଦା ଭାରତୀୟ ରାଜନୀତିରେ ଏକ ପ୍ରଗତିଶୀଳ ସ୍ୱର ଥିଲା। ମମତା ବନାର୍ଜୀଙ୍କ ନେତୃତ୍ୱରେ ଟିଏମସି ବିକାଶ, ସମାଜକଲ୍ୟାଣ ଏବଂ ସେକ୍ୟୁଲାରିଜମ୍ର ଧ୍ୱଜା ଧରି ରହିଛି। କିନ୍ତୁ ବିଜେପିର ଏକକେନ୍ଦ୍ରିକ ନୀତି ରାଜ୍ୟର ସ୍ୱାୟତ୍ତତାକୁ ଗ୍ରାସ କରୁଛି। ଭୋଟର ତାଲିକା ସଂଶୋଧନ (ଏସଆଇଆର) ମାଧ୍ୟମରେ ମୁସଲିମ୍ ଏବଂ ସଂଖ୍ୟାଲଘୁ ଭୋଟରଙ୍କୁ ଲକ୍ଷ୍ୟ କରି ନାମ କଟାଯିବା, ଏବଂ ସୀମାପୁନଃନିର୍ଦ୍ଧାରଣ ମାଧ୍ୟମରେ ଆସନ ହ୍ରାସ ଏକ ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ର। ଏହା କେବଳ ବଙ୍ଗଳାକୁ ନୁହେଁ, ଭାରତର ବିବିଧତାକୁ ଆଘାତ କରୁଛି।

ଟିଏମସିର ବିଭାଜନ ଏକ ଚେତାବନୀ। ଏହା ଦେଖାଉଛି ଯେ ବିରୋଧୀ ଦଳଗୁଡ଼ିକର ଏକତା ବିନା କେନ୍ଦ୍ରର ଏହି ନମ୍ବର ଗେମ୍ ଏବଂ କୌଶଳକୁ ପ୍ରତିରୋଧ କରିହେବ ନାହିଁ। ମମତା ବନାର୍ଜୀଙ୍କ ନେତୃତ୍ୱରେ ଟିଏମସିର ପୁନରୁଦ୍ଧାର ହେବ ଏବଂ ବଙ୍ଗଳାର ସମ୍ମାନ ରକ୍ଷା ପାଇଁ ଲଢ଼ିବ। କିନ୍ତୁ ଜନତାଙ୍କୁ ସଚେତନ ହେବାକୁ ପଡ଼ିବ। ସୀମାପୁନଃନିର୍ଦ୍ଧାରଣ ନାମରେ ବଙ୍ଗଳାର ବିଭାଜନ କେବେ ମଧ୍ୟ ସହ୍ୟ ହେବ ନାହିଁ। ଏହି ବିଭାଜନ କେବଳ ଏକ ଦଳର ସଙ୍କଟ ନୁହେଁ, ବରଂ ଗଣତନ୍ତ୍ରର ସଙ୍କଟ।

# ଶିବ ବିବାହ

ଉତ୍କଳାନନ୍ଦ ଅଜୟ କୁମାର ବେହେରା




ଶୀତଳ ଷଷ୍ଠୀ କେବଳ ଏକ ପ୍ରାଚୀନତମ ଆଧ୍ୟାତ୍ମିକ ଚେତନା ଓ ଲୋକକଳାର ପାରମ୍ପରିକ ସ୍ମାରକୀ ନୁହେଁ ଏହା ହେଉଛି ଏକ ବିଶାଳ ମଞ୍ଚ ଯେଉଁଠି ଲୁପ୍ତପ୍ରାୟ କଳାର ପୁନର୍ତ୍ଥାନ ପ୍ରୟାସ କରାଯାଇଛି। ଦେବଦମ୍ପତିଙ୍କ ଏହି ଅଲୌକିକ ଲୋକ ନାଟକ ବାସ୍ତବିକ ଯେତିକି ଭବ୍ୟ ସେତିକି ଆକର୍ଷଣୀୟ ଓ ଗରିମାପୂର୍ଣ୍ଣ। ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ। ଏଥିପାଇଁ କିଛି ଦିନ ପୂର୍ବରୁ ମହାଦେବଙ୍କର ଶ୍ୱଶୁର ଘର ଖୋଜା ହୁଏ। କୌଣସି ମଧ୍ୟବିତ୍ତ ବା ଧନୀଲୋକ ପାର୍ବତୀଙ୍କ ପିତା ହୋଇପାରନ୍ତି। ପୂର୍ବ ବର୍ଷରେ ଯାହାଙ୍କ ଘରେ ପାର୍ବତୀଙ୍କ ବିବାହ ହୋଇଥିବ, ତାଙ୍କ ଘରକୁ ଯାଇ ପଡ଼ା ନେତୃସ୍ଥାନୀୟ ଲୋକେ ଗଣ୍ଡଲା ହିଟା ଉତ୍ସବ ପାଳନ କରନ୍ତି। ଏହାର ଅର୍ଥ ଶିବ ପୂର୍ବ ଶ୍ୱଶୁରଙ୍କ ସହ ସମ୍ପର୍କ ତୁଟାଇବେ। ଏହା ପରେ ପାର୍ବତୀଙ୍କୁ ନୂଆ ବାପା ଘରକୁ ନେଇଯାନ୍ତି। ସେହି ଘର ପଡ଼ାର ମୁରବୀମାନେ ଶିବଙ୍କ ତରଫରୁ ନିର୍ବନ୍ଧ ପାଇଁ ଯାଆନ୍ତି, ଯେପରି କୁମାର ସମ୍ଭବରେ ଦେବର୍ଷି ନାରଦ ପ୍ରମୁଖ ହିମାଚଳ ପାଖକୁ ଯାଇଥିଲେ ଶିବଙ୍କର ବିବାହ ପ୍ରସ୍ତାବ ନେଇ। ପଞ୍ଚମୀର ଦିନେ ଦୁଇଦିନ ପୂର୍ବରୁ ଗୁଆଗୁଣ୍ଡା ଯାତ୍ରା ହୁଏ। ପଞ୍ଚମୀ ଦିନ ରାତିରେ ଉଭୟ ପଡ଼ାର ମହାଦେବଙ୍କର ବାରାତ ବାହାରେ। ବ୍ରାହ୍ମଣମାନେ ବୃଷଭ ଓ ମହାଦେବଙ୍କୁ କାନ୍ଧରେ ବୋହି ମନ୍ଦିର ଠାରୁ କନ୍ୟା ଗୃହକୁ ବିରାଟ ଶୋଭାଯାତ୍ରାରେ ନିଅନ୍ତି। ଏଥି ସହିତ ବାଜା ଓ ବାଣ ଆତସବାଜିର ପ୍ରଦର୍ଶନ ହୁଏ। ସେହି ରାତିରେ ମହାଦେବ କନ୍ୟା ଗୃହରେ ପ୍ରବେଶ କରନ୍ତି ରାତି ମଧ୍ୟରେ ବ୍ରାହ୍ମଣମାନଙ୍କର ବିବାହରୀତି ଅନୁସାରେ ମହାଦେବ ଓ ପାର୍ବତୀଙ୍କର ବିବାହ ସମ୍ପନ୍ନ ହୁଏ। କନ୍ୟାପକ୍ଷ ଯୌତୁକସ୍ୱରୂପ କିଛି ଅଳଙ୍କାର ଓ କିଛି ବାସନକୁଶନ ଦେଇଥାନ୍ତି। ବିଶେଷ କରି ଓଡ଼ିଶାର ସମ୍ବଲପୁର ସହରରେ ଶୀତଳଷଷ୍ଠୀ ପର୍ବ ବଡ଼ ଧରଣରେ ଅନୁଷ୍ଠିତ ହୋଇଥାଏ। ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଶିବ ବିବାହ (ଶୀତଳ ଷଷ୍ଠୀ) ପର୍ବ ବେଶ୍ ଧୁମ୍ ଧାମରେ ଅନୁଷ୍ଠିତ ହୋଇଥାଏ। କେତେକ ସ୍ଥାନରେ ଦେଖାଯାଏ ଶିବ ଓ ପାର୍ବତୀଙ୍କ ଭୂମିକାରେ ଅଭିନୟ କରିଥାନ୍ତି ସ୍ଥାନୀୟ ଲୋକ। ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ। ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି। ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ।

ପୌରାଣିକ ତଥ୍ୟ : ଦେବୀ ସୀତାଙ୍କ ବିୟୋଗ ପରେ ମହାଦେବ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସବୁକିଛି ଭୁଲିଯାଇ ସେ ଦିନରାତି ଦେବୀ ସତୀଙ୍କ ଚିନ୍ତାରେ ନିମଗ୍ନ ରହୁଥିଲେ। ଅନ୍ୟପଟେ ଦେବୀ ସତୀ ଅଗ୍ନିରେ ଝାସ ଦେବା ବେଳେ ସଂକଳ୍ପ କରିଥିଲେ କି ସେ ପୁନର୍ବାର ରାଜା ହିମାଳୟଙ୍କ ପାଖରେ ଜନ୍ମ ନେବେ ଏବଂ ସାରା ଜୀବନ ପାଇଁ ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ। ଉଚିତ ସମୟରେ ଦେବୀ ସତୀ ପର୍ବତ ରାଜା ହିମାଳୟଙ୍କ ପତ୍ନୀ ମେନେକାଙ୍କ ଗର୍ଭରୁ ଜନ୍ମଧାରଣ କଲେ। ପର୍ବତଙ୍କ ପୁତ୍ରୀ ହୋଇଥିବାରୁ ତାଙ୍କ ନାମ ପାର୍ବତୀ ଦିଆଗଲଶ। ଧୀରେ ଧୀରେ ସେ ବିବାହ ବୟସରେ ପହଞ୍ଚିଲେ। ଦେବର୍ଷି ନାରାଦ ରାଜା ହିମାଳୟଙ୍କ ପାଖରେ ଦେବୀ ପାର୍ବତୀଙ୍କ ବିବାହ ମହାଦେବଙ୍କ ସହ କରାଇବାକୁ ପ୍ରସ୍ତାବ ଦେଇଥିଲେ। ଏହାପରେ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ।

ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କୋଟି ଆଠ ଲକ୍ଷ ଟଙ୍କା ଜିଲ୍ଲାର ମୋଟ ଏକୋଇଶଟି କମିଟିକୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଭବ୍ୟ ଲୋକନାଟକ ମହୋତ୍ସବରେ ଏକୋଇଶଟି ମହୋତ୍ସବ କମିଟିର ଦଶହଜାରରୁ ଉର୍ଦ୍ଧ୍ୱ କଳାକାର ସାମିଲ ହୋଇଥାନ୍ତି। ଏହି କାର୍ଯ୍ୟକ୍ରମ ମଧ୍ୟରେ ଏକ ଶୋଭା ଯାତ୍ରା କାର୍ଯ୍ୟକ୍ରମ ଯେଉଁଥିରେ ବୃକ୍ଷ ଓ ବନ ସଂରକ୍ଷଣ, ନାରୀ ସୁରକ୍ଷା ଆଦି ଅନେକ ବିଷୟରେ ପ୍ରଜ୍ଞାପନ ମେଢ଼ର ବ୍ୟବସ୍ଥା ହୋଇଥାଏ। ଚଳିତ ବର୍ଷ ଜୁନ ଚଉଦ ତାରିଖରେ ନନ୍ଦପଡ଼ାର ପତ୍ରପେଣ୍ଡି, ପନ୍ଦରରେ ନୃସିଂହ ନିଯୁତା, ଷୋଳରେ ନିର୍ବନ୍ଧ, ସତରରେ ଗୁଆଗୁଣ୍ଡ, ଦେବ ନିମନ୍ତ୍ରଣ ଓ ଅଠର ତାରିଖରେ ଶିବ ବିବାହ କାର୍ଯ୍ୟକ୍ରମ ରହିଛି। ଉଣେଇଶ ତାରିଖରେ ରାତ୍ରିକାଳୀନ ଯୁଗଳ ଦର୍ଶନ ଶୋଭା ଯାତ୍ରା, କୋଡିଏ ତାରିଖରେ ଦିବସ କାଳୀନ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାର ବିଧି ରହିଛି। ଭଗବାନ ଶିବ ଓ ପାର୍ବତୀଙ୍କ ଏହି ବିବାହ କାର୍ଯ୍ୟକ୍ରମ ଏକ ପୌରାଣିକ କଥାବସ୍ତୁ ବା ସାଂସାରିକ ଘଟଣା ତତ୍ତ୍ୱ ନୁହେଁ ଏହା ଭିତରେ ରହିଛି ଅନନ୍ତ, ଗଭୀର, ଚେତନା, ମିମାଂଶା ଓ ଆଧ୍ୟାତ୍ମିକ ଶକ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩**



# ପ୍ରକୃତି ସନ୍ତୁଳନରେ ମନୁଷ୍ୟ ସାଜିଛି ବାଧକ



ଡଃ ଅମୂଲ୍ୟ କୁମାର ପଣ୍ଡା



ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। "ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ। ଏହି ବିବୃତ୍ତି ମାନବ ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ପରିବେଶଗତ, ସାମାଜିକ, ଆଧ୍ୟାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତ୍ତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ, ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିଳ୍ପାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ "ବିକାଶ" ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଇଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢ଼ୁଛି, ଏବଂ ମାନବ ଲୋଭ ଏହାର ମୂଳ କାରଣ। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮% ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳ ଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି।

ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଲବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। COVID-19 ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, "ପୃଥିବୀ ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।" ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି। ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧ୍ୟାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, "ପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା।" ମାନବ ଲୋଭ ସେମାନଙ୍କର ଆଧ୍ୟାତ୍ମିକ ଡେଣା କାଟି ଦେଇଛି।

ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା, ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ। ନଚେତ୍, ଆମର ଡେଣା ଭାଙ୍ଗିଯିବ, ଏବଂ ଆମର ଉଡ଼ାଣ ଅସମ୍ଭବ ହୋଇଯିବ। ଆସନ୍ତୁ ଏହି ଉକ୍ତିକୁ ହୃଦୟଙ୍ଗମ କରିବା ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବା।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

# ରଜ ପାନ

ଜ୍ୟୋସ୍ନା ମହାପାତ୍ର



'ବାଉଁଶ ଅଗରେ ଧାନ, ମୁଁ ଦେବି ପଇସା ଖାଇବୁ
ପାନ, ମୋ ବଉଳ ମିତଲୋ,
ଏବେ ଚାଲିଯିବା ବୃନ୍ଦାବନ....'

ପ୍ରାଚୀନ ବନ୍ଧନ ହେଉଛି ପାନ। ପ୍ରୀତି, ପ୍ରେମ, ବନ୍ଧୁତାର ହିଁ ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି। ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛଅଟି ଆନ୍ତରିକତା ଓ ନିବିଡ଼ତାର କଥା। ଭୋଜନ ଶେଷରେ ତାମ୍ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା। ଏ ଜାତିର ଠାକୁର ବଡ଼ ଠାକୁର ଶ୍ରୀଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍ବୁଳ ସେବା କରି ନିଦ୍ରା ଯାଆନ୍ତି। ପାନ ହେଉଛି ମୁଖବାସ, ପରିତୋଷ। ରଜ ସହିତ ପାନ ଯୋଡ଼ି ହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରିବ। ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମି ନାଶକ। ପାନରେ ଦିଆଯାଇଥିବା ଚୁନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ। ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୃଦ୍ଧି ବିନାଶିନୀ। ରଜପାନର ଚମକ ଓ ମହକ ସାରା ବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିନିଏ। ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧନିଆ, ଚାଉଳ ଓ ନଡ଼ିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ, ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ। ଏହାକୁ ବିଭିନ୍ନ ଢ଼ଙ୍ଗରେ ତ୍ରିଭଙ୍ଗ, ଚରଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ। ସାଧାରଣ ଦିନର ପାନଠାରୁ ଗଜପାନର ସ୍ୱାଦ ସ୍ୱତନ୍ତ୍ର। ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଏ। ଚଳନ୍ତି ଢ଼ଗ ଅଛି - 'ପାନଖିଆ ରସିକ ପାଟି, ଖୋଜି ବୁଲୁଥିଲା ରାଜାଙ୍କ ହାତୀ, ଢ଼ାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ।'

ପାନ ହେଉଛି ଓଡ଼ିଆର ପ୍ରାଣ। ପ୍ରାଚୀନ ଓଡ଼ିଶାରୁ ପାନର ସୃଷ୍ଟି ଆଉ ଏହା ଆମ ସଂସ୍କୃତି ସହ ନିବିଡ଼ ହୋଇ ରହିଛି - କାହିଁ କେଉଁ କାଳରୁ। ଏମିତିକି ଓଡ଼ିଶାର ଲୋକ ଦେବତା ଜଗନ୍ନାଥଙ୍କର ମଧ୍ୟ ବିଡ଼ିଆ ପାନ ଖଣ୍ଡେ ନହେଲେ ନଚଳେ। ପାନ କାହାର ପ୍ରିୟ ନୁହେଁ ଯେ। ନ ଖାଇଲା ଲୋକଙ୍କୁ ସାଧା ଖିଲିପାନ ଖଣ୍ଡେ ଦେଲେ ସେ ବି ଖୁସିରେ ଖାଇଦେବ। ଆଉ ରଜ କଥା ପୁରା ଅଲଗା। ପୁଣି ରଜପାନର ସ୍ୱାଦ ବି ଖୁବ୍ ରୁଚିକର। ପ୍ରେମ, ପ୍ରିତୀ ଓ ପ୍ରଣୟର ପ୍ରତୀକ ଏଇ ପାନ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଏମିତି ବି ବର୍ଣ୍ଣନା ରହିଛି - 'ସେ ଯେବେ କରିବେ ମାନ, ଭାଙ୍ଗି ଭୁଞ୍ଜାଇବି ପାନ, ଗଣ୍ଡେ ଦେଇଣ ଚୁମ୍ବନ, ହରଷ ମୁଁ କରାଇବି, ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି।' ପାନ ଖାଉଥିବା ଝିଅଙ୍କ ଓଷ୍ଠାଧାରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପାନ ଦିଆ ନିଆରେ ସମ୍ପର୍କ ବଢ଼େ, ପ୍ରେମରେ ପୂର୍ଣ୍ଣତା ଆଣେ ପାନ। ନୂଆ ବୋହୂଟିଏ ଘରକୁ ଆସିଲେ ତା'ର ଶାଶୂ, ସାଇପଡ଼ିଶା ପ୍ରଥମେ ପାନ ଭଙ୍ଗାର ପରୀକ୍ଷା ନେଉଥିଲେ। ଗୁରୁଜନମାନଙ୍କୁ ନିଜ ହାତଭଙ୍ଗା ପାନ ପରଷିଦେଇ ବୋହୂଟି ମଥାନୁଆଁଇ ପ୍ରଣାମ କରୁଥିଲା।

ତେଣୁ ପାନ ଓଡ଼ିଶା ସଂସ୍କୃତିର ଛତ୍ରେ ଛତ୍ରେ ରହିଛି। ରଜପର୍ବରେ ସହୀ ସଙ୍ଗାତ, ମକର, ବଉଳଙ୍କ ସହିତ ପାନଭଙ୍ଗା ଓ ପରସ୍ପର ଆଦାନପ୍ରଦାନ ଓଡ଼ିଆ ଘରର ଚଳଣିରେ ଗ୍ରାମୀଣ ଜୀବନର ଧାରାକୁ ଏବେ ବି ଉଜ୍ଜିବୀତ କରି ରଖିଛି। ପାନ ଖାଇ ରଜଦୋଳିରେ ବସି ଝିଅମାନେ ରଜପାନର ଗୀତ ବୋଲିବା ପରିବେଶକୁ ଖୁବ୍ ଆମୋଦିତ କରିଥାଏ। 'ବାଉଁଶ ଅଗରେ ଧାନ, ମୁଁ ଦେବି ପଇସା ଖାଇବୁ ପାନ, ମୋ ବଉଳ ମିତଲୋ, ଏବେ ଚାଲିଯିବା ବୃନ୍ଦାବନ। ଉଇଁ ଆସେ ନୂଆ ଜହ୍ନ, ଚାଲ ଯିବା ମିଶି ଗୁଆଖାଦାନ, ମୋ କାଇଁଚମାଳାଲୋ, ଆମେ ସେଇଠି ଖାଇବା ପାନ।' ପାନ ଖଣ୍ଡକରେ କିଣି ହୋଇଯାଏ ମନ। ମୁଖର ସୌନ୍ଦର୍ଯ୍ୟ ଓ ବାସ ବୃଦ୍ଧି କରିଥାଏ ବୋଲି ପାନର ଅନ୍ୟ ନାମ ମୁଖବାସ। ପୁଣି ରଜ ଖେଳ ଭିତରକୁ ବି ପାନ ପଶି ଆସିଛି। ବୟସ୍କ ଓ ମହିଳାଙ୍କ ତାସ ଖେଳରେ କଳାପାନ ଓ ନାଲିପାନର ଆଡ୍ଡା ଖୁବ୍ ଜମେ। ଏବେ ଘରେ ଘରେ ରଜପାନ। ରଜ ସମୟରେ କେବଳ କଟକ ଭୁବନେଶ୍ୱର ନୁହେଁ ରାଜ୍ୟର ସବୁଠି ପାନ ଦୋକାନୀ ଭଳିକି ଭଳି ରଜ ପାନର ପସରା ମେଲାଇ ବସିଛନ୍ତି। ସେମାନେ ଖାସ୍ ରଜପାନ ହିଁ ତିଆରି କରୁଛନ୍ତି। ପାନରେ ଗୁଆ, ଚୂନ, ଖଇର ସହ ଅନ୍ୟାନ୍ୟ ବ୍ୟବହୃତ ମସଲା ସବୁର ଖୁବ୍ ଔଷଧୀୟ ଗୁଣ ରହିଛି। ଚରକ ସଂହିତାରେ ପାନରେ ଗୁଆ, କର୍ପୂର, ଜାଇଫଳ, ଲବଙ୍ଗ, କଙ୍କୋଳ ଓ ଗୁଜୁରାତି ଦିଆଯାଇଥିବା ପାନ କଥା କୁହାଯାଇଛି। ଏ ସବୁ ମସଲା ପାନର ସ୍ୱାଦ, ସୁଗୁଣ ଓ ସୁବାସ ନେଇ ଆସିଥାଏ। ପାନର ମୁଖ୍ୟ ଉପାଦାନ ଗୁଡ଼ିକ ହେଲା - ପାନ, ଚୂନ, ଗୁଆ, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଜାଇତ୍ରୀ, ଜାଇଫଳ, ଖୁରୁଡ଼ି ନଡ଼ିଆ, ବାଦାମ, କର୍ପୂର, କବାବ ଚିନି, କେଶର, ଡାଲଚିନି, କସ୍ତୁରୀ, ସୁନା ତବକ, ରୁପାତବକ, ଶୁଣ୍ଠି, ଅଦା, ଚନ୍ଦନ, ମାତୁଲୁଙ୍ଗ, ପିପରମେଣ୍ଟ, ଲବଳୀ, ନଖି ଓ ମୁରାମାଂସୀ ଏ ସବୁ ପାନ ମସଲାଦେଇ ଖୁବ୍ କୌଶଳରେ ମୋଡ଼ାଯାଏ ପାନ, ଆଉ ଏଥିରେ ଲବଙ୍ଗ ଗୁଞ୍ଜି ବଢ଼େଇ ଦିଆଯାଏ। ଆତ୍ମୀୟ ସ୍ୱଜନଙ୍କୁ। ଏମିତି ଲୋକ ଅଛନ୍ତି, ଯେଉଁମାନେ ପାନଖଣ୍ଡେ ନ ହେଲେ କାମ କରି ପାରନ୍ତିନି। ତେବେ କଡ଼ାପାନ ନିଶ୍ଚୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ କ୍ଷତିକାରକ। ପାନ ଖର୍ଚ୍ଚ ବି ଅନେକ ସମୟରେ ଅଣ୍ଟାରୁ ପଇସା ସାରିଦିଏ। ତଥାପି ପାନର ମହତ୍ତ୍ୱ ଖୁବ୍ ବେଶୀ, ଯେତେବେଳେ ଏହା ମନରେ ସପ୍ରୀତି ଓ ପ୍ରେମଭାବ ଆଣି ଆବେଗକୁ ଉଦ୍‌ବେଳିତ କରେ।



ପାନ ଏବେ ଦଶ ଟଙ୍କାରୁ ଆରମ୍ଭ କରି ଦେଢ଼ଶହ ଟଙ୍କା ପର୍ଯ୍ୟନ୍ତ ମିଳୁଛି ସବୁଆଡ଼େ। ନିଆଳି, କାକଟପୁର ଅଞ୍ଚଳରୁ ଏଠାକୁ ଆସୁଛି ପାନ, ପୁଣି ପାନମସଲା ଆସୁଛି ଦିଲ୍ଲୀ ଓ କଲକତାରୁ। ବନାରସ ଓ ରାଞ୍ଚିର ପାନ ବି ଏଠାକୁ ଆସୁଛି ବିକ୍ରି ପାଇଁ। ଜାଫ୍ରାନ ଓ ଗୁଲକନ୍ଦର ଚାହିଦା ବି ଓଡ଼ିଶା ବଜାରରେ ଖୁବ୍। ରାଜଧାନୀରେ ପାନ ଦୋକାନ କରି ହଜାର ହଜାର ଲୋକ ପେଟପାଟଣା ଦେଖୁଥିବାବେଳେ - ଏବେ ସେମାନଙ୍କର ରଜବଜାର ବେଶ୍ ଜମିଛି। ଦୋକାନୀମାନେ ଢ଼େର ମିଠା ମସଲା ଭର୍ତ୍ତିକରି ରଖିଛନ୍ତି। ଘରେ ଘରେ ବି ବୟସ୍କ ଲୋକ ପାନ ଭାଙ୍ଗି ଅତିଥି ଚର୍ଚ୍ଚା କରୁଛନ୍ତି। ଝିଅଙ୍କର ଏବେ ପାନଖିଆର ବେଳା

**ଚଣ୍ଡୀମନ୍ଦିର ମାର୍ଗ, କଟକ-୧**

## ଚୀନ୍‌କୁ ଚେକ୍ ଦେବାକୁ ମହାପ୍ଲାନ୍

# ଏକାଠି ହେବେ ନୌସେନାର ତିନି ଯୁଦ୍ଧଜାହାଜ



ନୂଆଦିଲ୍ଲୀ,୧୬।୬: ଜୁନ୍ ତୃତୀୟ ସପ୍ତାହରେ କୋଲକାତାରେ ଏକ ସମାରୋହରେ ଭାରତୀୟ ନୌସେନା ଗାର୍ଡେନ୍ ରିଚ୍ ସିପ୍ ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଦ୍ୱାରା ନିର୍ମିତ ତିନୋଟି ଯୁଦ୍ଧଜାହାଜକୁ କମିଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ଷମ ଭାରତୀୟ ନୌସେନାର ଶକ୍ତିକୁ ଯଥେଷ୍ଟ ବୃଦ୍ଧି କରିବ। ଏହା ବ୍ୟତୀତ, ସମୁଦ୍ର ପ୍ରତ୍ୟେକ ସ୍ଥାନ ଉପରେ ଭାରତୀୟ ନୌସେନାର ନଜର ବୃଦ୍ଧି ପାଇବ। ଏହା ଚୀନ୍ ଏବଂ ପାକିସ୍ତାନ ପାଇଁ ଚିନ୍ତା ବଢ଼ାଇବ।

କାର୍ଯ୍ୟକ୍ଷମ ପାଇଁ ଯୋଜନା କରାଯାଇଥିବା ତିନୋଟି ଯୁଦ୍ଧଜାହାଜ ମଧ୍ୟରେ ଷ୍ଟିଲ୍ଥ ଫ୍ରିଗେଟ୍ ଆଇଏନଏସ ଦୁନାଗିରି, ଆଇଏନଏସ ଅଗ୍ରୟ ଏବଂ ସର୍ଭେ ଜାହାଜ ଆଇଏନଏସ ସଂଶୋଧକ ମଧ୍ୟ ଅନ୍ତର୍ଭୁକ୍ତ। ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ଏହି ସମାରୋହରେ ଜଣେ ବରିଷ୍ଠ କେନ୍ଦ୍ରୀୟ ସରକାରୀ ଅଧିକାରୀ ଯୋଗ ଦେବାର ଆଶା କରାଯାଉଛି ଏବଂ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ କୋଲକାତା ଗସ୍ତ ସମୟରେ ହୋଇପାରେ। ଏହାକୁ ଚୀନର ଚାଲବାଜିର ଏକ ନୂତନ ପ୍ରତିରୋଧ ଭାବରେ ଦେଖାଯାଉଛି। ଭାରତ ମହାସାଗର କ୍ଷେତ୍ରରେ ଚୀନ୍ ନୌସେନାର ବୃଦ୍ଧି ପାଉଥିବା ଉପସ୍ଥିତି ମଧ୍ୟରେ ଭାରତୀୟ ନୌସେନାର ଦ୍ରୁତ ଅଧିଗ୍ରହଣ ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ ଏଗୁଡ଼ିକୁ ସାମିଲ କରାଯାଉଛି। ଆଇଏନଏସ୍ ଦୁନାଗିରି ହେଉଛି ପ୍ରୋଜେକ୍ଟ ୧୭ (ଏ) ଅଧୀନରେ ନିର୍ମିତ ପଞ୍ଚମ ଫ୍ରିଗେଟ୍ ଏବଂ ଜିଆରଏସିରେ ନିର୍ମିତ ଏହି ଶ୍ରେଣୀର ଦ୍ୱିତୀୟ ଫ୍ରିଗେଟ୍ ଅଟେ। ଏହି ଫ୍ରିଗେଟ୍‌ଟି ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର, ଭୂପୃଷ୍ଠରୁ ଆକାଶରେ ମାରକ କ୍ଷମତା ରଖୁଥିବା କ୍ଷେପଣାସ୍ତ୍ର ଏବଂ କ୍ଲୋଜ୍-ଇନ୍-ଡିଫେନ୍ସ ପ୍ରଣାଳୀ ସହିତ ସୁସଜ୍ଜିତ। ଏହା ଏକ ମିଳିତ ଡିଜେଲ୍ କିମ୍ବା ଗ୍ୟାସ ପ୍ରଣୋଦନ ପ୍ରଣାଳୀ ଦ୍ୱାରା ଚାଳିତ ଏବଂ ଏକ ସମନ୍ୱିତ ପ୍ଲାଟଫର୍ମ ପରିଚାଳନା ପ୍ରଣାଳୀ ବୈଶିଷ୍ଟ୍ୟଯୁକ୍ତ ଅଟେ।

୨୦୨୩ରେ ଅନୁମୋଦିତ ୧୬ଟି ଜାହାଜ ଅର୍ଣ୍ଣାଳା-କ୍ଲାସର ଆଣ୍ଟି-ସବମେରିନ୍ ଯୁଦ୍ଧ ଅଗଭୀର ଜଳଯାନ କାର୍ଯ୍ୟକ୍ରମର ପଞ୍ଚମ ଜାହାଜ ହେଉଛି ଆଇଏନଏସ ଅଗ୍ରୟ। ସମୁଦ୍ରକୂଳୀୟ ଅଞ୍ଚଳରେ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଏହି ଜାହାଜଟି ହାଲୁକା ଟର୍ପେଡୋ, ସ୍ୱଦେଶୀ ଭାବରେ ବିକଶିତ ଆଣ୍ଟି-ସବମେରିନ୍ ରକେଟ୍ ଲଞ୍ଚର୍ ଏବଂ ଉନ୍ନତ ସୋନାର୍ ସିଷ୍ଟମ ସହିତ ସଜ୍ଜିତ। ଏହି ପ୍ଲାଟଫର୍ମଟି ବିଶେଷ ଭାବରେ ଅଗଭୀର ଉପକୂଳବର୍ତ୍ତୀ ଅଞ୍ଚଳରେ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ ଏବଂ ଟାର୍ଗେଟ କରିବା ପାଇଁ ଡିଜାଇନ୍ କରାଯାଇଛି। ପାକିସ୍ତାନ ନୌସେନା ହାଙ୍ଗୋର-ଶ୍ରେଣୀ ବୁଡ଼ାଜାହାଜକୁ ସାମିଲ କରିବା ସମେତ ଏହାର ବୁଡ଼ାଜାହାଜ କ୍ଷମତାକୁ ସୁଦୃଢ଼ କରିବା ଜାରି ରଖିଥିବାରୁ ଏହି କ୍ଷମତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ବିନା ପ୍ରେସକ୍ରିପସନରେ ମିଳିବନି କଫ ସିରପ୍

ନୂଆଦିଲ୍ଲୀ,୧୬।୬: କାଶ ସିରପ ସମେତ ବିଭିନ୍ନ ଔଷଧୀୟ ସିରପ କିଣିବା ପାଇଁ ଏବେ ସାରା ଦେଶରେ ଡାକ୍ତରଙ୍କ ପ୍ରେସକ୍ରିପସନ ବାଧ୍ୟତାମୂଳକ ହେବ। ଔଷଧ ନିୟମ, ୧୯୪୫ ସଂଶୋଧନ କରି, କେନ୍ଦ୍ର ସରକାର ସିରପର ଓଭର-ଦି-କାଉଣ୍ଟର ବିକ୍ରିକୁ ନିଷେଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, ଫାର୍ମାସିରୁ ସିରପ କିଣିବା ପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରେସକ୍ରିପସନ ଦେବା ଆବଶ୍ୟକ ହେବ। କେନ୍ଦ୍ର ସରକାର ଜୁନ ୯, ୨୦୨୬ ରେ ଜାରି ଏକ ବିଜ୍ଞପ୍ତି ମାଧ୍ୟମରେ ଔଷଧ (ପଞ୍ଚମ ସଂଶୋଧନ) ନିୟମ, ୨୦୨୬ କାର୍ଯ୍ୟକାରୀ କରିଥିଲେ। ଏହି ସଂଶୋଧନ ଔଷଧ ଏବଂ ପ୍ରସାଧନ ଆଇନ, ୧୯୪୦ ଧାରା ୧୨ ଏବଂ ୩୩ ଅନୁଯାୟୀ କରାଯାଇଥିଲା ଏବଂ ସରକାରୀ ଗେଜେଟରେ ପ୍ରକାଶନ ପରେ କାର୍ଯ୍ୟକାରୀ ହୋଇଥିଲା। ସରକାର ଔଷଧ ନିୟମ, ୧୯୪୫ ର ସୂଚୀ 'କେ'ରେ ତାଲିକାଭୁକ୍ତ ଔଷଧ ବର୍ଗରୁ 'ସିରପ' ଶବ୍ଦକୁ ହଟାଇ ଦେଇଛନ୍ତି। ଫଳରେ, ସିରପ ଆଉ ଓଭର-ଦି-କାଉଣ୍ଟର ଔଷଧ ବର୍ଗରେ ଆସିବ ନାହିଁ, ଏବଂ ସେମାନଙ୍କର ବିକ୍ରୟ କଠୋର ନିୟାମକ ନିୟନ୍ତ୍ରଣ ଅଧୀନରେ ରହିବ। ନୂତନ ନିୟମ ଅନୁଯାୟୀ, ଗ୍ରାହକମାନଙ୍କୁ କଫ ସିରପ ସମେତ ଔଷଧୀୟ ସିରପ କିଣିବା ପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରେସକ୍ରିପସନ ଉପସ୍ଥାପନ କରିବାକୁ ପଡ଼ିବ। ଏହା ପୂର୍ବରୁ ଲୋକମାନେ ସିଧାସଳଖ ମେଡିକାଲ ଷ୍ଟୋରରୁ କିଣିଥିବା ସିରପର ନିୟମିତ କ୍ରୟକୁ ପ୍ରଭାବିତ କରିବ।



## ହର୍ମୁଜ୍ ଅତିକ୍ରମ କଲା ଏଲ୍‌ଏନ୍‌ଜି ଜାହାଜ



ନୂଆଦିଲ୍ଲୀ, ୧୬।୬: ହର୍ମୁଜ୍ ପ୍ରଣାଳୀ ଦେଇ ଭାରତ ଅଭିମୁଖେ ଆସୁଥିବା ଏଲଏନଜି ବାହକ ଦିଶା ସୁରକ୍ଷିତ ଭାବେ ସୋମବାର ଦିନ ସାମୁଦ୍ରିକ ପଥ ଅତିକ୍ରମ କରିଛି। ଏହା ପାରସ୍ୟ ଉପସାଗରରେ ଫସି ରହିଥିବା ଅନ୍ୟ ୩୪ଟି ଭାରତୀୟ ଏବଂ ବିଦେଶୀ ପତାକାଧାରୀ ଜାହାଜ ଭାରତୀୟ ବନ୍ଦରରେ ସୁରକ୍ଷିତ ଏବଂ ଶୀଘ୍ର ପହଞ୍ଚିବା ପାଇଁ ଆଶା ସୃଷ୍ଟି କରିଛି। ଏହି ଆଶ୍ୱସ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାର ନିଷ୍ପତ୍ତି ଘୋଷଣା କରିଛନ୍ତି। ସାର ବିଭାଗର ଯୁଗ୍ମ ସଚିବ ବନ୍ଦନା ପ୍ରୀୟାଶୀ କହିଛନ୍ତି ଯେ, ହର୍ମୁଜ୍‌ରେ ଫସି ରହିଥିବା ମୋଟ ୧୬ଟି ସାର ଜାହାଜ ମଧ୍ୟରୁ ୮ଟି ଜାହାଜ ୟୁରିଆ, ୪ଟି ଜାହାଜ ଡାଇ-ଆମୋନିୟମ ଫସଫେଟ୍ (ଡିଏପି), ୩ଟି ଜାହାଜ ସଲଫର ଏବଂ ଗୋଟିଏ ଜାହାଜ ଆମୋନିଆ ପରିବହନ କରୁଛି।

### ପ୍ରତି ମିଟରରେ ୧ କେଜି ବାରୁଦ

## ହର୍ମୁଜ ସଫା କରିବାକୁ ମାସେ ଲାଗିବ



ତେହେରାନ, ୧୬।୬: ଇରାନ ଚୁକ୍ତି ପରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ନେଇ ଆଲୋଚନା ଚାଲିଛି। ଆମେରିକା ଏବଂ ଇରାନ ଅନୁଯାୟୀ, ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ଭାବରେ ଖୋଲିବା ପାଇଁ ଅତି କମରେ ୩୦ ଦିନ ସମୟ ଲାଗିପାରେ। ଏହି ସମସ୍ୟା ମୁଖ୍ୟତଃ ହର୍ମୁଜ୍ ଜଳରେ ବିଛାଯାଇଥିବା ସମୁଦ୍ର ମାଇନ୍ସ ଯୋଗୁଁ ଉପୁଜିଛି। ରିପୋର୍ଟ ହୋଇଛି ଯେ, ଯୁଦ୍ଧ ସମୟରେ, ଇରାନ ଆମେରିକାର ନୌସେନା କାର୍ଯ୍ୟକଳାପକୁ ବାଧା ଦେବା ପାଇଁ ବହୁ ସଂଖ୍ୟକ ମାଇନ୍ସ ପାଣି ତଳେ ବିଛାଇଥିଲା। ଏବେ ଇରାନକୁ ମଧ୍ୟ ସେଗୁଡ଼ିକୁ ହଟାଇବାକୁ କଷ୍ଟକର ହେବ। ୩୪ କିଲୋମିଟର ବ୍ୟାପୀ ହର୍ମୁଜ୍ ପ୍ରଣାଳୀକୁ ପାରସ୍ୟ ଉପସାଗରର ପ୍ରବେଶ ପଥ ଭାବରେ ବିବେଚନା କରାଯାଏ। ଉପସାଗରୀୟ ଦେଶଗୁଡ଼ିକ ଏହି ମାର୍ଗ ଦେଇ ବିଶ୍ୱକୁ ତୈଳ ଏବଂ ଗ୍ୟାସ୍ ଯୋଗାଣ କରନ୍ତି। ବିଶ୍ୱ ତୈଳ ଏବଂ ଗ୍ୟାସ୍ ଯୋଗାଣର ପ୍ରାୟ ୨୦ ପ୍ରତିଶତ ଏହି ଜଳପଥ ଦେଇ ହୋଇଥାଏ।

## ହରିଆଣାରେ କରମୁକ୍ତ ହେଲା 'ଭାରତ ଭାଗ୍ୟ ବିଧାତା'




ମୁମ୍ବାଇ, ୧୬।୬: ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାଓ୍ୱତଙ୍କ ସଦ୍ୟତମ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'କୁ ହରିୟାଣାରେ କରମୁକ୍ତ ଘୋଷଣା କରାଯାଇଛି। ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଚଣ୍ଡିଗଡ଼ରେ ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ଯୋଗ ଦେବା ପରେ ରାଜ୍ୟରେ ଏହି ଚଳଚ୍ଚିତ୍ରକୁ କରମୁକ୍ତ ଘୋଷଣା କରିଛନ୍ତି। ଫିଲ୍ମ ଦେଖିବା ପରେ, ସାଇନି ଏହାର ବାର୍ତ୍ତାକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଏପରି ଫିଲ୍ମଗୁଡ଼ିକ ବହୁ ସଂଖ୍ୟକ ଦର୍ଶକଙ୍କ ପାଖରେ ପହଞ୍ଚିବା ଉଚିତ। ଆମେ ହରିୟାଣାରେ ଏହାକୁ 'କରମୁକ୍ତ' ଘୋଷଣା କରିବୁ କାରଣ ଏହା ଆମକୁ ପ୍ରେରଣା ଦିଏ ଏବଂ ଆମକୁ ଆମର କର୍ତ୍ତବ୍ୟ ଅନୁଭବ କରାଏ।

## ଫସଲ ଋଣ ଛାଡ଼କଲେ ସିଏମ୍ ବିଜୟ



ଚେନ୍ନାଇ, ୧୬।୬: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ରାଜ୍ୟର ଚାଷୀମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୧୪.୪୩ ଲକ୍ଷ ଚାଷୀ ଉପକୃତ ହେବେ। ତେବେ ଏହି ଯୋଜନା ଯୋଗୁ ରାଜ୍ୟ କୋଷାଗାର ଉପରେ ୫,୯୩୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ଚଳିତ ବର୍ଷ ୨୦୨୫ ମେ ୧ରୁ ୨୦୨୬ ଫେବୃଆରୀ ୨୮ ମଧ୍ୟରେ ନିଆଯାଇଥିବା ସମସ୍ତ ଫସଲ ଋଣ ଉପରେ ଏହି ରିହାତି ଲାଗୁ ହେବ। ଏହି ପଦକ୍ଷେପ ଆଗାମୀ ଚାଷ ଋତୁ ପାଇଁ ଚାଷୀମାନଙ୍କୁ ନୂତନ ଋଣ ନେବାରେ ବିଶେଷ ସହାୟକ ହେବ।

## ଟାଇମ୍ସ ମାଗାଜିନ୍‌ର ଶୀର୍ଷ ୧୦୦ କ୍ରୀଡ଼ା ବ୍ୟକ୍ତିତ୍ୱ ମଧ୍ୟରେ ମନ୍ଧାନା



ନୂଆଦିଲ୍ଲୀ, ୧୬।୬: ବିଶ୍ୱର ମର୍ଯ୍ୟାଦାଜନକ ମାଗାଜିନ୍ 'ଟାଇମ୍ସ'ର ଶୀର୍ଷ ୧୦୦ ପ୍ରଭାବୀ କ୍ରୀଡ଼ାବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନା। ଏହି ତାଲିକାରେ ବାସ୍କେଟ୍‌ବଲ୍ କିଂବଦନ୍ତି ଲିବ୍ରନ୍ ଜେମ୍ସଙ୍କ ସହିତ ଫୁଟ୍‌ବଲ୍ ଆଇକନ୍ ଲିଓନେଲ୍ ମେସି, କ୍ରିଷ୍ଟିଆନୋ ରୋନାଲ୍ଡୋ, ଟେନିସ୍ ସେନସେସନ୍ କାର୍ଲୋସ ଆଲକାରାଜ, ଗଲ୍‌ଫର ରୋରି ମ୍ୟାକଲରୟ, ସ୍କାଏର ଏଲିନ୍ ଗୁ, ଏନବିଏ ତାରକା ଭିକ୍ଟର ଓ୍ୱେମ୍ବାନ୍ୟାମା, ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳ ଅଧିନାୟକ ତେମ୍ବା ବଭୂମା ଏବଂ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ମଧ୍ୟ ସାମିଲ ଅଛନ୍ତି।୨୯ ବର୍ଷୀୟା ମନ୍ଧାନା ପ୍ରଥମ ଭାରତୀୟ ଭାବେ ଘରୋଇ ଦିନିକିଆରେ ଦ୍ୱିଶତକ ମାରିବା ସହ ସମସ୍ତ ୩ ଫର୍ମାଟରେ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ସେ ମଧ୍ୟ ମହିଳା ଅନ୍ତର୍ଜାତୀୟରେ ୧୭ ଶତକ ସହିତ ଯୁଗ୍ମ ଭାବେ ବିଶ୍ୱରେକର୍ଡର ଅଧିକାରିଣୀ ଅଛନ୍ତି। ପ୍ରଥମ ମହିଳା ଭାବେ ସେ ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ୧,୦୦୦ ଦିନିକିଆ ରନ୍ କରିଛନ୍ତି। ଟାଇମ୍ସ ମାଗାଜିନ୍ କିନ୍ତୁ ତାଙ୍କ ଦଳଗତ ସଫଳତା ପାଇଁ ଅଧିକ ଶ୍ରେୟ ଦେୟ ଦେଇ ଏହି ଏଲିଟ୍ ତାଲିକାରେ ସ୍ଥାନ ଦେଇଛି। ତାଙ୍କ ନେତୃତ୍ୱରେ ଆର୍‌ସିବି ୨୦୨୪ ଓ ୨୦୨୬ରେ ଡବ୍ଲ୍ୟୁପିଏଲ୍ ଟାଇଟଲ୍ ଜିତିଥିଲା। ୨୦୨୫ରେ ଦିନିକିଆ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଉପଅଧିନାୟକ ଥିଲେ। ୨୦୨୫ରେ ସେ ମଧ୍ୟ ବିବିସି ଇଣ୍ଡିଆନ୍ ସ୍ପୋର୍ଟସଓ୍ୱମେନ୍ ଅଫ୍ ଦ ଇୟର୍ ବିବେଚିତ ହୋଇଥିଲେ।


## ବାୟୁସେନା କର୍ମଚାରୀଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଓ ଧର୍ମାନ୍ତରୀକରଣ

### ପୀଡ଼ିତାଙ୍କ ଅଭିଯୋଗରେ ୨ ଗିରଫ

### ସ୍ୱାମୀଙ୍କ ସହପାଠୀ ଓ ସହଯୋଗୀଙ୍କ ନାମରେ ମାମଲା

### କଲ୍‌ମା ପଢ଼ାଇବା ଓ କଳାଯାଦୁ କରିବା ଅଭିଯୋଗ

### ଭିଡ଼ିଓ ଭାଇରାଲ ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ



ନାଗପୁର, ୧୬।୬: ମହାରାଷ୍ଟ୍ରର ନାଗପୁରରେ ଜଣେ ବାୟୁସେନା କର୍ମଚାରୀଙ୍କ ପତ୍ନୀଙ୍କୁ ତାଙ୍କର ଜଣେ ପୁରୁଣା ସହପାଠୀ ଓ ତା'ର ସହଯୋଗୀମାନେ ମିଶି ଦୁଷ୍କର୍ମ, ବ୍ଲାକମେଲିଂ, କଳା ଯାଦୁ ପ୍ରୟୋଗ ଓ ଜବରଦସ୍ତ ଧର୍ମାନ୍ତରୀକରଣ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏଫ୍‌ଆଇଆର୍ ଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଏକ ଭିଡିଓ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାଗପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ଆୟାଜ ମଦାରେ ଓ ତା'ର ସହଯୋଗୀ ଅମିନ ଶେଖକୁ ଗିରଫ କରିଛି। ଜବରଦସ୍ତ ଧର୍ମାନ୍ତରୀକରଣ ଓ ନିକାହ କରାଇଥିବା ମଧ୍ୟପ୍ରଦେଶର ଛିନ୍ଦଓ୍ୱାଡ଼ା ଜିଲ୍ଲା ତାମିଆ ଗ୍ରାମର ଅଭିଯୁକ୍ତ ମୌଲାନା (ହଜରତ ମୌଲାନା)କୁ ଗିରଫ କରିବା ପାଇଁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପଡ଼ୋଶୀ ରାଜ୍ୟକୁ ପଠାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଫେବ୍ରୁଆରୀ ୮ତାରିଖ ୨୦୨୫ ରେ ଆୟାଜ ଜମି କିଣିବା ବାହାନାରେ ତାଙ୍କୁ ଏକ ହୋଟେଲକୁ ଡକାଇଥିଲା। ସେଠାରେ ତାଙ୍କୁ ନିଶା ମିଶ୍ରିତ ଜୁସ୍ ପିଆଇ ଅଚେତ କରି ଦୁଷ୍କର୍ମ କରାଯାଇଥିଲା ଏବଂ ସେହି ସମୟର ଅଶ୍ଳୀଳ ଫଟୋ ଓ ଭିଡିଓ ରେକର୍ଡ କରାଯାଇଥିଲା। ସେଗୁଡ଼ିକୁ ଭାଇରାଲ୍ କରିବା ଭୟ ଦେଖାଇ ୪ ଲକ୍ଷ ଟଙ୍କା ଲୁଟିବା ସହ ବାରମ୍ବାର ଦୁଷ୍କର୍ମ କରିଥିଲା ଆୟାଜ ଏବଂ ଗତ ମେ' ୩୧ ରେ ପୀଡ଼ିତାଙ୍କୁ ଜବରଦସ୍ତ କଲମେଶ୍ୱର ନିଆଯାଇ ମୌଲାନାଙ୍କ ଦ୍ୱାରା 'କୁବୁଲ୍ ହେଁ' କୁହାଇ ଇସଲାମ୍ ଧର୍ମ ଗ୍ରହଣ କରାଯାଇଥିବା ଓ ଗୋମାଂସ ଖାଇବାକୁ ବାଧ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ତିନିଦିନ ପୂର୍ବେ ଯେତେବେଳେ ପୀଡ଼ିତାଙ୍କ ସ୍ୱାମୀ ଅନ୍ୟ ସହରରୁ ଚାକିରିରୁ ଫେରିଥିଲେ, ସେତେବେଳେ ମହିଳା ଜଣକ ନିଜ ସହ ଘଟିଥିବା ସମସ୍ତ ଅତ୍ୟାଚାର ବିଷୟରେ ଜଣାଇଥିଲେ। ଏହାପରେ ନାଗପୁରର ସୋନେଗାଓଁ ଥାନାରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାୟର କରାଯାଇଥିଲା।


### ଭବାନୀପୁର ବିଧାନସଭା ଆସନ

## ପୁନଃଗଣନା ଲାଗି ମମତାଙ୍କ ଆବେଦନ



କୋଲକାତା, ୧୬।୬: ତୃଣମୂଳ କଂଗ୍ରେସର ମୁଖ୍ୟ ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଭବାନୀପୁର ବିଧାନସଭା ଆସନରୁ ନିଜର ପରାଜୟ ନେଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ଦେଇଛନ୍ତି। ମମତା ବାନାର୍ଜୀ ନିର୍ବାଚନ ପରିଣାମକୁ ରଦ୍ଦ କରିବା, ଭୋଟ ପୁନଃଗଣନା କରିବା ଓ ଅନ୍ୟ କିଛି ଦାବି ନେଇ ଆବେଦନ ଦାଖଲ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ମମତା ଭବାନୀପୁର ବିଧାନସଭା ଫଳାଫଳକୁ ଚ୍ୟାଲେଞ୍ଜ କରି ହଠାତ କଲିକତା ହାଇକୋର୍ଟରେ ପହଞ୍ଚିଥିଲେ। ତାଙ୍କ ସହିତ ସାଂସଦ ଡେରେକ୍ ଓ'ବ୍ରାଏନ୍, ଡୋଲା ସେନା ଏବଂ କଲ୍ୟାଣ ବାନାର୍ଜୀ ମଧ୍ୟ ଥିଲେ। ଭବାନୀପୁର ଆସନରେ ମମତା ବାନାର୍ଜୀ ଏବଂ ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଆସନରେ ବିଜୟୀ ହୋଇଥିଲେ।

## ଟିଏମ୍‌ସିରେ ରହିବେ ନୟନା ବନ୍ଦୋପାଧ୍ୟାୟ



କୋଲକାତା, ୧୬।୬: ଉତ୍ତର କୋଲକାତାର ଟିଏମସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ଏନସିପିଆଇରେ ସାମିଲ ହୋଇଥିବା ବେଳେ ତାଙ୍କ ପତ୍ନୀ ନୟନା ବନ୍ଦୋପାଧ୍ୟାୟ ମମତାଙ୍କ ସମର୍ଥନରେ ବାହାରିଛନ୍ତି। ସ୍ୱାମୀ ବିଦ୍ରୋହୀ ହୋଇଥିଲେ ମଧ୍ୟ ସେ ଶେଷ ନିଃଶ୍ୱାସ ଯାଏଁ ମମତାଙ୍କ ସହ ରହିବେ ବୋଲି ଟିଏମସି ପକ୍ଷରୁ ୫ ଥର ବିଧାୟିକା ହୋଇଥିବା ନୟନା ବନ୍ଦୋପାଧ୍ୟାୟ ସ୍ପଷ୍ଟ କରିଛନ୍ତି। ନୟନା ମମତା ବାନାର୍ଜୀଙ୍କୁ ମାଆ ଦୁର୍ଗାଙ୍କ ସହ ତୁଳନା କରିଛନ୍ତି। ଯଦି ମମତା ତାଙ୍କୁ ଦଳରୁ ବିଦା କରନ୍ତି ସେ ଏକ ଅନାଥ ଶିଶୁ ଭଳି ଗଳିରେ ବୁଲିବେ ପଛେ ଅନ୍ୟ କେଉଁ ଦଳରେ ସାମିଲ ହେବେ ନାହିଁ। ସେ ପତ୍ନୀଙ୍କୁ ବୁଝାଇବାରେ ବିଫଳ ହୋଇଛନ୍ତି ବୋଲି ସାମ୍ବାଦିକଙ୍କୁ ସୁଦୀପ କହିଛନ୍ତି। ସୂଚନାଯୋଗ୍ୟ ଯେ, ସୁଦୀପ ବିଦ୍ରୋହୀ କ୍ୟାମ୍ପରେ ମିଶିବା ପରେ ଟିଏମସି ମୁଖପାତ୍ର କୁନାଲ ଘୋଷ କହିଥିଲେ ଯେ, ଏହା ବିଜେପିର ଷ୍ଟ୍ରାଟେଜି।

## ରାସ୍ତାରେ ଯଦି ନମାଜ ପାଠ ନୁହେଁ, ତେବେ ଯୋଗ କାହିଁକି ?

### ଇମାମ୍‌ଙ୍କ ପ୍ରଶ୍ନ



କୋଲକାତା, ୧୬।୬: ଜୁନ୍ ୨୧ ତାରିଖରେ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଯୋଗ କରାଯିବ। ଏହି ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଲକାତାର ହଜାର ହଜାର ଲୋକଙ୍କ ସହିତ ଯୋଗ କରିବେ। କୋଲକାତାର ରେଡ୍ ରୋଡରେ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରୋଟୋକଲ ପାଇଁ କିଛି ରାସ୍ତା ମଧ୍ୟ ବନ୍ଦ ରହିବ। ଜୁନ୍ ୨୧ ତାରିଖରେ କୋଲକାତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଯୋଗ କରିବାକୁ ପ୍ରାୟ ୩୦,୦୦୦ ଲୋକ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏହାକୁ ନେଇ ଏବେ କୋଲକାତାରେ ବିତର୍କ ସୃଷ୍ଟି ହୋଇଛି। ଜଳପାଇଗୁଡ଼ି ମସଜିଦର ଇମାମ ହାଫିଜ୍ ମହମ୍ମଦ ନଇମୁଦ୍ଦିନ ଗାଜି କହିଛନ୍ତି ଯେ, ସେ ଜଣେ ଭାରତୀୟ ନାଗରିକ ଏବଂ ସମ୍ବିଧାନର ଧାରା ୧୫ ସମସ୍ତ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ। ଟ୍ରାଫିକ ସମସ୍ୟାକୁ ଉଦ୍ଧୃତ କରି ସେ ପ୍ରଶ୍ନ କରିଛନ୍ତି ଯେ, ରାସ୍ତାରେ ନମାଜ ପାଠ ନିଷେଧ ଥିବା ବେଳେ ରେଡ୍ ରୋଡରେ ଯୋଗ ଦିବସ କାର୍ଯ୍ୟକ୍ରମ ପାଇଁ କାହିଁକି ଅନୁମତି ଦିଆଯାଇଛି। ସେ ଯୁକ୍ତି ଦେଇଛନ୍ତି ଯେ, ଯଦି ରାସ୍ତା ବନ୍ଦ ହେବା ଦ୍ୱାରା ଲୋକଙ୍କ ଅସୁବିଧା ହେଉଛି ତେବେ ଏହି ନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ଲାଗୁ ହେବା ଉଚିତ୍। ସେହିପରି ଖାଦିମ୍ ମହମ୍ମଦ ପ୍ରଶାସନର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି।

### ପାକିସ୍ତାନ ପୁଲିସର ଭୁଲ୍ ଗୁଳିଚାଳନା

## ଅଷ୍ଟ୍ରେଲୀୟ ବାଳିକା ମୃତ



ଇସଲାମାବାଦ/କାନବେରା, ୧୬।୬: ଏକ ଭ୍ରମଣକାରୀ ଅଷ୍ଟ୍ରେଲୀୟ ପରିବାରର ଗାଡ଼ିକୁ ପୁଲିସ ଭୁଲବଶତଃ ଅପରାଧୀଙ୍କ ଗାଡ଼ି ଭାବି ଆଖିବୁଜା ଗୁଳିମାଡ଼ କରିବା ଫଳରେ ହାନିଆ ଅହମ୍ମଦ ନାମକ ଜଣେ ୯ ବର୍ଷର ଅଷ୍ଟ୍ରେଲୀୟ ଶିଶୁକନ୍ୟାର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ବାପା ଆଦିଲ୍ ଅହମ୍ମଦ ଓ ଭାଇ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ୍ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ଏକ ସଠିକ୍ ଓ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଦାବି କରିଛନ୍ତି। ଛୁଟି କାଟିବାକୁ ପାକିସ୍ତାନ ଆସିଥିବା ଏହି ପରିବାରର ଭଡ଼ାଗାଡ଼ିକୁ କିଛି ଦୁର୍ବୃତ୍ତ ବନ୍ଧୁକ ମୁନରେ ଅପହରଣ କରି ସେମାନଙ୍କୁ ଗାଡ଼ି ଭିତରେ ହିଁ ପଣବନ୍ଦୀ କରି ରଖିଥିଲେ। ମାତ୍ର ସେମାନଙ୍କୁ ଉଦ୍ଧାର କରିବା ବଦଳରେ ପୁଲିସର ଏଭଳି ଦାୟିତ୍ୱହୀନ ଗୁଳିଚାଳନା ପାକିସ୍ତାନ ପୁଲିସର କାର୍ଯ୍ୟଦକ୍ଷତା ଓ ଜରୁରୀକାଳୀନ ସ୍ଥିତିର ମୁକାବିଲା କରିବା ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସର୍ବାଧିକ ଜଳବ୍ୟୟୀ ଜୈବ ଇନ୍ଧନ

# ଲିଟରେ ଇଥାନଲ ପାଇଁ ୧୦ ହଜାର ଲିଟର ପାଣି



ନୂଆଦିଲ୍ଲୀ, ୧୬।୬: ଅଶୋଧିତ ତୈଳ ଆମଦାନି ଉପରେ ନିର୍ଭରଶୀଳତା ଓ ଯାନରୁ ନିର୍ଗତ ଅଙ୍ଗାରକ ହ୍ରାସ ଲାଗି ଭାରତ ପେଟ୍ରୋଲରେ ଇଥାନଲର ବ୍ୟବହାରକୁ ଦ୍ରୁତ ବଢ଼ାଉଛି। ଇଥାନଲକୁ ପ୍ରାୟତଃ ଏକ ସ୍ୱଚ୍ଛ ଇନ୍ଧନ କୁହାଯାଏ, କାରଣ ଏହା ଜୀବାଶ୍ମ ଇନ୍ଧନ ନୁହେଁ, ଫସଲରୁ ପ୍ରସ୍ତୁତ ହୋଇଥାଏ। ସେହି ଦୃଷ୍ଟିରୁ ଚାଷର ପୂରା ପ୍ରକ୍ରିୟାକୁ ଧ୍ୟାନରେ ରଖି ୧ ଲିଟର ଇଥାନଲ ଉତ୍ପାଦନ ଲାଗି ୧୦ ହଜାର ଲିଟର ଜଳ ଆବଶ୍ୟକ ହୋଇପାରେ। ଉଦାହରଣ ସ୍ୱରୂପ, ଚାଉଳ-ଆଧାରିତ ଇଥାନଲ ପାଇଁ ପ୍ରତି ଲିଟର ଇନ୍ଧନ ପ୍ରସ୍ତୁତିରେ ୧୦,୭୯୦ ଲିଟର ଜଳ ଆବଶ୍ୟକ। ଏହି କାରଣରୁ ଇଥାନଲ ହେଉଛି ସର୍ବାଧିକ ଜଳ ଖର୍ଚ୍ଚ କରୁଥିବା ଜୈବଇନ୍ଧନ।

ଇଥାନଲ ପ୍ରସ୍ତୁତି ନିମନ୍ତେ ଦୁଇ ପ୍ରକାର ମାର୍ଗରେ ଜଳର ଉପଯୋଗ ହୋଇଥାଏ। ପ୍ରଥମତଃ ଇଥାନଲ ଉତ୍ପାଦନ ନିମନ୍ତେ କାରଖାନାରେ ବ୍ୟବହୃତ ଜଳ। ଆଧୁନିକ କାରଖାନାଗୁଡ଼ିକ ୧ ଲିଟର ଇଥାନଲ ଉତ୍ପାଦନ ଲାଗି ୩-୪ ଲିଟର ପ୍ରକ୍ରିୟାକୃତ ଜଳ ଉପଯୋଗ କରୁଛନ୍ତି। ଦ୍ୱିତୀୟତଃ ଇଥାନଲ ପ୍ରସ୍ତୁତିରେ ବ୍ୟବହୃତ ଫସଲର ଚାଷ ଲାଗି ଆବଶ୍ୟକ ହେଉଥିବା ଜଳ। ସରଳ ଭାଷାରେ, କାରଖାନାଗୁଡ଼ିକ ଇଥାନଲ ପ୍ରସ୍ତୁତିରେ କମ୍ ପାଣି ଉପଯୋଗ କରୁଥାଇ ପାରନ୍ତି। କିନ୍ତୁ ଏଥିନିମନ୍ତେ ଆବଶ୍ୟକ ଫସଲ ଉତ୍ପାଦନରେ ହଜାର ହଜାର ଲିଟର ପାଣି ଆବଶ୍ୟକ। ତନ୍ମଧ୍ୟରେ ଇଥାନଲ ଉତ୍ପାଦନ ନିମନ୍ତେ ଚାଉଳ ଉତ୍ପାଦନରେ ସର୍ବାଧିକ ପାଣି ଆବଶ୍ୟକ ହେଉଛି। ଚାଉଳରୁ ୧ ଲିଟର ଇଥାନଲ ଉତ୍ପାଦନ ଲାଗି ଚାଉଳ ଚାଷରେ ୧୦,୭୯୦ ଲିଟର ପାଣି ଆବଶ୍ୟକ। କାରଣ ଧାନ ଫସଲ ପାଇଁ କ୍ଷେତରେ ହଜାର ହଜାର ଲିଟର ପାଣି ଆବଶ୍ୟକ ହୋଇଥାଏ। ତେବେ ଚାଉଳ ଏକମାତ୍ର ଶସ୍ୟ ନୁହେଁ, ଯାହାର ଫସଲ ଲାଗି ଅଧିକ ଜଳ ଖର୍ଚ୍ଚ ହେଉଛି। ଆଖୁ ଓ ମକା ଭଳି ଫସଲ ଉତ୍ପାଦନରେ ବ୍ୟାପକ ଜଳ ଆବଶ୍ୟକ। ଆଖୁରୁ ୧ ଲିଟର ଇଥାନଲ ପ୍ରସ୍ତୁତି ଲାଗି ଆଖୁ ଚାଷରେ ୩,୬୩୦ ଲିଟର ପାଣି ଖର୍ଚ୍ଚ ହେଉଛି।

ସେହିପରି ମକାରୁ ୧ ଲିଟର ଇଥାନଲ ଉତ୍ପାଦନ ନିମନ୍ତେ ୪,୬୭୦ ଲିଟର ପାଣି ଆବଶ୍ୟକ ହୁଏ। ଚାଉଳ ଫସଲ ଅପେକ୍ଷା ମକା ଉତ୍ପାଦନରେ କମ୍ ପାଣି ଆବଶ୍ୟକ ହେଲେ ମଧ୍ୟ ଆବଶ୍ୟକଠୁ ଅଧିକ ଉତ୍ପାଦନ ଜଳ ସ୍ରୋତ ଉପରେ ଅତ୍ୟଧିକ ଚାପ ପକାଉଛି। ଭାରତର ଇଥାନଲ ଉତ୍ପାଦନ ମୁଖ୍ୟତଃ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ହୋଇଥାଏ। ବିଡ଼ମ୍ବନାର ବିଷୟ, ଏହିସବୁ ରାଜ୍ୟର ଅନେକ ଜିଲ୍ଲା ଭୂଜଳ ଚାପ ଓ ଋତୁକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

## ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ପଏଣ୍ଟ ଖାତା ଖୋଲିଲା ଶ୍ରୀଲଙ୍କା



ସାଉଥାମ୍ପଟନ,୧୬।୬: ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୫ ୱିକେଟ୍‌ରେ ବିଜୟୀ ହୋଇ ତା'ର ପଏଣ୍ଟ ଖାତା ଖୋଲିଛି। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୮୨ ରନ୍‌ରେ ପରାସ୍ତ ହୋଇଥିବା ଶ୍ରୀଲଙ୍କା ଆଜି ନୀଳାକ୍ଷିକା ଡି'ସିଲ୍ଭାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ମାତ୍ର ୩୭ ବଲ୍ ଖେଳି ୫ଟି ଚୌକା ଓ ଗୋଟିଏ ଛକା ଜରିଆରେ ୫୫ ରନ୍ କରି ନୀଳାକ୍ଷିକାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନ୍ୟୁଜିଲାଣ୍ଡ ଧାର୍ଯ୍ୟ ୨୦ ଓଭରରେ ୬ ୱିକେଟ୍ ହରାଇ ୧୫୦ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଆମେଲିଆ କେର୍ ଓ ସୋଫି ଡିଭାଇନ୍ ୪୫ ରନ୍ ଲେଖାଏଁ କରିଥିଲେ। ଡିଭାଇନ୍ ମାତ୍ର ୩୦ ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଉକ୍ତ ରନ୍ ସଂଗ୍ରହ କରିଥିବା ବେଳେ ଏହି ରନ୍ ସକାଶେ କେର୍ ୩୨ଟି ବଲ୍ ଓ ୫ଟି ଚୌକାର ସହାୟତା ନେଇଥିଲେ। ଏହାଛଡ଼ା ଓପନର ଜର୍ଜିଆ ପ୍ଲିମର୍ ଓ ମ୍ୟାଡି ଗ୍ରୀନ୍ ୧୮ ରନ୍ ଲେଖାଏଁ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କାଭିଶା ଦିଲହାରି ୨ଟି ଏବଂ ମିତାଲି ଅଯୋଧ୍ୟା, ସୁଗନ୍ଧିକା କୁମାରୀ, ଅଧିନାୟିକା ଚାମରି ଅଥାପ୍ପୁ ଓ ନିମାଶା ମିପାଗେ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ବ୍ୟାଟିଂରେ ଦଳର ଦୁଇ ଓପନର ଭିଶ୍ମି ଗୁଣରତ୍ନେ ଓ ଚାମରି ଯଥାକ୍ରମେ ୧୭ ଓ ୨୭ ରନ୍ କରିବା ସହ ପ୍ରଥମ ୱିକେଟ୍ ଯୋଡ଼ିରେ ୪୫ ରନ୍ ଯୋଡ଼ିଥିଲେ। ଦଳ ୮ ରନ୍ ବ୍ୟବଧାନରେ ୩ଟି ୱିକେଟ୍ ହରାଇବା ଫଳରେ ବିପଦରେ ପଡ଼ିଥିଲା। କିନ୍ତୁ କାଭିଶା ଓ ନୀଳାକ୍ଷିକା ପଞ୍ଚମ ୱିକେଟ୍‌ରେ ୫୦ ରନ୍ ଯୋଡ଼ିବା ଫଳରେ ଶ୍ରୀଲଙ୍କା ବିଜୟ ଦିଗରେ ଅଗ୍ରସର ହୋଇଥିଲା। କାଭିଶା ୨ଟି ଚୌକା ସହ ୧୭ ରନ୍ କରି ଆଉଟ୍ ହେବା ପରେ ନୀଳାକ୍ଷିକା ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ କୌଶାନି ନୁତ୍ୟାଙ୍ଗନାଙ୍କୁ ସାଥୀ କରି ଦଳକୁ ବିଂଶତମ ଓଭରର ଚତୁର୍ଥ ବଲ୍‌ରେ ବିଜୟ ପଥରେ ପହଞ୍ଚାଇଥିଲେ। ଦଳ ୫ ୱିକେଟ୍ ବିନିମୟରେ ୧୫୩ ରନ୍ କରି ପ୍ରତିଯୋଗିତାରେ ତା'ର ପ୍ରଥମ ବିଜୟ ପାଇଥିବା ବେଳେ କୌଶାନି ମାତ୍ର ୧୪ ବଲ୍‌ରେ ୩ଟି ଚୌକା ସହ ୨୪ ରନ୍‌ରେ ଅପରାଜିତ ଥିଲେ। ସେମାନଙ୍କ ମଧ୍ୟରେ ଷଷ୍ଠ ୱିକେଟ୍‌ରେ ଅବିଭାଜିତ ୪୮ ରନ୍‌ର ଭାଗୀଦାରୀ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜେସ୍ କେର୍ ୨ଟି ଓ ବ୍ରି ଇଲିଙ୍ଗ୍ ଗୋଟିଏ ୱିକେଟ୍ ନେଇଥିଲେ। ଆଜିର ମ୍ୟାଚ୍ ପରେ ଗ୍ରୁପ୍-ବି'ରେ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

## ତୃଣମୂଳ କାଉନସିଲର ଗିରଫ

କୋଲକାତା,୧୬।୬(ସଂଚାର ବ୍ୟୁରୋ): ମେଦିନୀପୁର ପୌରସଭାର ୧୬ ନମ୍ବର ୱାର୍ଡର କାଉନସିଲର ସୁଷମୟ ମୁଖୋପାଧ୍ୟାୟଙ୍କୁ ଗିରଫ କରାଯାଇଛି। ସୋମବାର ରାତିରେ କୋତୱାଲି ଥାନାର ପୁଲିସ ତାଙ୍କୁ ଗିରଫ କରିଛି। ସ୍ଥାନୀୟ ବାସିନ୍ଦା ତାଙ୍କ ୱାର୍ଡରେ ଥିବା ଦଳୀୟ କାର୍ଯ୍ୟାଳୟରୁ ବିପୁଳ ପରିମାଣରେ ରିଲିଫ୍ ସାମଗ୍ରୀ, ପାଲ, ବ୍ୟାଙ୍କ ପାସବୁକ୍ ଓ ଭୋଟର କାର୍ଡ ଜବତ କରିଥିବା ଅଭିଯୋଗ ହୋଇଛି। କାଉନସିଲରଙ୍କ ବିରୋଧରେ ଦୁର୍ନୀତି ଏବଂ ପରିବାରବାଦ ଅଭିଯୋଗ ଆସିଛି। ମଙ୍ଗଳବାର ସୁଷମୟଙ୍କୁ ମେଦିନୀପୁର କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ଅଣାଯାଉଥିବା ସମୟରେ ବିଜେପି କର୍ମୀମାନେ 'ଚୋର, ଚୋର' ସ୍ଲୋଗାନ ଦେଇଥିଲେ ଓ ତାଙ୍କ ଉପରକୁ ଅଣ୍ଡା ଫିଙ୍ଗିଥିଲେ। ସୋମବାର ରାତିରେ ସ୍ଥାନୀୟ ବାସିନ୍ଦାମାନେ ତୃଣମୂଳ ଦଳୀୟ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ସେଠାରେ ବିପୁଳ ପରିମାଣର ରିଲିଫ୍ ସାମଗ୍ରୀ, ପାଲ, ବ୍ୟାଙ୍କ ପାସବୁକ୍, ଭୋଟର କାର୍ଡ, ପୌରସଭାର ଅଳିଆ ଡବା ଏବଂ ବିଭିନ୍ନ କାଗଜପତ୍ର ମିଳିଥିଲା। ବାସିନ୍ଦାମାନେ ଦଳୀୟ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ କରିଥିଲେ। ସୂଚନା ପାଇ ପୁଲିସ ପହଞ୍ଚି ରିଲିଫ୍ ସାମଗ୍ରୀ ଉଦ୍ଧାର କରି କାଉନସିଲର ସୁଷମୟ ମୁଖୋପାଧ୍ୟାୟଙ୍କୁ ମଧ୍ୟ ଗିରଫ କରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଏହି କାଉନସିଲର ହେଉଛନ୍ତି ଅଞ୍ଚଳରେ ପରିବାରବାଦ ଏବଂ ଦୁର୍ନୀତିର ମୁଖ୍ୟ ସୂତ୍ରଧର।

● ହକର ଉଚ୍ଛେଦ ଘଟଣା

## ବୁଲଡୋଜର ସାମ୍ନାରେ ବସିଲେ ମହିଳା

କୋଲକାତା,୧୬।୬(ସଂଚାର ବ୍ୟୁରୋ): ସୋମବାର ବିଳମ୍ବିତ ରାତିରେ ବାରୁଇପୁରର ମଲ୍ଲିକପୁର ଷ୍ଟେସନ ଅଞ୍ଚଳରୁ ହକରମାନଙ୍କୁ ଉଚ୍ଛେଦ କରାଯିବାକୁ ନେଇ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ରେଳ କର୍ତ୍ତୃପକ୍ଷ ବୁଲଡୋଜର, ଆର୍‌ପିଏଫ୍, କେନ୍ଦ୍ରୀୟ ବାହିନୀ ଏବଂ ବାରୁଇପୁର ଥାନାର ବିଶାଳ ପୁଲିସ ଟିମ୍ ସହିତ ଏକ ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ। ପ୍ରତିବାଦରେ ଅନେକ ମହିଳା ବୁଲଡୋଜର ସମ୍ମୁଖରେ ବସି ଉଚ୍ଛେଦ ବନ୍ଦ କରିବାକୁ ଦାବି କରିଥିଲେ।

● ଡ୍ରଗ୍ସ ଚାଲାଣକାରୀ ଗ୍ୟାଙ୍ଗଠାବ

## ୭ ଜଣ ଗିରଫ, କିଙ୍ଗପିନ୍ ଫେରାର

କୋଲକାତା,୧୬।୬(ସଂଚାର ବ୍ୟୁରୋ): ମୁର୍ଶିଦାବାଦର ଫରାକ୍କାର ଏକ ଭଡାଘରେ ଚାଲିଥିବା ଗୋଟିଏ ନିଶାଦ୍ରବ୍ୟ ଚାଲାଣକାରୀ ଦଳକୁ ପୁଲିସ ଠାବ କରିଛି। ଏହି ମାମଲାରେ ଚାରିଜଣ ମହିଳାଙ୍କ ସମେତ ମୋଟ ସାତଜଣଙ୍କୁ ଗିରଫ କରାଯାଇଛି। ଏହି ଦଳ ବିହାରରୁ ଆସି ଏକ ସଫଳ ହେରୋଇନ୍ ଉତ୍ପାଦନ ଅଭିଯାନ ଚଳାଇବା ଉଦ୍ଦେଶ୍ୟରେ ଫରାକ୍କାରେ ଏକ ଘାଟି ସ୍ଥାପନ କରିଥିଲେ। ସୂଚନା ପାଇ ଫରାକ୍କା ଥାନା ପୁଲିସ ସୋମବାର ନ୍ୟୁ ଫରାକ୍କାର ୧୨ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଲୋହାପଛି ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ସାତଜଣ ଚାଲାଣକାରୀଙ୍କୁ ଧରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛି ଏବଂ ପୁଲିସ ତାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଲାସୀ ଚଳାଇଛି।

## ଯୋଗ ଦିବସ ପୂର୍ବରୁ ପ୍ରସ୍ତୁତି ଅଧିବେଶନ

କୋଲକାତା,୧୬।୬(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଐତିହାସିକ ହାଓଡ଼ା ବ୍ରିଜର ଫୁଟପାଥରେ ଏକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳେ ବିଶ୍ୱର ସବୁଠାରୁ ବ୍ୟସ୍ତ ଏବଂ ପ୍ରସିଦ୍ଧ ଏହି ବ୍ରିଜର ଫୁଟପାଥରେ ଯୋଗ ଅଭ୍ୟାସ ପାଇଁ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ। ରାଜ୍ୟ ମନ୍ତ୍ରୀ ଉମେଶ ରାୟ ଏବଂ ସମାଜସେବୀ ସଞ୍ଜୟ ସିଂହଙ୍କ ସମେତ ପ୍ରମୁଖ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନେ ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ଓ ଅନ୍ୟାନ୍ୟ ବିଭିନ୍ନ ଯୋଗ ବ୍ୟାୟାମ କରିଥିଲେ। ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏବଂ ନିୟମିତ ଯୋଗ ଅଭ୍ୟାସର ବାର୍ତ୍ତା ପ୍ରଚାର କରିବା।

## ଦଶଭୂଜାଙ୍କ ଭଳି ନାରୀ ଏକାଧିକ କାର୍ଯ୍ୟରେ ସିଦ୍ଧହସ୍ତା: ମେୟର



● ୨୦୦ ଝିଅଙ୍କୁ ୨ ଲକ୍ଷ ଟଙ୍କାର କୁପନ୍

● ସିଏମସିରେ ସିଏମ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

କଟକ,୧୬।୬ (ସଂଚାର ବ୍ୟୁରୋ): କଟକର ଝିଅମାନେ ରାଜ୍ୟ ଓ ଜାତୀୟସ୍ତରରେ ସେମାନଙ୍କର ଦକ୍ଷତା ପ୍ରମାଣ କରିଛନ୍ତି। ଶିକ୍ଷା, ଗବେଷଣା, କ୍ରୀଡ଼ା, ସଙ୍ଗୀତ ଆଦି କ୍ଷେତ୍ରରେ ସେମାନେ ବହୁ ସଫଳତା ପାଇପାରୁଛନ୍ତି। ଏହାକୁ ଚିହ୍ନଟ କରି ସେମାନଙ୍କୁ ସମର୍ଥନ ଓ ସହାୟତା କରାଯାଇପାରିଲେ ଭବିଷ୍ୟତରେ ସେମାନେ ଆମ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ। ଦଶଭୂଜା ଦୁର୍ଗାଙ୍କ ଭଳି ଆଜିର ନାରୀ ଏକାଧିକ କାର୍ଯ୍ୟରେ ସିଦ୍ଧହସ୍ତା ଓ ପାରଙ୍ଗମ। କଟକ ପୌର ନିଗମ (ସିଏମ୍‌ସି) ନାରୀ ପ୍ରତିଭାଙ୍କ ଉନ୍ନତି ଦିଗରେ ସବୁବେଳେ କାମ କରିଆସୁଛି ବୋଲି ସୋମବାର ସିଏମସି ପକ୍ଷରୁ ଆୟୋଜିତ ରଜ ମହୋତ୍ସବକୁ ସମ୍ବୋଧିତ କରି ମେୟର ସୁବାସ ସିଂହ କହିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ-୨୦୨୬ର ଦ୍ୱିତୀୟ ଦିନରେ ୭ ଜଣ ନାରୀ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଛି। ସେମାନେ ହେଉଛନ୍ତି ପ୍ରଫେସର ସଂଘମିତ୍ରା ପତି, କଣ୍ଠଶିଳ୍ପୀ ନମିତା ଅଗ୍ରୱାଲ, ସାହିତ୍ୟିକା ସୁଲୋଚନା ଦାସ, କ୍ରୀଡା ସାମ୍ବାଦିକା ସମୀକ୍ଷା ପଟ୍ଟନାୟକ, ସମାଜସେବୀ ସ୍ମୃତି ପଟ୍ଟନାୟକ, ପୂର୍ବତନ ମହିଳା କମିଶନ୍ ଅଧ୍ୟକ୍ଷା ମିନତୀ ବେହେରା, ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଖଦିଜା ସଜଦା ଖନମ୍। ୨୦ଟି ୱାର୍ଡର ୨୦୦ ଝିଅଙ୍କୁ ସିଏମ୍‌ସି ପକ୍ଷରୁ ୧୦୦୦ ଟଙ୍କା ଲେଖାଏଁର କୁପନ୍ ପ୍ରଦାନ କରାଯାଇଛି। ଡିଅନ୍ ଫାଉଣ୍ଡେସନ୍ ପକ୍ଷରୁ ସେଫଟି ଓ ସାନିଟାରୀ କିଟ୍ ପ୍ରଦାନ କରାଯାଇଛି।

## ସୁଦର୍ଶନ ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ଅଭିନନ୍ଦନ



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ରୁଷିଆର କାଲିନିନଗ୍ରାଡ୍ ରିଜିଅନରେ ଆୟୋଜିତ ଆନ୍ତର୍ଜାତିକ ବାଲୁକା ଭାସ୍କର୍ଯ୍ୟ ଉତ୍ସବରେ ସମ୍ମାନଜନକ ରୁଷିଆନ୍ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ୍- ୨୦୨୬ ହାସଲ କରିଥିବା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମଙ୍ଗଳବାର ଲୋକ ଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସୁଦର୍ଶନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଛନ୍ତି ଯେ ଏହି ସମ୍ମାନ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ। ଏହି ସଫଳତା ଓଡ଼ିଶା ଓ ସମଗ୍ର ଦେଶ ପାଇଁ ଗର୍ବର ବିଷୟ ବୋଲି ରାଜ୍ୟପାଳ କହିବା ସହ ଏହା ବିଶ୍ୱ ସ୍ତରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଭାରତର ସମ୍ମାନକୁ ଆହୁରି ସୁଦୃଢ଼ କରିଛି ବୋଲି ମତ ପ୍ରକାଶ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ବିଶ୍ୱବ୍ୟାପୀ ଚ୍ୟାଲେଞ୍ଜ ଓ ମାନବ ଜାତି ଉପରେ ଏହାର ପ୍ରଭାବକୁ ଉପସ୍ଥାପନ କରିଥିବା ସୁଦର୍ଶନ ପଟ୍ଟନାୟକଙ୍କ ପୁରସ୍କାରପ୍ରାପ୍ତ ଏହି ବାଲୁକା ଭାସ୍କର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ପରିବେଶଗତ ବାର୍ତ୍ତାର ପ୍ରଚାର ପ୍ରସାର ଏବଂ ବିଶ୍ୱ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କଳାକୁ ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ବ୍ୟବହାର କରିଆସୁଥିବାରୁ ରାଜ୍ୟପାଳ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ।

ଉତ୍କଳ ସେବା ଓ ଶିକ୍ଷା ଚାରିଟେବଲ ଟ୍ରଷ୍ଟ ଦ୍ୱାରା ରଜ ମହୋତ୍ସବ

## ରଜ ଦୋଳିରେ ଝୁଲିଲେ ବାଚସ୍ପତି



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ଉତ୍କଳ ସେବା ଓ ଶିକ୍ଷା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଥମ ଥର ପାଇଁ ବ୍ରହ୍ମେଶ୍ୱର ମେଳଣ ପଡ଼ିଆରେ ଚାରିଦିନ ବ୍ୟାପୀ ରଜ ମହୋତ୍ସବ ପାଳିତ ହୋଇଛି। ଏହି ରଜ ମହୋତ୍ସବକୁ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ମେଳଣ ପଡ଼ିଆରେ ଲାଗିଥିବା ସୁସଜ୍ଜିତ ଦୋଳିରେ ଝୁଲିଥିଲେ। ତାଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ, ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଭାସିନୀ ପୃଷ୍ଟି ଯୋଗଦେଇଥିଲେ। ଶେଷ ରଜ ଦିନ ଅର୍ଥାତ ଉଦ୍‌ଯାପନୀ ଉତ୍ସବରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍‌ର ନିର୍ଦ୍ଦେଶିକା ସୁଦତ୍ତା ପଟ୍ଟନାୟକ ଓ ସମ୍ବାଦ ଗ୍ରୁପର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନୟା ପଟ୍ଟନାୟକ, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ଉତ୍କଳ ସେବା ଓ ଶିକ୍ଷା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଏଠାରେ ଚକ୍ରି ଦୋଳି, ଘୋଡ଼ା ଦୋଳି, ଡଙ୍ଗା ଦୋଳି, ଡ୍ରାଗନ ସମେତ ମୀନା ବଜାରରେ ୫୮ ନମ୍ବର ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ପାରମ୍ପରିକ ପିଠା ଷ୍ଟଲ ସହ ଅନ୍ୟାନ୍ୟ ଖାଦ୍ୟ ଓ ପୋଷାକ ଷ୍ଟଲ୍ ଖୋଲାଯାଇଥିଲା।

# ଚାକିରି ବିକୁଥିଲା ଚା' ଦୋକାନୀ

### ଲକ୍ଷ ଲକ୍ଷ ଟଙ୍କାର ଠକେଇ, ବାପା ଓ ଝିଅ ଗିରଫ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ରେଳବାଇ ଚାକିରି କରାଇଦେବା ନାଁରେ ଏକ ବଡ଼ ଧରଣର ଠକେଇ ସାମ୍ନାକୁ ଆସିଛି। ଚା' ବିକିବା ଆଳରେ ଲୋକଙ୍କୁ ଚାକିରିର ପ୍ରଲୋଭନ ଦେଖାଉଥିବା ଜଣେ ଚା' ଦୋକାନୀ ଏବଂ ତାଙ୍କ ଝିଅକୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଦ୍ୟାଧର ଦାସ ଓ ତାଙ୍କ ଝିଅ। ପୁଲିସ ସୂଚନା ଅନୁଯାୟୀ ବିଦ୍ୟାଧର ୟୁନିଟ-୧ ହାଟରେ ଏକ ଚା' ଦୋକାନ କରିଥିଲେ। ସେ ସେଠାକୁ ଆସୁଥିବା ଗ୍ରାହକମାନଙ୍କୁ ନିଜ ଝିଅର ରେଳବାଇରେ ଚାକିରି ହୋଇଯାଇଛି ବୋଲି କହି ବିଶ୍ୱାସ ଜନ୍ମାଉଥିଲେ। ଏହାର ସୁଯୋଗ ନେଇ ସେ ଅନ୍ୟମାନଙ୍କୁ ମଧ୍ୟ ଚାକିରି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲେ। ଏହି କ୍ରମରେ ସେ ଅଭିଯୋଗକାରୀ ନୃସିଂହ ଚରଣ ସାହୁଙ୍କଠାରୁ ଚାକିରି କରାଇଦେବା ପାଇଁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ ଓ ୧୭ ଲକ୍ଷ ଟଙ୍କା ଠକି ନେଇଥିଲେ। ଠକେଇର ସମସ୍ତ ଟଙ୍କା ତାଙ୍କ ଝିଅର ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିଲା। ଏହିପରି ଭାବେ ବାପା ଓ ଝିଅ ମିଶି ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ପୁଲିସ ସୂଚନା ଦେଇଛି। ତେବେ ଘଟଣାର ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ବିଦ୍ୟାଧର ନିଜେ ପୂର୍ବରୁ ଠକେଇର ଶିକାର ହୋଇଥିଲେ। ତାଙ୍କରି ଅଭିଯୋଗ ଆଧାରରେ ମାତ୍ର ୭ ଦିନ ତଳେ ପୁଲିସ ୨ ଜଣଙ୍କୁ ଗିରଫ ମଧ୍ୟ କରିଥିଲା। ନିଜର ହଜିଯାଇଥିବା ଟଙ୍କା ଫେରି ପାଇବା ପାଇଁ ବିଦ୍ୟାଧର ନିଜେ ଏକ ନୂଆ ଯୋଜନା ପ୍ରସ୍ତୁତ କରିଥିଲେ। ସେ ଅନ୍ୟମାନଙ୍କୁ ରେଳବାଇରେ ଚାକିରିର ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରବର୍ତ୍ତାଇବା ଆରମ୍ଭ କରିଥିଲେ। ବର୍ତ୍ତମାନ ପୁଲିସ ବାପା ଓ ଝିଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣାର ଅଧିକ ଖୋଳତାଡ଼ ଜାରି ରଖିଛି।

# ପଲିଥିନ ହାଉଜାଉ, ଜରିମାନା ଆଦାୟ ବଢୁଛି

ଭୁବନେଶ୍ୱର,୧୬।୬: ପଲିଥିନ୍ ଚଢଉରୁ ବର୍ଷକୁ ବର୍ଷ ସରକାର ଲକ୍ଷାଧିକ ଟଙ୍କାର ଜୋରିମାନା ଅର୍ଥ ଆଦାୟ କରୁଥିବାବେଳେ ରାଜ୍ୟରୁ କିନ୍ତୁ ନିମ୍ନମାନର ପଲିଥିନ୍ କାରବାର ବନ୍ଦ ହୋଇପାରୁ ନାହିଁ। ସରକାରୀ ଚଢ଼ାଉରେ ପଲିଥିନ୍ ନିୟନ୍ତ୍ରଣ ସୀମିତ ରହୁଥିବାରୁ ରାଜ୍ୟରେ ଦିନକୁ ଦିନ ପଲିଥିନ୍ ହାଉଜାଉ ହେବାରେ ଲାଗିଛି।

ପରିବେଶ ପ୍ରଦୂଷିତ କରୁଥିବା ଏକକ ପଲିଥିନ୍ ନିଷେଧ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡିଶାରେ ଅଭିଯାନ ଚଳାଇଥିବାବେଳେ। କେନ୍ଦ୍ର ସରକାର ବହୁ ଆଡମ୍ବରରେ ପୁରୀରୁ ଏହି ଅଭିଯାନ ଚଳାଇଥିଲେ। ହେଲେ ପଲିଥିନ୍ ନିୟନ୍ତ୍ରଣ ଏହି ଅଭିଯାନରେ ସୀମିତ ରହିଛି। ତେବେ ରାଜ୍ୟ ସରକାର ମଝିରେ ମଝିରେ ଏକକ ପଲିଥିନ୍ ବ୍ୟବହାରକାରୀଙ୍କ ଉପରେ ଚଢଉ କରୁଛନ୍ତି। ରାସ୍ତାକଡ ଦୋକାନୀ, ଛୋଟ ବ୍ୟବସାୟୀଙ୍କ ଉପରେ ଚଢଉ କରି ଜୋରିମାନା ଆଦାୟ କରୁଛନ୍ତି।

୨୦୨୩-୨୪ ବର୍ଷରେ ପଲିଥିନ୍ ଚଢଉରୁ ୧୦ଲକ୍ଷ ଟଙ୍କାର ଜୋରିମାନା ଅର୍ଥ ଆଦାୟ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ଜୋରିମାନା ଆଦାୟ ପରିମାଣ ୩୫ଲକ୍ଷ ଟଙ୍କାକୁ ଟପିଯାଇଛି। ଏହି ଅର୍ଥ ସହରାଞ୍ଚଳରେ ହୋଇଥିବା ଚଢ଼ାଉରୁ ଆଦାୟ ହୋଇଛି। ଗାଁ ଗହଳରେ ଯଦି ପଲିଥିନ୍ ଉପରେ ଚଢ଼ାଉ କରାଯିବ, ଏହି ଅର୍ଥ ଢେର ଅଧିକ ହେବ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି।

ପରିବେଶକୁ ପ୍ରଦୂଷିତ କରୁଥିବା ଅତି ନିମ୍ନମାନର ପଲିଥିନ୍‌କୁ ବ୍ୟବସାୟୀମାନେ ଗାଁ ଗହଳକୁ ପଠାଇ ଦେଉଛନ୍ତି। ଏହିସବୁ ପଲିଥିନ୍ ଏତେ ନିମ୍ନମାନର ଯେ ଏଥିରେ ଖାଦ୍ୟ ସାମଗ୍ରୀ ପୂରାଇ କିଛି ସମୟ ରଖିଲେ ସେଥିରେ ଜରିର ରଙ୍ଗ ଲାଗିଯାଉଛି। ଯେହେତୁ ଗାଁଗହଳରେ କେହି ପଲିଥିନ୍ ଉପରେ ଚଢ଼ାଉ କରୁନାହାନ୍ତି, ତେଣୁ ବ୍ୟବସାୟୀମାନେ ଏହାକୁ ଅତି ସହଜରେ ସେଠାରେ କାରବାର କରୁଛନ୍ତି।

ସେହିଭଳି ସହରାଞ୍ଚଳରେ କେବଳ ଏକକ ପଲିଥିନ୍ ନୁହେଁ, ବିଭିନ୍ନ କମ୍ପାନୀର ଖାଦ୍ୟ ସାମଗ୍ରୀ ପ୍ୟାକେଟ୍, ଗୁଟ୍‌ଖା ଜରି ଆଦି ପରିବେଶକୁ ଅତ୍ୟନ୍ତ ପ୍ରଦୂଷଣ କରିବାରେ ଲାଗିଛି। ସେହିଭଳି ବିଭିନ୍ନ କମ୍ପାନୀର କ୍ଷୀର ପ୍ୟାକେଟ୍ ଜରି ମଧ୍ୟ ବହୁ ମାତ୍ରାରେ ବାହାରୁଛି। ଅତୀତରେ ଭୁବନେଶ୍ୱର ସହରରୁ କ୍ଷୀର ଜରି ପ୍ୟାକେଟଗୁଡ଼ିକ ସ୍ୱତନ୍ତ୍ର ଭାବେ ସଂଗ୍ରହ ପାଇଁ ବିଏମ୍‌ସି ଘୋଷଣା କରିଥିବା ବେଳେ ଏହା କେବଳ ଘୋଷଣାରେ ରହିଯାଇଛି।

ପରିବେଶକୁ ଦୃଷ୍ଟିରେ ରଖି ୨୦ ମାଇକ୍ରୋନରୁ କମ୍ ମାନର ପଲିଥିନ୍‌ର ଉତ୍ପାଦନ, ମହଜୁଦ ଓ ବିକ୍ରୟ ଉପରେ କଟକଣା ଲାଗିଥିବାବେଳେ ପ୍ରଶାସନର କୋହଳ ମନୋଭାବରୁ ନିୟମକୁ କିନ୍ତୁ କେହି ମାନୁନାହାନ୍ତି। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଥିବାବେଳେ ସହରରେ ଉଡୁଥିବା ପଲିଥିନ୍ ଓ ଜରି ଆଦି ନାଳଗୁଡ଼ିକୁ ଜାମ୍ କରିବାର ଆଶଙ୍କା ରହିଛି। ତେଣୁ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରୁ କିଭଳି ନିମ୍ନମାନର ପଲିଥିନ୍ କାରବାର ବନ୍ଦ ହେବ, ସେ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ମତ ଦେଉଛନ୍ତି। (ତଥ୍ୟ)

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜ ପର୍ବ ପାଳିତ




ଭୁବନେଶ୍ୱର,୧୫।୬(ସଂଚାର ବ୍ୟୁରୋ): ସ୍ଥାନୀୟ କେ-୮, କଳିଙ୍ଗ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗତକାଲି ସନ୍ଧ୍ୟାରେ ପାରମ୍ପରିକ ରଜ ପର୍ବ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମଞ୍ଚର ସଦସ୍ୟସଦସ୍ୟା, ବିଶେଷକରି ମହିଳାମାନେ ପାରମ୍ପରିକ ପୋଷାକ ପରିଧାନ କରି ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ରଜର ପ୍ରମୁଖ ପରମ୍ପରା ଯଥା ଦୋଳି ଖେଳ, ରଜ ପାନ ଓ ସ୍ୱାଦିଷ୍ଟ ଓଡ଼ିଆ ପିଠାପଣାର ସମ୍ଭାର। ଏଥିସହ ଏକ ସୁପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଥିରେ ରଜ ଗୀତ, ସମୂହ ଗାନ, କୁଇଜ୍, ତାମ୍ବୋଲା (ହାଉସି) ଓ ଅନ୍ତାକ୍ଷରୀ ଆଦି ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚର ସଭାପତି ବୃନ୍ଦାବନ ବସ୍ତିଆ ଓ ସମ୍ପାଦକ ଦାଶରଥି ସାହୁ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ସେମାନେ ରଜ ପର୍ବର ସାଂସ୍କୃତିକ ଗୁରୁତ୍ୱ ଓ ଓଡ଼ିଆ ପରମ୍ପରାର ସଂରକ୍ଷଣ ପ୍ରତି ମଞ୍ଚର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିହାରୀକା ମିଶ୍ର ଓ ସରୋଜ କେ. ଦାସ, ବିଦ୍ୟୁତପ୍ରଭା ତ୍ରିପାଠୀ ସଂଯୋଜନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ ରାଷ୍ଟ୍ରପତି...

ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି। ଏହି କ୍ରମରେ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ଓଡ଼ିଶା ମାଟିରେ ଦୁଇ ଶୀର୍ଷ ନେତା ଏକାଠି ମଞ୍ଚ ଆଲୋକିତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟବାସୀଙ୍କ ପାଇଁ ସବୁଠାରୁ ବଡ଼ ଖୁସିର ଖବର ହେଉଛି, ଏହି ଗସ୍ତ କେବଳ ଏକ ଉତ୍ସବରେ ସୀମିତ ନରହି ଓଡ଼ିଶାର ପ୍ରଗତି ପାଇଁ ଏକ ବଡ଼ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ମହତ୍ତ୍ୱ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ୍ଡ ଗ୍ୟାସିଫିକେସନ ପ୍ରକଳ୍ପର ଉଦ୍‌ଘାଟନ ହେବା ନେଇ ବୈଠକରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୧୯ ତାରିଖ ଦିନ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟଠାରେ ସ୍ୱାସ୍ଥ୍ୟ ବିଭାଗୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୋଲିସ୍ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଉନ୍ନୟନ କମିଶନର ଡିକେ ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ଡିଜି ବିନୟତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନିୟମଗିରି ଓଡ଼ିଶାରେ...

ଅନୁଯାୟୀ, ସର୍ବାଧିକ ୬୦୫ଟି ଭୁଲ୍ ଅଷ୍ଟମ ଶ୍ରେଣୀର ବହିରେ ହୋଇଛି। ସେହିପରି ସପ୍ତମଶ୍ରେଣୀ ବହିରେ ୩୧୭ଟି ଭୁଲ୍ ଚିହ୍ନଟ କରାଯାଇଛି। ଷଷ୍ଠ ଶ୍ରେଣୀ ବହିରେ ୨୮୯ଟି ଭୁଲ୍ ରହିଛି। ପଞ୍ଚମ ଶ୍ରେଣୀରେ ୬୭ଟି ଭୁଲ୍, ଚତୁର୍ଥ ଶ୍ରେଣୀରେ ୧୩୧ଟି ଭୁଲ୍, ତୃତୀୟ ଶ୍ରେଣୀ ବହିରେ ୭୫ଟି ଭୁଲ୍, ଦ୍ୱିତୀୟ ଶ୍ରେଣୀରେ ମାତ୍ର ୨ଟି ବହି ରହିଥିବା ବେଳେ ସେଥିରେ ବି ୧୨ଟି ଭୁଲ୍ ରହିଛି। ତେବେ ଏସବୁ ଭିତରେ ବହିରେ ଥିବା ତ୍ରୁଟିର ସଂଶୋଧନ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ସମସ୍ତ ଭୁଲକୁ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱୀକାର କରିଛି ଓ ଏହାର ସଂଶୋଧନ ପାଇଁ ତାଲିକା ପ୍ରସ୍ତୁତ କରିଛି। ଏହା ପୂର୍ବରୁ ମଧ୍ୟ ପଞ୍ଚମ ଶ୍ରେଣୀ ପାଠ୍ୟପୁସ୍ତକ 'ଆମ ବିଚିତ୍ର ବିଶ୍ୱ'ରେ ବ୍ରହ୍ମପୁରକୁ ଜିଲ୍ଲା ବୋଲି ଉଲ୍ଲେଖ କରାଯାଇଥିବା ସହ ୨୦୧୯ରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିବା ଭଳି ତଥ୍ୟଗତ ତ୍ରୁଟି ରହିଥିଲା। ବିଭାଗ ସେହି ଭୁଲର ପୁନରାବୃତ୍ତି କରି ଚାଲିଛି। ଶିକ୍ଷକମାନେ ଶ୍ରେଣୀ କକ୍ଷରେ ହାତରେ ତ୍ରୁଟି ସୁଧାରି ପଢ଼ାଉଥିବା ବେଳେ ବିଭାଗ ପରବର୍ତ୍ତୀ ମୁଦ୍ରଣରେ ସୁଧାରିବାର ପ୍ରତିଶ୍ରୁତି ଦେଇ ନିଜ କାମ ସାରି ଦେଉଛି। ଓଡ଼ିଶା ଅଭିଭାବକ ମହାସଂଘ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ବର୍ଖାସ୍ତ କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଦ୍ରଣ ଓ ଅନୁମୋଦନ ପ୍ରକ୍ରିୟାରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଧିକାରୀ, ପ୍ରକାଶକ ଓ ସମ୍ପୃକ୍ତ ଦାୟୀ ବ୍ୟକ୍ତିଙ୍କଠାରୁ ସମଗ୍ର ଜନତାଙ୍କ ଟଙ୍କା ଉଦ୍ଧାର କରିବା, ସମସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ଶୁଦ୍ଧ ପୁସ୍ତକ ଯୋଗାଇବା, ବେସରକାରୀ ସ୍କୁଲଗୁଡ଼ିକୁ ଟଙ୍କା ଦେଇ ପୁସ୍ତକ ଯୋଗାଇବା ପାଇଁ ସରକାରୀ ପାଠ୍ୟପୁସ୍ତକ ବିଭାଗକୁ ନିର୍ଦ୍ଦେଶ ଦେବା, ଭବିଷ୍ୟତରେ ପାଠ୍ୟପୁସ୍ତକ ମୁଦ୍ରଣ ପୂର୍ବରୁ ଶିକ୍ଷାବିତ୍, ଅଭିଭାବକ ଓ ବିଷୟ ବିଶେଷଜ୍ଞଙ୍କ ସମ୍ମିଳିତ ସ୍ୱାଧୀନ ସମୀକ୍ଷା ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି।

### ମୋଦିଙ୍କୁ ସ୍ଲୋଭାକିଆରେ...

ମୋଦି ଆଜି ପର୍ଯ୍ୟନ୍ତ ୩୩ଟି ବିଶ୍ୱସ୍ତରୀୟ ସମ୍ମାନ ପାଇଛନ୍ତି। ଗତ ସ୍ୱିଡେନ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ 'ରୟାଲ ଅର୍ଡର ଅଫ୍ ଦି ପୋଲାର୍ ଷ୍ଟାର, କମାଣ୍ଡର ଗ୍ରାଣ୍ଡ କ୍ରସ' ପ୍ରଦାନ କରାଯାଇଥିଲା। ସେହିପରି ନରୱେ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ନରୱେର ସର୍ବୋଚ୍ଚ ନାଗରିକ ପୁରସ୍କାର 'ଗ୍ରାଣ୍ଡ କ୍ରସ ଅଫ ଦି ରୟାଲ ନରୱେଜିଆନ ଅର୍ଡର ଅଫ ମେରିଟ'ରେ ମଧ୍ୟ ସମ୍ମାନିତ କରାଯାଇଥିଲା।

### ୭ ବରିଷ୍ଠ ଆଇପିଏସଙ୍କୁ...

କଲ୍ୟାଣ ବିଶାଳ ସିଂ ପ୍ରମୁଖ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଚଳିତ ବର୍ଷ ନୀତି ଶୃଙ୍ଖଳା, ପହଣ୍ଡି ସମନ୍ୱୟ, ବ୍ୟବସ୍ଥାବଳୀକୁ କଡ଼ାକଡ଼ି ଅନୁପାଳନ ପାଇଁ ଛତିଶା ନିଯୋଗ ଓ ପରିଚାଳନା କମିଟିରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ପ୍ରଥମ କରି ରଥ ଉପରେ ପହଣ୍ଡ ପାଇଁ ବାଉଁଶ ଯନ୍ତ୍ର ଯୋଗେ ଆଗୁଆ ଘୋଷଣା ହେବା ସୂଚନା ପାଇଁ ବିଭିନ୍ନ ସ୍ଥାନରେ ଲାଗିବ ୬୫ଟି ଏଲଇଡି ବୋର୍ଡ। ସେପଟେ ସେବାୟତଙ୍କ ସହ ଉତ୍ତମ ସମନ୍ୱୟ ନେଇ ଘନଘନ ଆଲୋଚନା କରାଯାଉଛି। ଗତ ଦୁଇବର୍ଷରେ ପହଣ୍ଡି ଅଘଟଣ ସହ ଦଳାଚକଟା ଭଳି ଘଟଣାକୁ ରୋକିବାକୁ ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯାଉଥିବା ସୂଚନା ମିଳିଛି।

### ପରୀକ୍ଷା ସମ୍ବନ୍ଧୀୟ...

ନିରୀକ୍ଷଣ, ପ୍ରଶ୍ନପତ୍ର ସଂରକ୍ଷିତ ଥିବା ବ୍ୟାଙ୍କ ଲକର୍‌ର ନିରାପତ୍ତା, ପରୀକ୍ଷା କେନ୍ଦ୍ର ପରିସର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ ପରିଚାଳନା ଓ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହାବ୍ୟତୀତ ସୋସିଆଲ ମିଡିଆ ମନିଟରିଂକୁ ଅଧିକ ସକ୍ରିୟ, ସାଇବର ସେଲ୍‌କୁ ସତର୍କ, ଭ୍ରାନ୍ତ ତଥ୍ୟ ଓ ଗୁଜବ ପ୍ରଚାର ଉପରେ କଡ଼ା ନଜର ରଖିବା ସହ ସମସ୍ତ ସୁରକ୍ଷା ବ୍ୟବସ୍ଥାର ପୂର୍ବ ପରୀକ୍ଷଣ ଓ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଓଏମଆର ସିଟ୍‌ଗୁଡ଼ିକୁ ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଚଳିତ ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବାକୁ ଡିଜିପି ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ପରୀକ୍ଷା ସମ୍ବନ୍ଧୀୟ କୌଣସି ପ୍ରକାରର ଅନିୟମିତତା, ଅସାଧୁ କାର୍ଯ୍ୟକଳାପ କିମ୍ବା ସୁରକ୍ଷା ତ୍ରୁଟିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଡିଜିପି ତାଗିଦ୍ କରିଛନ୍ତି।

### ଆସିଲା ଭିଡିଓ...

କରିଥିବା ବେଳେ ଭିଡିଓ ଦେଖିବା ପରେ ସାଧାରଣରେ ସମାନ ଆଲୋଚନା ହେଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ୍ ଏପର୍ଯ୍ୟନ୍ତ ବାନ୍ଧିନାହିଁ। ତେବେ ଏତେସବୁ କାଣ୍ଡ ପରେ ବି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁହଁ ଖୋଲି ତାଙ୍କର ସମ୍ପୃକ୍ତିକୁ ଖଣ୍ଡନ କରୁନାହାନ୍ତି। ଏପରିକି ଇଜ୍ଜତ ମାଗିବା ଭଳି ସଙ୍ଗୀନ ଅଭିଯୋଗକୁ ମଧ୍ୟ ଖଣ୍ଡନ କରାଯାଉ ନ ଥିବାରୁ ଏହି ଘଟଣାକୁ ବିଧାୟକ ମଉନେ ସମ୍ମତି ପ୍ରଦାନ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ପକ୍ଷରେ ବିଡିଓଙ୍କ ଦପ୍ତରର ଭିଡିଓ ଭାଇରାଲ ହେଉଥିବା ବେଳେ ଏବେ ଚାମେଲିଙ୍କୁ ନେଇ ଯାଉଥିବା ପୁଲିସ୍ ଗାଡି ଭିତରେ କ'ଣ ଘଟିଥିଲା, ତାହାର ଭିଡିଓ ପୁଲିସ୍ ଜାରି କରିବାକୁ ଦାବି ଉଠୁଛି। ଖୋଦ୍ ଚାମେଲି ବି ଏହି ଭିଡିଓ ତାଙ୍କ ମୋବାଇଲ୍‌ରେ ରହିଛି ବୋଲି ଦାବି କରୁଛନ୍ତି। ଉଲ୍ଲେଖନୀୟ ଯେ ବିଡିଓଙ୍କ ସହ ଆଲୋଚନାକୁ ନେଇ ଏକାଧିକ ଦଫାରେ ଗିରଫ ହୋଇଥିବା ମହିଳା ସରପଞ୍ଚ ଚାମେଲି ଓଝା ନିଜକୁ ବିଜେପି ଦଳର ବୋଲି ଦର୍ଶାଇବା ସହ ତାଙ୍କ ଦଳର ବିଧାୟକ ତାଙ୍କୁ ଇଜ୍ଜତ ମାଗୁଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସବୁ ଜଣାଇବେ ବୋଲି ସମୟ ବି ମାଗିଛନ୍ତି। ଏବେ ଧିରେ ଧିରେ ଗୋଟିକ ପରେ ଗୋଟିଏ ଭିଡିଓ ପଦାକୁ ଆସୁଥିବାରୁ ଏହା ଏବେ କେନ୍ଦ୍ରାପଡ଼ା ପ୍ରଶାସନ ଓ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ତେବେ ଏହି ଘଟଣାରେ ବିରୋଧୀ ଦଳ ଗର୍ଜନତର୍ଜନ କରୁଥିବା ବେଳେ ଖୋଦ୍ ବିଧାୟକ ଅହେତୁକ ନୀରବତା ଅବଲମ୍ବନ କରୁଥିବାରୁ ଲୋକଙ୍କ ମନରେ ସନ୍ଦେହ ବଢ଼ିବାରେ ଲାଗିଛି।

## ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭିସା ଦେଲାନି ଆମେରିକା



ୱାଶିଂଟନ,୧୬।୬: ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ବେନ୍ ଗଭିରଙ୍କୁ ଆମେରିକା ଭିସା ଦେବାକୁ ମନା କରିଛି। ଇସ୍ରାଏଲୀ ଗଣମାଧ୍ୟମ ହାରେଜ୍ ଅନୁଯାୟୀ, ଗଭିର ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆମେରିକାର ମିଆମି ଯାତ୍ରା କରିବାକୁ ଯୋଜନା କରିଥିଲେ। କିନ୍ତୁ ଆମେରିକା ଦୂତାବାସରୁ ଭିସା କ୍ଲିୟରାନ୍ସ ଅଭାବରୁ ସେ ତାଙ୍କ ଯାତ୍ରା ବାତିଲ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଗଭିରଙ୍କ ବିରୋଧରେ ଅନେକ ଅପରାଧିକ ମାମଲା ଥିବାରୁ ଦୂତାବାସ ତାଙ୍କୁ ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବାକୁ କହିଥିଲା। ମାତ୍ର ବେନ୍ ଗଭିର ବାୟୋମେଟ୍ରିକ୍ ତଥ୍ୟ ପ୍ରଦାନ କରିବାକୁ ମନା କରିଦେଇଥିଲେ। ଏହାପରେ ଆମେରିକା ଦୂତାବାସ ତାଙ୍କୁ ଭିସା ନ ଦେବାକୁ ନିଷ୍ପତ୍ତି ନେଇଥିଲା। ଜେରୁସାଲେମ ପୋଷ୍ଟ ଅନୁଯାୟୀ, ପ୍ରଥମଥର ପାଇଁ ଆମେରିକାର ଦୂତାବାସ ଜଣେ ଇସ୍ରାଏଲୀ ମନ୍ତ୍ରୀଙ୍କ ସହ ଏପରି ବ୍ୟବହାର କରିଛି। ଇସ୍ରାଏଲୀ ମନ୍ତ୍ରୀମାନଙ୍କୁ ଯାତ୍ରା କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସାଧାରଣତଃ ଆମେରିକା ପକ୍ଷରୁ ସ୍ୱତନ୍ତ୍ର ଭିସା ପ୍ରଦାନ କରାଯାଇଥାଏ। ଇସ୍ରାଏଲ ଗଣମାଧ୍ୟମ ଏଭଳି ବ୍ୟବହାରକୁ କଡ଼ା ନିନ୍ଦା କରିଥିବାବେଳେ ଇସ୍ରାଏଲୀ ବୈଦେଶିକ ମନ୍ତ୍ରଣାଳୟକୌଣସି ସରକାରୀ ମନ୍ତବ୍ୟ ଜାରି କରିନାହିଁ।

# କେବେ ହେବ ୧୫ଟି ପଞ୍ଚାୟତର ବିକାଶ ?

**ଅସ୍ତରଙ୍ଗ ବ୍ଲକର ଅସଲ ଚିତ୍ର**

- ଅନ୍ଧାରରେ ୧୫ଟି ପଞ୍ଚାୟତ
- ପାନୀୟ ଜଳ ଓ ଚିକିତ୍ସା ପାଇଁ ହନ୍ତସନ୍ତ
- ପଢ଼ିବା ପାଇଁ ବସ୍ତା ଭଳି ଯାତ୍ରା




କାକଟପୁର/ଅସ୍ତରଙ୍ଗ, ୧୬।୬ (ସଂଚାର ବ୍ୟୁରୋ): କେବେ ହେବ ଅସ୍ତରଙ୍ଗର ୧୫ଗୋଟି ପଞ୍ଚାୟତର ବିକାଶ? କେବେ ହସିବେ ଏଇ ମାଟିର ଲୋକ? ବର୍ଷ ପରେ ବର୍ଷ ବିତିଗଲା, ନେତା ବଦଳିଲେ, ପଦବୀ ବଦଳିଲା, କିନ୍ତୁ ଜନତାର ଦୁଃଖ ସେମିତି ରହିଲା! କୁଳି ନେତାଙ୍କ ବିକାଶ ହେଉଛି, ଜନତା ଯଥା ପୂର୍ବଂ ତଥା ପରଂ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ବ୍ଲକ ଅଧୀନ ଶିଶୁଆ, ଛୁରିଆନା, ଝାଡ଼ଲିଙ୍ଗ, ନଗର, କୋରାଣା, ଆଳସାହି ସମେତ ବିଭିନ୍ନ ପଞ୍ଚାୟତରେ ପାଣି ପାଇଁ ସବୁବେଳେ ସଙ୍ଘର୍ଷ କରିବାକୁ ପଡୁଛି। ଅସ୍ତରଙ୍ଗ ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭଲ ଡାକ୍ତର ନାହାନ୍ତି। ରୋଗୀ ଆସିଲେ ତୁରନ୍ତ ରେଫର ହେଉଛନ୍ତି ପୁରୀ, କଟକ, ଚାରିଛକ କିମ୍ବା ଭୁବନେଶ୍ୱର। ହସ୍ପିଟାଲ ଅଛି, କିନ୍ତୁ ଉତ୍ତମ ଚିକିତ୍ସା ନାହିଁ। ଜୀବନ ସହ ଖେଳ ହେଉଛି।

ସରିପୁରରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଲା, ଉଦ୍ଘାଟନ ହେଲା, ଫଟୋ ଉଠିଲା। କିନ୍ତୁ କାମ ଅଧା ରହିଲା। ଛାତ୍ରଛାତ୍ରୀ ଭଡ଼ା ଗାଡ଼ିରେ ଧାନ ବସ୍ତା ପରି ଠେଲାପେଲା ହୋଇ ଯାଆସ କରୁଛନ୍ତି। ସୁରକ୍ଷା ନାହିଁ, ସୁବିଧା ନାହିଁ। ବିଭିନ୍ନ ପଞ୍ଚାୟତରେ ଏ ପର୍ଯ୍ୟନ୍ତ ଯାତ୍ରୀ ବିଶ୍ରାମ ସ୍ଥଳୀ ନାହିଁ। ନୂତନ ବସ୍ ଷ୍ଟାଣ୍ଡ ନାହିଁ। ଖରା, ବର୍ଷା, ଶୀତ - ଲୋକେ ରାସ୍ତା କଡ଼ରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି।

ବେଙ୍ଗୁନିଆବନ୍ଧ, ଝାରିଆ, ଖଣ୍ଡାସାହି, ନଈଗୁଆଁ ଅଞ୍ଚଳ ସମେତ ଅସ୍ତରଙ୍ଗ ଚାଷୀ ଅଞ୍ଚଳ। କିନ୍ତୁ ଏ ପର୍ଯ୍ୟନ୍ତ ଶୀତଳ ଭଣ୍ଡାର ହୋଇନି। ପନିପରିବା ପଚିଯାଉଛି। ଚାଷୀ ଦାମ୍ ପାଉନି, ଦଲାଲ ଲାଭ ନେଉଛି। ବର୍ଷ ବର୍ଷ ପ୍ରତିଶ୍ରୁତି ମିଳୁଛି, ଶୀତଳ ଭଣ୍ଡାର ମିଳୁନି। ଅସ୍ତରଙ୍ଗ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ମତ୍ସ୍ୟଜୀବୀଙ୍କ ଜୀବନ। କିନ୍ତୁ ଫିସିଂ ହାର୍ବର କେବଳ କଥାରେ ଅଛି, କାମରେ ନାହିଁ। ନୌକା ରଖିବାକୁ ଜାଗା ନାହିଁ, ମାଛ ରଖିବାକୁ ବ୍ୟବସ୍ଥା ନାହିଁ। ଅନେକ ଗରିବ ଲୋକ ସରକାରୀ ଯୋଜନାରୁ ବଞ୍ଚିତ। ଘର ନାହିଁ, ଶୌଚାଳୟ ନାହିଁ, କାର୍ଡ ନାହିଁ। କିନ୍ତୁ ନେତାଙ୍କ ଘର ଆଲୁଅରେ ଝଲସୁଛି।

ବର୍ଷ ପରେ ବର୍ଷ ବିତୁଛି। ନେତା କ୍ଷମତା ପାଇବାକୁ ଦୌଡ଼ୁଛନ୍ତି। କୁଳି ନେତାଙ୍କ ବିକାଶ ହେଉଛି କିନ୍ତୁ ଜନତା ସେମିତି ରହିଛନ୍ତି - ପାଣି ନାହିଁ, ଡାକ୍ତର ନାହାନ୍ତି, ବସ୍ ଷ୍ଟାଣ୍ଡ ନାହିଁ।

ଦେଖିବାକୁ ବାକି ରହିଲା କେବେ ହେବ ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଞ୍ଚାୟତର ବିକାଶ?

## ଗାଧୋଇବାକୁ ଯାଇ ୧୦ ବର୍ଷ ବାଳକର ସଲିଳ ସମାଧି



ନୀଳଗିରି, ୧୬।୬ (ସଂଚାର ବ୍ୟୁରୋ): ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗାଁର ଅନନ୍ତ ପଣ୍ଡାଙ୍କ ୧୦ ବର୍ଷୀୟ ବଡ ପୁଅ ସୁମିତ୍ ପଣ୍ଡା ୧.୩୦ ଘଡିକା ସମୟରେ ନିଜ ବାଡ଼ି ପୋଖରୀକୁ ଗାଧୋଇବାକୁ ଯାଇଥିଲା। ୨ଟା ବାଜିଲା ହେଲେ ସୁମିତ୍ ଘରକୁ ଫେରିନଥିଲା। ଯାହା ଫଳରେ ମା' କୁସୁମଲତା ପଣ୍ଡା ବ୍ୟସ୍ତ ହୋଇ ପୁଅ ସୁମିତ୍‌କୁ ଖୋଜିବାକୁ ବାଡ଼ି ପୋଖରୀକୁ ଯାଇଥିଲେ। ସେଠାରେ ପୁଅକୁ ନପାଇ ପାଖ ପଡୋଶୀ ଲୋକଙ୍କୁ ଡାକିଥିଲେ। ପଡୋଶୀ ଲୋକ ଖୋଜା ଖୋଜି କରି ଅଚେତ ଅବସ୍ଥାରେ ସୁମିତ୍‌କୁ ଉଦ୍ଧାର କରି ନୀଳଗିରି ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସୁମିତ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

## ଚାମେଲୀ ଓଝାଙ୍କୁ ଭେଟିଲେ ରାଜ୍ୟ ସମିତି ସଭ୍ୟ ସଂଘର ପ୍ରତିନିଧି ଦଳ

● ଘଟଣାର ନ୍ୟାୟିକ ତଦନ୍ତ ଦାବି



ସତ୍ୟବାଦୀ, ୧୬।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସରପଞ୍ଚ ଚାମେଲୀ ଓଝାଙ୍କୁ ରାଜ୍ୟ ସମିତି ସଭ୍ୟ ସଂଘର ଏକ ପ୍ରତିନିଧି ଦଳ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟ ସମିତି ସଭ୍ୟ ସଂଘର ସାଧାରଣ ସମ୍ପାଦକ ତଥା ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଓ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ମଧ୍ୟ ଭେଟିଥିଲେ। ଚାମେଲୀ ଓଝାଙ୍କ ଏତଲା ଆଧାରରେ ଅଭିଯୁକ୍ତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ରାଜ୍ୟ ସମିତି ସଭ୍ୟ ସଂଘର ସଭାପତି ସମରେନ୍ଦ୍ର ଦୀକ୍ଷିତ, କାର୍ଯ୍ୟକାରୀ ସଭାପତି ଅଜିତ ଶ୍ରୀଚନ୍ଦନ, ସଂଯୋଜକ ବୀରେନ୍ଦ୍ର କୁମାର ଦାସ, ସୁଜିତ ବଳ, ସନ୍ତୋଷ କୁମାର ବଳ, ଲକ୍ଷ୍ମୀପ୍ରିୟା ନାୟକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସାମିଲ ଥିଲେ। ପରେ ସାକ୍ଷୀଗୋପାଳଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁନୀଲ କୁମାର ପଣ୍ଡା ଘଟଣା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ରାଜ୍ୟ ସରକାର ଏହାର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଉଚିତ। ସେ ଆହୁରି ସଚେତନ କରି କହିଥିଲେ ଯେ, ଘଟଣାରେ କୌଣସି ପ୍ରକାର ଅବହେଳା କିମ୍ବା ବିଳମ୍ବ ହେଲେ ରାଜ୍ୟ ସମିତି ସଭ୍ୟ ସଂଘ ଓ ରାଜ୍ୟ ସରପଞ୍ଚ ସଂଘ ମିଳିତ ଭାବେ ସମଗ୍ର ରାଜ୍ୟରେ ଆନ୍ଦୋଳନ ଆରମ୍ଭ କରିବେ।

## କନ୍ଧମାଳ ପୁଲିସ ପକ୍ଷରୁ ମୋବାଇଲ ଫେରସ୍ତ ମେଳା




ଫୁଲବାଣୀ, ୧୬।୬ (ସଂଚାର ବ୍ୟୁରୋ): ଆଜି କନ୍ଧମାଳ ପୁଲିସ ପକ୍ଷରୁ ଫୁଲବାଣୀ ରିଜର୍ଭ ପଡିଆ ଠାରେ ଏକ ହଜିଯାଇଥିବା ମୋବାଇଲ ଫେରସ୍ତ ମେଳାର ଆୟୋଜନ କରିଛି। ପୂର୍ବରୁ ଫୁଲବାଣୀ ସାଇବର କ୍ରାଇମ ଥାନାରେ ଚୋରି ଯାଇଥିବା କିମ୍ବା ହଜିଯାଇଥିବା ମୋବାଇଲର ମୋଟ ୧୭୦ଟି ଏଫ୍‌ଆଇଆର୍ ହୋଇଥିଲା ବେଳେ ସାଇବର ପୁଲିସ ତାର ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ୬୨ଟି ମୋବାଇଲକୁ ରିକଭରି କରିପାରିଛି। ଆଜି ଏହି ୬୨ ଟି ମୋବାଇଲକୁ ଏକ ମୋବାଇଲ ଫେରସ୍ତ ମେଳାର ଆୟୋଜନ କରି କନ୍ଧମାଳ ଏସ୍‌ପି ସମସ୍ତ ୬୨ ଜଣ ମୋବାଇଲ ମାଲିକଙ୍କୁ ତାଙ୍କ ପରିଚୟ ପତ୍ର ଓ ମୋବାଇଲ ବିଲ ଦେଖି ପ୍ରଦାନ କରିଥିଲେ। ତାଙ୍କ ସହ କନ୍ଧମାଳ ଅତିରିକ୍ତ ଏସ୍‌ପି ବିଭୁତି ଭୂଷଣ ମହାପାତ୍ର, ଫୁଲବାଣୀ ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ଓ ସାଇବର ଥାନା ଅଧିକାରୀ ଗେଲି ସାହୁ ଉପସ୍ଥିତ ଥିଲେ। କନ୍ଧମାଳ ଥାନାର ଏପରି ମହତ କାର୍ଯ୍ୟକୁ ଜନସାଧାରଣ ଓ ଫେରସ୍ତ ପାଇଥିବା ମୋବାଇଲ ମାଲିକମାନେ ପ୍ରଶଂସା କରିଛନ୍ତି।

## ଅଟୋ ଧକ୍କାରେ ବାଇକ ଆରୋହୀ ମୃତ, ଅନ୍ୟ ଜଣେ ଗୁରୁତର

ଫୁଲବାଣୀ, ୧୬।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ସାଇଡିଙ୍ଗିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ଫିରିଙ୍ଗିଆ ଥାନା ବବଡିଙ୍ଗିଆ ଗାଁର ଯୁଧିଷ୍ଠିର କହଁରଙ୍କ ପୁଅ ସୁମନ କହଁର ବୋଲି ଜଣା ପଡ଼ିଥିବା ବେଳେ ଗୁରୁତର ଆହତ ହୋଇଥିବା ଯୁବକ ଜଣକ ସେହି ଗାଁର ଅନୁଭବ କହଁର ବୋଲି ଜଣାପଡିଛି। ସୂଚନା ଅନୁସାରେ ଉଭୟ ମୃତ ଓ ଆହତ ଯୁବକ ଦୁଇ ସାଙ୍ଗ। ଆଜି ସକାଳୁ ଦୁହେଁ ମୃତକ ସୁମନ କହଁରଙ୍କ ପୁଅର ନବଜାତ ଶିଶୁର ଏକୋଇଶିଆ ଉତ୍ସବ ପାଇଁ ବନ୍ଧୁ ବାନ୍ଧବ ମାନଙ୍କୁ ନିମନ୍ତ୍ରଣ ପତ୍ର ଦେବା ପାଇଁ ଯାଇ ଫେରୁଥିବା ସମୟରେ ରାତ୍ର ପ୍ରାୟ ଆଠଟା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## ସମ୍ ଡାକ୍ତର ସ୍ୱରୂପ ପଟ୍ଟନାୟକ ପାଇଲେ ସେବା ରତ୍ନ ସମ୍ମାନ




ଭୁବନେଶ୍ୱର, ୧୬।୬ (ସଂଚାର ବ୍ୟୁରୋ): ରଜ ଉପଲକ୍ଷେ ଜୟ ମାଆ ଭବାନୀ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ସେବା ରତ୍ନ ସମ୍ମାନ ଅନୁଷ୍ଠିତ ହୋଇଯାଇଥିବାବେଳେ ବିଶିଷ୍ଟ ଚିକିତ୍ସକ ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ୨୦୨୬ର ପ୍ରଥମ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି।

ଜୟଦେବ ବିହାରସ୍ଥିତ ଓଡିଶୀ ରିସର୍ଚ୍ଚ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ୍ୟ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ରାଉତରାୟ ଓ ବିଶିଷ୍ଟ ଅତିଥି ଭାବେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଲାଷ ପଣ୍ଡା ଯୋଗଦେଇ ଡାକ୍ତର ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

ଏହି ଅବସରରେ ମହାପ୍ରଭୁଙ୍କ ପୂଜା ପଣ୍ଡା ସେବାୟତ ରାମନାରାୟଣ ପୂଜାପଣ୍ଡା, ନିଶିକାନ୍ତ ମିଶ୍ର ଓ ସଂସ୍କୃତି ଗବେଷକ ବନୋଜ ରାୟଙ୍କୁ ଉତ୍କଳ ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଡାକ୍ତର ଶୁଭମ୍ ମହାନ୍ତି, ଡାକ୍ତର ମନୋଜ ସାହୁ, ଡାକ୍ତର ପ୍ରିୟବ୍ରତ ରଥ, ମାମିନା ମହାନ୍ତି, ଯୁବ ଉଦ୍ୟୋଗୀ ଅମ୍ବିକା ପ୍ରସାଦ, ସମାଜ ସେବୀ ଅନାମ ସାହୁ, ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜ୍ୟୋତିର୍ବିଦ ବିଭୂଦାନନ୍ଦ ଶତପଥୀ, ରଶ୍ମି ପରିଡ଼ା, ଧୀର ମଲ୍ଲିକ ଓ କଣ୍ଠ ଶିଳ୍ପୀ ଶଶାଙ୍କ ଶେଖରଙ୍କୁ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି ଅନୁଷ୍ଠାନର ସମ୍ପାଦକ ନାରାୟଣ ମହାପାତ୍ର ମଞ୍ଚରେ ଉପସ୍ଥିତ ଥିଲେ।

ଶେଷରେ ରଜ ଦୋଳି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପିଠା ଓ ପାନ ସହ ଖାଦ୍ୟପେୟରେ ଅତିଥି ମାନଙ୍କୁ ଆତିଥ୍ୟ ପ୍ରଦାନ କରାଯାଇଥିଲା।

## ଆଦିବାସୀଙ୍କୁ ନ୍ୟାୟ ଦାବିରେ ଶୋଭାଯାତ୍ରା

**ଏସ୍‌ପି କାର୍ଯ୍ୟାଳୟ ଘେରାଉ**




ସୁନ୍ଦରଗଡ଼, ୧୬।୬ (ସଂଚାର ବ୍ୟୁରୋ): ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ସୁନ୍ଦରଗଡ଼ରେ ଆଦିବାସୀ ଦଳିତ ସଂଘ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇ ଏସପି କାର୍ଯ୍ୟାଳୟ ଘେରାଓ କରାଯାଇଛି। ଶତାଧିକ ମହିଳା ଓ ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇ ପୋଲିସ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ।

ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ଦଳିତ ସଂଘର ସଭାପତି ଦିଲ୍ଲୀପ କୁମୁରାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଭଷ୍ମା ଥାନାରେ ଏତଲା ଦାଖଲ ହୋଇଥିଲା। ଏହି ମାମଲାରେ ପୁଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଏତଲାରେ ଉଲ୍ଲେଖ ଥିବା ପ୍ରମୁଖ ଅଭିଯୁକ୍ତମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇନଥିବା ଅଭିଯୋଗ ହୋଇଛି।

ଏହାର ପ୍ରତିବାଦରେ ଆଜି ସଂଘ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏତଲାରେ ଦର୍ଶାଯାଇଥିବା ସମସ୍ତ ଅଭିଯୁକ୍ତଙ୍କୁ ଯେପର୍ଯ୍ୟନ୍ତ ଗିରଫ କରାନଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

ସଂଘର ଅଭିଯୋଗ ଅନୁସାରେ, ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଫ୍ଲାଏ ଆଶ ପରିବହନ ହେଉଥିବା ଘଟଣାକୁ ଦିଲ୍ଲୀପ କୁମୁରା ବିରୋଧ କରିଆସୁଥିଲେ। ଏହାକୁ କେନ୍ଦ୍ର କରି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା କୁହାଯାଇଛି। ଏଥିସହ ଦର୍ଲିପାଲିସ୍ଥିତ ୟୁନାଇଟେଡ୍ ଫ୍ଲାଏ ଆଶ ଆସୋସିଏସନର ତିନି ଜଣ କର୍ମକର୍ତ୍ତା ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ନେଇ ମଧ୍ୟ ଏତଲାରେ ଉଲ୍ଲେଖ ରହିଛି। ତେବେ ପୁଲିସ ପ୍ରକୃତ ଅଭିଯୁକ୍ତମାନଙ୍କୁ ଛାଡ଼ି ଅନ୍ୟମାନଙ୍କୁ ଗିରଫ କରିଥିବାରୁ ପୁଲିସର ଭୂମିକା ସନ୍ଦେହ ଘେରରେ ରହିଛି ବୋଲି ଆଦିବାସୀ ଦଳିତ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

## କୁଆରମୁଣ୍ଡା ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି




ସୁନ୍ଦରଗଡ, ୧୬।୬ (ସଂଚାର ବ୍ୟୁରୋ): କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଓ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୬୫ଗୋଟି ଅଭିଯୋଗର ଶୁଣାଣୀ ମଧ୍ୟରୁ ୩୮ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୬ ଟି ସାମୁହିକ ଅଭିଯୋଗ ରହିଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ଜଣେ ବ୍ୟକ୍ତି ଆବେଦନ କରିଥିଲେ। ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା।

ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, କୁଆରମୁଣ୍ଡା ବିଡିଓ ଡା ଜଗଦୀଶ ଚନ୍ଦ୍ର ମହାନନ୍ଦ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଯାଜପୁର ଗସ୍ତରେ ଓଡ଼ିଶା ଜନତା କଂଗ୍ରେସର ମୁଖ୍ୟ ମହମ୍ମଦ ମୋକିମ

ଯାଜପୁର ରୋଡ଼, ୧୬।୬ (ସଂଚାର ବ୍ୟୁରୋ): କଟକର ପୂର୍ବତନ ବିଧାୟକ ତଥା ଓଡିଶା ଜନତା କଂଗ୍ରେସ ପାର୍ଟିର ମୁଖ୍ୟ ମହମଦ ମୋକିମ ରଜ ଉପଲକ୍ଷେ ଯାଜପୁର ଗ୍ରସ୍ତରେ ଆସି ବ୍ରହ୍ମବରଦା, ବ୍ୟାସନଗରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦିରେ ଏକ କର୍ମୀ ସମ୍ମିଳନୀରେ ଉଦବୋଧନ ଦେଇଥିଲେ। ବ୍ୟାସନଗର ନହକା ବାଇପାସ ଠାରେ ମାନବ ସମ୍ବଳ ପ୍ରତିଷ୍ଠାନର ଅଧ୍ୟକ୍ଷ ଶ୍ରୀ ମନୋଜ ଜେନା ତାଙ୍କୁ ସ୍ୱାଗତ କରିଥିବା ବେଳେ ତାଙ୍କ ସହ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ।



ଏଥି ସହିତ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିର ପଂଚାୟତର ମହିଳା ସରପଂଚ ଚାମେଲୀ ଓଝାଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ଓ ମିଥ୍ୟା ଅଭିଯୋଗକୁ ଭିର୍ତିକରି ଦୃଢ଼ନିନ୍ଦା କରିବା ସହ ତୁରନ୍ତ ଏଭଳି ସମ୍ବେଦନଶୀଳ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସରକାରଙ୍କ ନିକଟରେ ଗଣମାଧ୍ୟମ ଜରିଆରେ ଦାବି ରହିଥିଲେ।

ଏ ବିଷୟରେ ଏଚଆରସି'ର ଅଧ୍ୟକ୍ଷ ମନୋଜ ଜେନା ମଧ୍ୟ ଏନଏଚଆରସିର ଦ୍ୱାରସ୍ଥ ହେବା ସହ ଘଟଣା ସମ୍ପର୍କରେ ପତିକ୍ରିୟା ରଖିଥିଲେ।

ଏହି ଗ୍ରସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଯୋଗ ବିଦ୍ୟାଧର ମହାନ୍ତି, ଏସକେ ବଦିରୁଦିନ , ମନୋରଞ୍ଜନ ନାୟକ, ନିକୁଞ୍ଜ ପ୍ରସାଦ, ଶୁବେନ୍ଦୁ ମଲିକ, ସଂଗ୍ରାମ ସିଂ, ସୁଜିତ ସ୍ୱାଇଁ, ଅନିଲ ବେହୁରା, ଅଜୟ ବୀର, ସଞ୍ଜୟ ରାୟ'ଙ୍କ ସମେତ ସହ ସହ ଓଡ଼ିଶା ଜନତା କଂଗ୍ରେସର କର୍ମୀ ମାନେ ଉପସ୍ଥିତ ରହିଥିଲେ।

## ସଦର ମହକୁମାରେ ମିଳିତ ଜନଶୁଣାଣି ଶିବିର



ଖୋର୍ଦ୍ଧା, ୧୬।୬ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ସଦର ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାଶ ପାଣିଗ୍ରାହୀ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୭ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭ଟି ଯାକ ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ଶିବିରରେ ୨ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେ ପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଷ୍ଟପ୍ ଡାଇରିଆ ଅଭିଯାନର ଶୁଭାରମ୍ଭ

**ଶିଶୁ ମୃତ୍ୟୁହାର ହ୍ରାସ କରିବା ମୁଖ୍ୟ ଲକ୍ଷ୍ୟ**



କୋରାପୁଟ, ୧୬।୬ (ସଂଚାର ବ୍ୟୁରୋ): ବର୍ଷା ଋତୁ ଆରମ୍ଭ ସହ ଝାଡ଼ାବାନ୍ତି ଭଳି ଜଳବାହିତ ରୋଗର ଆଶଙ୍କା ବଢ଼ିଥିବା ବେଳେ କୋରାପୁଟ ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଛି 'ଷ୍ଟପ ଡାଇରିଆ' ଅଭିଯାନ। ଶିଶୁ ମୃତ୍ୟୁହାର ହ୍ରାସ କରିବା ସହ ୦ରୁ ୫ ବର୍ଷ ବୟସର ପିଲାମାନଙ୍କୁ ଝାଡ଼ାବାନ୍ତିର ପ୍ରଭାବରୁ ସୁରକ୍ଷିତ ରଖିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୁରୁ ପ୍ରସାଦ ମହନ୍ତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜୁନ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲାର ପ୍ରତ୍ୟେକ ଗାଁ ଓ ୱାର୍ଡରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଚାଲିବ।

ଅଭିଯାନର ବିଶେଷତା ହେଉଛି, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ଏଏନଏମମାନେ ଘରକୁ ଘର ବୁଲି ୦ରୁ ୫ ବର୍ଷ ବୟସର ଶିଶୁ ଥିବା ପରିବାରଙ୍କୁ ମାଗଣାରେ ଓଆରଏସ ପ୍ୟାକେଟ ଓ ଜିଙ୍କ ବଟିକା ବଣ୍ଟନ କରିବେ। ସେହିପରି ଝାଡ଼ାବାନ୍ତିର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ପାଇଁ ସମସ୍ତ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଓଆରଏସ କର୍ଣ୍ଣର ଖୋଲାଯାଇଛି।ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ଫୁଟାଯାଇଥିବା କିମ୍ବା ହାଲୋଜେନ ବଟିକା ଦ୍ୱାରା ବିଶୋଧିତ ପାଣି ପିଇବା, ଖାଇବା ପୂର୍ବରୁ ଓ ଶୌଚ କାର୍ଯ୍ୟ ପରେ ସାବୁନରେ ହାତ ଧୋଇବା ଏବଂ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି ପାଇଁ ସ୍ୱାସ୍ଥ୍ୟ କର୍ମୀମାନେ ସିଧାସଳଖ ଲୋକଙ୍କ ସହ ଯୋଗାଯୋଗ କରିବେ।

ଏହି କାର୍ଯ୍ୟକ୍ରମରେ ଡାକ୍ତର ମୁକ୍ତିକାନ୍ତ ଖଟୁଆ, ଡାକ୍ତର ଶିବ ସାଇ ସ୍ୱରୂପଙ୍କ ସମେତ ବହୁ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଟେବୁଲ ଟପ ଏକ୍‌ସରସାଇଜ ଓ ମକ୍ ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ



ନବରଙ୍ଗପୁର, ୧୬।୬ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ ଏକସର ସାଇଜ ଏବଂ ମକ ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ଅଠର ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ସ୍ତରରେ ଟେବୁଲ ଟପ ଏକସର ସାଇଜ ଏବଂ ଉଣେଇଶି ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦାସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ପ୍ରମୋଦ କୁମାର ମହନ୍ତ, ଉପ ବିଭାଗୀୟ ଅଧିକାରୀ କୁନାଲ ପଟ୍ଟନାୟକ, ତ୍ରିପତି ବାଲାଜୀ ସାହୁ, ଅଗ୍ନିଶମ ଅଧିକାରୀ ଦେବୀ ପ୍ରସାଦ ଦାସ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ୧୯ ବର୍ଷ ଧରି ଗୋଟିଏ ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ନେଇ ଉଠୁଛି ପ୍ରଶ୍ନ



**ସରକାରୀ ଆଦେଶକୁ ଉପେକ୍ଷା**

ମାଲକାନଗିରି, ୧୬।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାରେ ଶିକ୍ଷକ ବଦଳି ପ୍ରକ୍ରିୟା ଚାଲିଥିବା ବେଳେ କେତେକ ଘଟଣାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଠିବାରେ ଲାଗିଛି । ସହକାରୀ ଶିକ୍ଷୟିତ୍ରୀ ଲିପିକା ସାମନ୍ତରାୟ ଦୀର୍ଘ ୧୯ ବର୍ଷ ଧରି ଚିତ୍ରକୋଣ୍ଡା ବ୍ଲକରେ କାର୍ଯ୍ୟରତ ଥିବା ସତ୍ତ୍ୱେ ତାଙ୍କ ବଦଳି ନ ହେବାକୁ ନେଇ ଶିକ୍ଷକ ତଥା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

ତଥ୍ୟ ଅନୁଯାୟୀ, ସେ ୨୦୦୭ ମସିହାରେ ପଣସପୁଟ ବିଦ୍ୟାଳୟରେ ପ୍ରଥମ ନିଯୁକ୍ତି ପାଇଥିଲେ ପରେ ୨୦୧୧ ରୁ ୨୦୧୭ ପର୍ଯ୍ୟନ୍ତ ଚିତ୍ରକୋଣ୍ଡାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ (ମଙ୍ଗଳ ବିଭାଗ)ରେ କାର୍ଯ୍ୟ କରିଥିଲେ ୨୦୧୭ ରୁ ୨୦୧୮ ପର୍ଯ୍ୟନ୍ତ ମାଥିଲି ବ୍ଲକର ଧଉଡ଼ଗୁଡ଼ା ବିଦ୍ୟାଳୟରେ କାର୍ଯ୍ୟରତ ରହିବା ପରେ ପୁନର୍ବାର ୨୦୧୮ ରୁ ଆଜି ପର୍ଯ୍ୟନ୍ତ ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି ।ଏହି ହିସାବରେ ସେ ପ୍ରାୟ ୧୪ ଉର୍ଦ୍ଧ୍ୱ ବର୍ଷ ଧରି ଏକେ ବିଦ୍ୟାଳୟ ଏବଂ ୧୯ ବର୍ଷ ଧରି ଏକେ ବ୍ଲକରେ କାର୍ଯ୍ୟରତ ରହିଛନ୍ତି । ଏପରି ସ୍ଥିତିରେ ସରକାରଙ୍କ ବଦଳି ନୀତି ତାଙ୍କ କ୍ଷେତ୍ରରେ କିପରି ଅଟକି ଯାଇଛି ତାହା ପ୍ରଯୋଜ୍ୟ ହେଉନାହିଁ, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ।

ବର୍ତ୍ତମାନ ବଦଳି ପ୍ରକ୍ରିୟାରେ ଜିଲ୍ଲାର ଅନେକ ଶିକ୍ଷକଙ୍କ ବଦଳି ହୋଇଥିବା ବେଳେ ଲିପିକା ସାମନ୍ତରାୟଙ୍କ ନାମ ତାଲିକାରେ ନ ଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଜିଲ୍ଲା ମଙ୍ଗଳଅଧିକାରୀଙ୍କୁ ପଚାରିବାରୁ ସେ ପ୍ରଧାନ ଶିକ୍ଷକଙ୍କ ଚିଠା ଅନୁସାରେ ସେନ୍ସସ ଦାୟିତ୍ୱରେ ଥିବା ଉଲ୍ଲେଖ କରିଥିବା ଯୋଗୁଁ ସରକାରୀ ନିୟମ ଅନୁଯାୟୀ ତାଙ୍କ ନାଁ ନାହିଁ ବୋଲି ପ୍ରକାଶ କରିଛନ୍ତି।

ତେବେ ସୂଚନା ଅନୁଯାୟୀ କିଛିଦିନ ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କ ସୁପାରିଶ ଯୋଗୁଁ ସେ ସେନ୍ସେସ ଡିୟୁଟିରୁ ବାଦ ପଡିଥିବା ବେଳେ ବର୍ତ୍ତମାନ କିଭଳି ଜିଲ୍ଲା ମଙ୍ଗଳ ଅଧିକାରୀ ସେ ବାବଦରେ ଅବଗତ ନାହାନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟ ପକ୍ଷରେ ଯଦି ସେ ସେନ୍ସସ ଡିୟୁଟିରେ ଅଛନ୍ତି ତେବେ ସେନ୍ସସ ପ୍ରଶିକ୍ଷଣ ତାଲିକାରେ ତାଙ୍କ ନା କିଭଳି ରହିନାହିଁ ? ତାଙ୍କ ବଦଳି ନ ହେବା ପାଇଁ କିଏ ସୁପାରିଶ କରିଛନ୍ତି ଏବଂ କେଉଁ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି, ସେ ନେଇ ସ୍ପଷ୍ଟତା ଦେବାକୁ ସାଧାରଣରେ ଦାବୀ କରାଯାଉଛି ।

## ବରିଷ୍ଠ ନିର୍ଯାତନା ସଚେତନତା ଦିବସ ପାଳିତ



ହିଞ୍ଜିଳିକାଟୁ, ୧୬।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ସମରଝୋଳର ଶ୍ରୀ କୃଷ୍ଣ ଚୈତନ୍ୟ ବାନପ୍ରସ୍ଥ ଭଜନାଶ୍ରମରେ ବିଶ୍ୱ ବରିଷ୍ଠ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଆଶ୍ରମରେ ରହୁଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ମାଗଣା ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ବ୍ଲକ ପ୍ରଶାସନର ସହଯୋଗରେ ଆଶ୍ରମରେ ରହୁଥିବା ୭ଜଣଙ୍କ ଆୟୁଷ୍ମାନ କାର୍ଡ ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ପରିଚାଳକ ସୁରେଶ ଚନ୍ଦ୍ର ପାତ୍ର, ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ , ଡ଼ ସ୍ୱୟଂଭୂ ପ୍ରସାଦ ରାୟ , ସାଗର ସାହୁ , ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତଙ୍କ ସମେତ ବହୁ ବୃଦ୍ଧିଜୀବି ଉପସ୍ଥିତ ଥିଲେ।

ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ନିଟ୍ ପୁନଃପରୀକ୍ଷା ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ




- କ୍ଷତିପୂରଣ ବନୀକରଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାକୁ ଅଗ୍ରାଧିକାର
- ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଓ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଯୋଗ ଦେଇଥିଲେ।

ଆଗାମୀ ଜୁନ୍ ୨୧ରେ ନିଟ୍ -୨୦୨୬ ପୁନଃପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯାଇଥିଲା। ପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏ ସମ୍ପର୍କରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିସ୍ତୃତ ଆଲୋଚନା କରିଥିଲେ। ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ର ନିକଟସ୍ଥ ରେଳ ଷ୍ଟେସନ ବା ବସ୍‌ଷ୍ଟାଣ୍ଡରୁ ପରୀକ୍ଷା କେନ୍ଦ୍ରକୁ ଯିବା ଓ ଫେରିବା ନିମନ୍ତେ ନିଃଶୁଳ୍କ ବସ୍ ସେବା ଯୋଗାଇ ଦେବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନିଟ୍ ପରୀକ୍ଷା ଓ ଆନ୍ତର୍ଜାତିକ ଯୋଗ ଦିବସ ଏକା ଦିନରେ ଥିବାରୁ ଉଭୟ କାର୍ଯ୍ୟକ୍ରମ ପାଇଁ ସମନ୍ୱିତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, କ୍ଷତିପୂରଣମୂଳକ ବନୀକରଣ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ ଓ ସଂରକ୍ଷଣକୁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଉଭୟ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ଏହି ଉଦ୍ଦେଶ୍ୟରେ କ୍ଷତିପୂରଣମୂଳକ ବନୀକରଣ ପାଇଁ ସ୍ୱତନ୍ତ୍ର ଭୂ-ବ୍ୟାଙ୍କ ସୃଷ୍ଟିକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଂପର୍କିତ ସମୀକ୍ଷାରେ ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଅଗ୍ନି ଓ ବୈଦ୍ୟୁତିକ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକର ଶୀଘ୍ର ସଂଶୋଧନ, ନିୟମିତ ଫାୟାର ସେଫ୍ଟି ଅଡିଟ୍, ମକ୍ଡ୍ରିଲ୍, ଅଗ୍ନି ସୁରକ୍ଷା ପ୍ରମାଣପତ୍ରର ନବୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।



ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସାକ୍ଷାତ୍ ଆଲୋଚନା କରୁଛନ୍ତି

# ଭିଜିଲାନ୍ସ ଜାଲରେ ପଡ଼ିଲେ ଆର୍‌ଆଇ

## ପୋଖରୀ ନକ୍ସା ଦେବାକୁ ନେଉଥିଲେ ୪ ହଜାର ଲାଞ୍ଚ

କୋରାପୁଟ,୧୬।୬ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ତହସିଲ ଅନ୍ତର୍ଗତ କୋସାଗୁଡ଼ା ଆର୍‌ଆଇ ସର୍କଲ୍ ଅଧୀନରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଶୈଳବାଳା ନାଏକଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ମତ୍ସ୍ୟ ପୋଖରୀ ଯୋଜନାରେ ହିତାଧିକାରୀମାନଙ୍କୁ ନକ୍‌ସା ପ୍ରଦାନ କରିବା ସକାଶେ ଶ୍ରୀମତୀ ନାଏକ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଛନ୍ତି। ଯୋଜନାରେ ହିତାଧିକାରୀମାନେ ସବ୍‌ସିଡି ପାଇବା ସକାଶେ ଆବେଦନ କରିଥିଲେ। ଏଥିସକାଶେ ବିଭାଗ ପକ୍ଷରୁ ସମ୍ପୃକ୍ତ ହିତାଧିକାରୀମାନଙ୍କୁ



ସେମାନଙ୍କ ପୋଖରୀର ସଠିକ୍ ନକ୍‌ସା ଯୋଡ଼ିବା ସକାଶେ କୁହାଯାଇଥିଲା। ତେଣୁ ସେମାନେ ପୋଖରୀ ଖୋଳାଯାଇଥିବା ସ୍ଥାନର ନକ୍ସା ପାଇବା ସକାଶେ ଆବେଦନ କରିଥିଲେ। ତେବେ ଏହି ନକ୍ସା ପ୍ରଦାନ କରିବା ସକାଶେ ଆର୍‌ଆଇ ଶ୍ରୀମତୀ ନାଏକ ହିତାଧିକାରୀ ପିଛା ୪ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଏହି ଟଙ୍କା ଦେବାକୁ ହିତାଧିକାରୀମାନେ ରାଜି ହୋଇନଥିଲେ। କିନ୍ତୁ ଶ୍ରୀମତୀ ନାଏକ ଜିଦ୍ ଧରିବାରୁ ଶେଷରେ ହିତାଧିକାରୀମାନେ ଏ ସଂକ୍ରାନ୍ତରେ ଭିଜିଲାନ୍ସକୁ ଅବଗତ କରାଇଥିଲେ। ଭିଜିଲାନ୍ସ ପକ୍ଷରୁ ଏନେଇ ପୂର୍ବ ଯୋଜନା ପ୍ରସ୍ତୁତି ପୂର୍ବକ ଆଜି ଶ୍ରୀମତୀ ନାଏକଙ୍କୁ ୪ ହଜାର ଟଙ୍କା ଲାଞ୍ଚ ଦିଆଯାଉଥିବା ବେଳେ ତାଙ୍କୁ ଲାଞ୍ଚ ଟଙ୍କା ସହ ଗିରଫ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ସହ ଜଡ଼ିତ କେତେକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଏନେଇ ୧୦/୨୦୨୬ ରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି।

# ଧକ୍କା ପରେ ଜଳିଗଲା ଟ୍ରକ୍, ୨ ଚାଳକ ଜୀବନ୍ତ ଦଗ୍ଧ

ସୁନ୍ଦରଗଡ଼,୧୬।୬(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଅନ୍ତର୍ଗତ କୁଣ୍ଡୁକେଲା-କାଇନ୍ତରା ଛକ ନିକଟରେ ଥିବା ଏନ୍‌ଏଚ୍-୧୦ରେ ଆଜି ସକାଳେ ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଜଳିଯିବା ସହ ୨ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଉଭୟ ଗାଡ଼ିର ଚାଳକମାନେ ବାହାରକୁ ଆସିପାରିନଥିଲେ। ଉକ୍ତ ଚାଳକଦ୍ୱୟ ହେଉଛନ୍ତି ଝାରସୁଗୁଡା ଓ ଢେଙ୍କାନାଳ ଜିଲ୍ଲାର ବାସିନ୍ଦା। ଭଷ୍ମା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା। ଚାଳକଦ୍ୱୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ଏନେଇ ଭଷ୍ମା ଥାନାରେ ପୁଲିସ ୨୪୩/୨୬ରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ଅଦ୍ୱିକା ବାର୍ତ୍ତାଃ କିଶୋରକିଶୋରୀଙ୍କ ସହ ସିଧା ଆଲୋଚନା



- ସୁରକ୍ଷା, ସମାନତା ଓ ଭବିଷ୍ୟତ ନେଇ କଲେ ପ୍ରଶ୍ନ
- ନୀତି ନିର୍ଦ୍ଧାରଣରେ ସମସ୍ୟା ଓ ସୁପାରିସକୁ ସାମିଲ କରାଯିବଃ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର 'ଅଦ୍ୱିକା ବାର୍ତ୍ତା' ମାଧ୍ୟମରେ ରାଜ୍ୟର କିଶୋର-କିଶୋରୀମାନଙ୍କ ସହ ଏକ ଅଭିନବ ରାଜ୍ୟସ୍ତରୀୟ ଆଲୋଚନାରେ ସାମିଲ ହୋଇଛନ୍ତି। ଶାସନ ଓ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ଏହି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ଓ ୟୁନିସେଫର ମିଳିତ ସହଯୋଗରେ 'ଏ ଡେ ଫର ଚିଲଡ୍ରେନ୍' କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ଆଲୋଚନା ଆୟୋଜିତ ହୋଇଥିଲା। ରଜ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ 'ଅଦ୍ୱିକା' ଗ୍ରୁପ୍ ସହ ଜଡ଼ିତ କିଶୋରକିଶୋରୀମାନେ ଏକାଠି ହୋଇଥିଲେ। କିଛି କିଶୋରକିଶୋରୀ ସ୍ଥାନୀୟ କନଭେନସନ ସେଣ୍ଟରରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଏଥିରେ ଭାଗ ନେଇଥିବା ବେଳେ ସମସ୍ତ ୩୦ଟି ଜିଲ୍ଲାର ପ୍ରତିନିଧି ଜିଲ୍ଲା ଅଧିକାରୀ ଓ ପ୍ରଶାସକମାନଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଏଥିରେ ଯୋଡ଼ି ହୋଇଥିଲେ।

ଏହି ଦୁଇଘଣ୍ଟିଆ ଆଲୋଚନାରେ କିଶୋରକିଶୋରୀମାନେ ଶିକ୍ଷା, ସୁରକ୍ଷା, ଲିଙ୍ଗଗତ ସମାନତା, ଶିଶୁ ଅଧିକାର, ନେତୃତ୍ୱ ନେବାର ସୁଯୋଗ, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଓ ସେମାନଙ୍କ ଭବିଷ୍ୟତର ଆକାଂକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ଉପମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବା ସହ ନିଜର ଅନୁଭୂତି ବାଣ୍ଟିଥିଲେ। ଏଥିସହ ରାଜ୍ୟରେ ଯୁବପିଢ଼ିଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଓ ସେବାଗୁଡ଼ିକୁ ଅଧିକ ମଜବୁତ କରିବା ପାଇଁ ସେମାନେ ନିଜ ନିଜର ମତାମତ ଓ ପରାମର୍ଶ ମଧ୍ୟ ଉପସ୍ଥାପନ କରିଥିଲେ।

ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କିଶୋରକିଶୋରୀଙ୍କ ଜୀବନକୁ ପ୍ରଭାବିତ କରୁଥିବା ନିଷ୍ପତ୍ତିଗୁଡ଼ିକରେ ସେମାନଙ୍କର ମୂଲ୍ୟବାନ ମତାମତକୁ ସାମିଲ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଦୋହରାଇଥିଲେ। ସେ ଯୁବପିଢ଼ିଙ୍କୁ ସାମଗ୍ରିକ ବିକାଶ ଓ ନେତୃତ୍ୱ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା ସହ ଆଗାମୀ ଦିନର ନୀତି ନିର୍ଦ୍ଧାରଣ ଆଲୋଚନାରେ ସେମାନଙ୍କର ସମସ୍ୟା ଓ ସୁପାରିସ୍‌ଗୁଡ଼ିକୁ ବିଚାରକୁ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

# ୨୦ ଯାଏଁ ଘଡ଼ଘଡ଼ି ବର୍ଷା, ପୂରା ରାଜ୍ୟକୁ ୱେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ଆଗାମୀ ୫ ଦିନ ଧରି ଘଡ଼ଘଡି ସହ ବର୍ଷା ହେବ। ଅର୍ଥାତ୍ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ସମ୍ଭାବନା ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ଉକ୍ତ ୫ ଦିନ ପୂରା ରାଜ୍ୟକୁ କାଳବୈଶାଖୀ ଚେତାବନୀ ଦେଇଛି ପାଣିପାଗ ବିଭାଗ। ଆଜି ବିଜୁଳି ଘଡଘଡ଼ି ସହ ଝଡ଼ ବର୍ଷା ପାଇଁ ୨୦ ଜିଲ୍ଲାକୁ ଅରେଞ୍ଜ ଓ ବାକି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସମୟରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲିଠାରୁ ୨୦ ତାରିଖ ଯାଏ ୪ ଦିନ କାଳବୈଶାଖୀ ପାଇଁ ପୁରା ରାଜ୍ୟକୁ ପାଣିପାଗ ବିଭାଗ ପକ୍ଷରୁ ୱେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ରହିଥିବା ବେଳେ ଆଜି ଆଉ କିଛି ଅଂଶ ଛୁଇଁଛି। ଆଗାମୀ ୪ରୁ ୫ ଦିନ ମଧ୍ୟରେ ସାରା ଓଡ଼ିଶା ଛୁଇଁବ ବୋଲି କହିଛି ପାଣିପାଗ ବିଭାଗ। ଆଗାମୀ ୪/୫ ଦିନରେ ମୌସୁମୀ ତେଲଙ୍ଗାନା, ଓଡ଼ିଶାର ଆହୁରି ଅନେକ ଅଞ୍ଚଳ, ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼ର କିଛି ଅଂଶକୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ମୌସୁମୀ ଆଗମନରେ ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆଗାମୀ ୨୪ ଘଣ୍ଟାରେ ସାରା ଓଡ଼ିଶାରେ ବର୍ଷା ସହ କିଛି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଚେତାବନୀ ଦେଇଛି ପାଣିପାଗ ବିଭାଗ। କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ ଓ ସୁନ୍ଦରଗଡ଼ ଆଦି ଏହି ୧୦ ଜିଲ୍ଲାରେ ବଜ୍ରପାତ ସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅବଶିଷ୍ଟ ୨୦ ଜିଲ୍ଲାରେ ବଜ୍ରପାତ ସହ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ଓ ବର୍ଷା ସମ୍ଭାବନାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟ ପକ୍ଷରେ ୫ ଦିନ ଧରି ଉପକୂଳ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ଓ ଗରମ ଅନୁଭୂତ ହେବାକୁ ଥିବା ବେଳେ ଆଜି ଉପକୂଳର ୧୪ ଜିଲ୍ଲାକୁ ଉଷ୍ମ ଓ ଆଦର ସ୍ଥିତି ପାଇଁ ୟେଲୋ ସହ ଝାରସୁଗୁଡ଼ା ଓ ସମ୍ବଲପୁରରେ ହିଟ୍‌ୱେଭ ପାଇଁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ଆସନ୍ତାକାଲି ୩୦ ଜିଲ୍ଲାକୁ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଓ ୪୦ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ




କେନ୍ଦୁଝର,୧୬।୬(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଜାମୁଡ଼ିହା ଗ୍ରାମରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତକଙ୍କ ନାମ ରୁକ୍ମିଣୀ ଜୁଆଙ୍ଗ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତ ସ୍ୱାମୀ ବଇଦ ଜୁଆଙ୍ଗଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଦୁଇ ଜଣଙ୍କ ମଧ୍ୟରେ ଗତକାଲି ଅପରାହ୍ନରେ କୌଣସି କାରଣରୁ କଳିଝଗଡ଼ା ହୋଇଥିଲା। ଏଥିରେ ସ୍ୱାମୀ ବଇଦ ଏକ ବାଡ଼ିରେ ସ୍ତ୍ରୀ ରୁକ୍ମିଣୀଙ୍କୁ ପିଟି ଦେବାରୁ ଏଥିରେ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ମୃତକଙ୍କ ଭଉଣୀ ପହଞ୍ଚି ଏନେଇ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଅଭିଯୋଗ ଆଧାରରେ ସ୍ୱାମୀ ବଇଦଙ୍କୁ ଗିରଫ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ତେବେ ଏହି ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ରାଜଧାନୀରେ ଦୁର୍ଘଟଣାଃ ଟ୍ରକ୍ ଧକ୍କାରେ ଦମ୍ପତି ଗୁରୁତର

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ରାଜଧାନୀ ଭୁବନେଶ୍ୱର ପୁଣି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ସୈନିକ ସ୍କୁଲ ଦଶରଜା ମନ୍ଦିର ନିକଟରେ ଏକ ସ୍କୁଟରରେ ଯାଉଥିବା ଦମ୍ପତିଙ୍କୁ ଟ୍ରକ ଧକ୍କା ଦେଇ ଚାପି ଦେଇଥିଲା। ଫଳରେ ସ୍ୱାମୀ-ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୈତ୍ରୀ ବିହାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ସୋମବାର ରାତିରେ ସୈନିକ ସ୍କୁଲ ରାସ୍ତାରେ ଏକ ଭୟଙ୍କର ସିରିଜ୍ ଦୁର୍ଘଟଣା ଘଟିଥିଲା। ଏକ କାର ଦ୍ରୁତଗତିରେ ମାଡ଼ି ଆସି ଚା' ପିଉଥିବା ୪ ଜଣଙ୍କ ଉପରେ ମାଡ଼ି ଯାଇଥିଲା। ଏପରିକି କାର୍‌ଟି ଭାରସାମ୍ୟ ହରାଇ ଏକ ଅଟୋ ଏବଂ ଏକାଧିକ ବାଇକ୍ ଉପରେ ଚଢ଼ିଯାଇଥିଲା। ଫଳରେ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଆଜି ଆଉ ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ଏହି ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୩ରେ ପହଞ୍ଚିଛି।

## ଷ୍ଟିଲ୍ ସିଟିରେ ଯୁବକଙ୍କୁ ଗଳାକାଟି ହତ୍ୟା

ରାଉରକେଲା,୧୬।୬(ସଂଚାର ବ୍ୟୁରୋ)ଃ ଷ୍ଟିଲ ସିଟି ରାଉରକେଲାରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ସାମାନ୍ୟ କଥାରୁ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ସଂଘବଦ୍ଧ ଆକ୍ରମଣ କରି ଜଣେ ଯୁବକଙ୍କୁ ଖଣ୍ଡାରେ ଗଳାକାଟି ହତ୍ୟା କରାଯାଇଥିବା ବେଳେ ଏହି ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ରାଉରକେଲାର ସେକ୍ଟର-୭ ଥାନା ଅନ୍ତର୍ଗତ ଗଞ୍ଜାମ ପଲ୍ଲୀ ଅଞ୍ଚଳରେ ଘଟିଥିବା ବେଳେ ମୃତକଙ୍କ ଜଣଙ୍କ ତୋଫାନ ବିନ୍ଧାଣୀ ବୋଲି ଜଣାପଡ଼ିଛି। ସେହିପରି ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ଶୁଭେନ୍ଦୁ ସାହୁଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସାମାନ୍ୟ କଥାକୁ ନେଇ କଥା କଟାକଟି ହୋଇଥିଲା। ବଚସା ଧୀରେ ଧୀରେ ଉଗ୍ର ରୂପ ନେଇଥିଲା। ପରେ କିଛି ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ।

# ଛାତ୍ରୀଙ୍କ ଫଟୋ ଓ ଭିଡିଓ ଭାଇରାଲ, ଜେଲ ଗଲେ ପ୍ରଫେସର



ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ସାମାଜିକ ଗଣମାଧ୍ୟମରେ ଫେକ୍ ଆକାଉଣ୍ଟ୍ ଖୋଲି ଜଣେ ଛାତ୍ରୀଙ୍କ ଫଟୋ, ଭିଡିଓ ପ୍ରଘଟ କରିବା ଓ ଫୋନ କରି ମାନସିକ ନିର୍ଯାତନା ଦେବା ଅଭିଯାଗରେ ଭରତପୁର ଥାନା ପୁଲିସ ପ୍ରଫେସର ଅଜିତ କୁମାର ଗୁପ୍ତାଙ୍କୁ ପୁଣିଥରେ ଗିରଫ କରିଛି। ପ୍ରଫେସର ଗୁପ୍ତା ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରଫେସର ଭାବେ କାମ କରୁଛନ୍ତି। ସୂଚନାନୁଯାୟୀ, ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରୀ ପଶୁ ଚିକିତ୍ସା ବିଜ୍ଞାନ ବିଭାଗରେ ପଢୁଥିଲେ। ସେହି ଶିକ୍ଷାନୁଷ୍ଠାନର ପ୍ରଫେସର ଗୁପ୍ତା ଛାତ୍ରୀଙ୍କ ସହ ପରିଚିତ ହେବା ପରେ ଭଲ ସମ୍ପର୍କ ବଢ଼ାଇଥିଲେ। ତେବେ କିଛି ମାସ ପୂର୍ବରୁ ପ୍ରଫେସର ଗୁପ୍ତା ଉକ୍ତ ଛାତ୍ରୀଙ୍କୁ ଭ୍ରମିତ କରି କୋଲକାତାରେ ପଶୁ ପ୍ରଦର୍ଶନୀରେ ଯୋଗ ଦେବା ସକାଶେ ଡାକି ନେଇଥିଲେ। ଏଥିସହ ଏ ସମ୍ପର୍କରେ କାହାରିକୁ କିଛି ନ ଜଣାଇବାକୁ ସେ ଛାତ୍ରୀ ଜଣଙ୍କୁ ପରାମର୍ଶ ଦେଇଥିଲେ। ତେବେ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କ ଆଗରେ କହିବାରୁ ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଜଣାଇଥିଲେ। ପରେ ପ୍ରଫେସର ଗୁପ୍ତାଙ୍କୁ ଉକ୍ତ ଶିକ୍ଷାନୁଷ୍ଠାନ ଚାକିରିରୁ ବହିଷ୍କାର କରିଥିଲା। ବହିଷ୍କାର ପରେ ପ୍ରଫେସର ଗୁପ୍ତା କୋଲକାତାର ଏକ ଶିକ୍ଷାନୁଷ୍ଠାନରେ କାମ କରୁଥିଲେ। ଏହି ଘଟଣାକୁ ନେଇ ପ୍ରଫେସର ଗୁପ୍ତା ବିଭିନ୍ନ ନମ୍ବରରୁ ଉକ୍ତ ଛାତ୍ରୀ ଜଣଙ୍କୁ ଫୋନ କରି ମାନସିକ ନିର୍ଯାତନା ଦେଉଥିଲେ। ବିବାହ କରିବାକୁ ଚାପ ପକାଇ ସାମାଜିକ ଗଣମାଧ୍ୟମରେ ଏ କୁଣ୍ଡୁ ନାମରେ ଏକ ଫେକ ଆକାଉଣ୍ଟ୍ ଖୋଲି ଛାତ୍ରୀଙ୍କ ଫଟୋ ଓ ଭିଡିଓକୁ ଏଡିଟ୍ କରି ସେଥିରେ ପୋଷ୍ଟ କରିଥିଲେ। ଏଥିସହ ଛାତ୍ରୀଙ୍କ ସମ୍ପର୍କୀୟ ଓ ତାଙ୍କ ମା'ଙ୍କୁ ଉକ୍ତ ଫଟୋ ଓ ଭିଡିଓ ପଠାଇବା ସହ ବିଭିନ୍ନ ପ୍ରକାର ଧମକଚମକ ବି ଦେଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଗତ ମାସ ୧୫ ତାରିଖରେ କୋଲକାତାରୁ ପ୍ରଫେସର ଗୁପ୍ତାଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। କିନ୍ତୁ ଜାମିନରେ ମୁକୁଳିବା ପରେ ପ୍ରଫେସର ଗୁପ୍ତା ପୁଣି ଉକ୍ତ ଛାତ୍ରୀଙ୍କୁ ହଇରାଣ କରିବା ଫଳରେ ଏତଲା ଆଧାରରେ କୋଲ୍‌କାତାରେ ଚଢ଼ାଉ କରି ଗିରଫ କରିଛି।

# ଏସ୍‌ଆଇଆର୍ ପ୍ରକ୍ରିୟାର ସମୀକ୍ଷା କଲେ ଉପନିର୍ବାଚନ ଆୟୁକ୍ତ

ଭୁବନେଶ୍ୱର,୧୬।୬(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଆଜି ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ବିସ୍ତୃତ ସମୀକ୍ଷା କରିଛନ୍ତି। ସୂଚନାନୁଯାୟୀ, ପ୍ରାକ-ଏସଆଇଆର ସମୟରେ ରାଜ୍ୟରେ ମୋଟ ଭୋଟର୍ ସଂଖ୍ୟା ୩ କୋଟି ୩୩ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ୩.୧୬ କୋଟି (୯୪.୬ ପ୍ରତିଶତ) ଭୋଟରଙ୍କ ମ୍ୟାପିଙ୍ଗ ସଫଳତାର ସହ ଶେଷ ହୋଇଥିଲା। ମାତ୍ର ୫.୩୪ ପ୍ରତିଶତ ଭୋଟରଙ୍କ ଅନ-ମ୍ୟାପିଙ୍ଗ୍ ରହିଛି। ଏବେ ସୁଦ୍ଧା ଅର୍ଥାତ ଜୁନ ୧୬ ସୁଦ୍ଧା ୯୯.୨୦% ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ସେଥିମଧ୍ୟରୁ ୪୬.୪୪ ପ୍ରତିଶତ ଭୋଟରଙ୍କର ଡିଜିଟାଇଜେସନ ହୋଇଛି। ପରିଗଣନା



ଫର୍ମ ବଣ୍ଟନ ଓ ଡିଜିଟାଇଜେସନ ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲ୍ଲା ସାରା ରାଜ୍ୟରେ ଶୀର୍ଷରେ ରହି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ୯ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ସହ ସେମାନଙ୍କ ଜିଲ୍ଲାର ସ୍ଥିତି ବାବଦରେ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ। ଆଜି ସୁଦ୍ଧା କେତେ ପରିଗଣନା ଫର୍ମ ବଣ୍ଟନ କରାଯାଇଛି, ସେଥିରୁ କେତେ ପ୍ରତିଶତ ଡିଜିଟାଇଜେସନ ଶେଷ ହୋଇଛି ଏବଂ କେଉଁସବୁ ସମସ୍ୟା ଯୋଗୁଁ ପ୍ରକ୍ରିୟାରେ ବିଳମ୍ବ ହେଉଛି, ସେ ସମସ୍ତ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅତିରିକ୍ତ ସିଇଓ ସୁଶାନ୍ତ ମିଶ୍ର ବରିଷ୍ଠ ଉପନିର୍ବାଚନ ଆୟୁକ୍ତଙ୍କ ନିକଟରେ ରାଜ୍ୟରେ ଚାଲିଥିବା ଏହି ପ୍ରକ୍ରିୟାର ଅଗ୍ରଗତି ଉପରେ ଏକ ପାୱାର ପଏଣ୍ଟ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଶ୍ରୀ ଭାରତୀ ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଗ୍ରଗତି ନେଇ ଆତ୍ମସନ୍ତୋଷ ପ୍ରକାଶ କରିବା ସହ ସମୟ ଅବଧି ପୂର୍ବରୁ ସମସ୍ତ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ କେହି ଜଣେ ବି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେ ଦିଗରେ ମଧ୍ୟ ଅଧିକ ଧ୍ୟାନ ରଖିବାକୁ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପ୍ରଥମ ଦିନରେ ଭୁବନେଶ୍ୱରରେ ସମୀକ୍ଷା କରିଛନ୍ତି। ଆସନ୍ତାକାଲି ସେ ଗଞ୍ଜାମ ଜିଲ୍ଲା ଯାଇ ସେଠାରେ ସ୍ୱତନ୍ତ୍ର ସଘନ ସଂଶୋଧନର ଅଗ୍ରଗତି ନେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଉପୁଡ଼ି ପଡ଼ିଥିବା ଗଛ ସହ ପିଟିହେଲା ଅଟୋଃ ୯ ଗୁରୁତର



ନନ୍ଦପୁର,୧୬।୬(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମା ଦେଇ ଯାଇଥିବା ଏମଡିଆର ୫୫ ରାସ୍ତାର ସୀମାଦ୍ରୀ ମଣ୍ଡପ ସମ୍ମୁଖରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ହୋଇଛି। ଗତ ରବିବାର ରାତି ୯ଟା ସମୟରେ ଏକ ଉପୁଡ଼ି ପଡିଥିବା ଗଛକୁ ଦୁଇ ପଟରୁ ଆସୁଥିବା ଅଟୋ ଓ ପିକଅପ ଗାଡ଼ି ମୁହାଁମୁହିଁ ଧକ୍କା ହେବାରେ ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଶ୍ରମିକ ଯୁବତୀ ଥିବା ବେଳେ ଅଟୋ ଚାଳକ ଜଣଙ୍କ ପୁରୁଷ ବୋଲି ଜଣାପଡ଼ିଛି। ଅଟୋ ଚାଳକ ପଦଲାମ ଆର୍ଲାବଙ୍କ ସମେତ ୭ ଜଣ ଯୁବତୀଙ୍କ ସ୍ଥିତି ଅଧିକ ଗୁରୁତର ହେବାରୁ ଡାକ୍ତର ୮ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର କରିଛନ୍ତି। ସୂଚନା ମୁତାବକ, ଗେରୁପୁଟ ଗ୍ରାମର ୧୨ ଜଣ ଯୁବତୀ ପାତାଳୀ ନଦୀରୁ ବାଲି କାଢ଼ିବାକୁ ପାଡୁଆ ଅଞ୍ଚଳକୁ ଯାଇ ଏକ ଅଟୋ ଯୋଗେ ଘରକୁ ଫେରୁଥିଲେ। ଫେରିବା ବାଟରେ ସୀମାଦ୍ରୀ ମଣ୍ଡପ ନିକଟରେ ଅନ୍ଧାର ଓ ରାସ୍ତା ଉପରେ ଏକ ଜାମୁକୋଳି ଗଛ ପଡିଥିଲା। ସାମନା ପଟରୁ ଏକ ପିକଅପ୍ ଗାଡ଼ି ଆସୁଥିବା ବେଳେ ଦୁଇ ଗାଡ଼ି ଆଲୋକରେ ରାସ୍ତା ଉପରେ ପଡ଼ିଥିବା ଗଛକୁ କେହି ବି ଦେଖି ନ ପାରି ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣା ସ୍ଥଳଟି ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ନିକଟରେ ଥିବାରୁ କେନ୍ଦ୍ରାଧିକାରୀଙ୍କ ନେତୃତ୍ୱାଧୀନ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ପେଟ୍ରୋଲିୟମ ରପ୍ତାନି ଶୁଳ୍କ ବୃଦ୍ଧି

# ଡିଜେଲ ୧୪ ଟଙ୍କା, ଏଟିଏଫ୍ ୧୨.୫୦ ଟଙ୍କା ମହଙ୍ଗା



ନୂଆଦିଲ୍ଲୀ, ୧୬।୬: କେନ୍ଦ୍ର ସରକାର ଇନ୍ଧନର ନୂତନ ରପ୍ତାନି ଶୁଳ୍କ ବୃଦ୍ଧି ଘୋଷଣା କରିଛନ୍ତି। ରାଜସ୍ୱ ବିଭାଗର ଏକ ବିଜ୍ଞପ୍ତି ଅନୁଯାୟୀ, ଡିଜେଲ ରପ୍ତାନି ଉପରେ ଏବେ ପ୍ରତି ଲିଟର ୧୪ ଟଙ୍କା ରପ୍ତାନି ଶୁଳ୍କ ଲାଗୁ ହେବ। ଏହା ସହିତ, ବିମାନ ଟର୍ବାଇନ୍ ଇନ୍ଧନ ବା ଏଟିଏଫ୍ ରପ୍ତାନି ଉପରେ ପ୍ରତି ଲିଟର ୧୨.୫ ଟଙ୍କା ରପ୍ତାନି ଶୁଳ୍କ ଲାଗୁ କରାଯାଇଛି। ତେବେ ସରକାର ଏପର୍ଯ୍ୟନ୍ତ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କରେ କୌଣସି ପରିବର୍ତ୍ତନ କରିନାହାନ୍ତି। ଘରୋଇ ବ୍ୟବହାର ପାଇଁ ବିକ୍ରି ହେଉଥିବା ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହାର ମଧ୍ୟ ଅପରିବର୍ତ୍ତିତ ରଖାଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ସଂଶୋଧିତ ହାର ମଙ୍ଗଳବାର ଦିନ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି। ସରକାର ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଏହି ବୃଦ୍ଧି ଗ୍ରାହକଙ୍କ ପକେଟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଭାରତର ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ପଶ୍ଚିମ ଏସିଆରେ ଚାଲିଥିବା ଅସ୍ଥିରତା ମଧ୍ୟରେ ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ମାର୍ଚ୍ଚ ୨୭ ରୁ ଏକ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଥିଲା। ସରକାର ସେହି ସମୟରୁ ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ ରପ୍ତାନି ଉପରେ ଏକ ସଡ଼କ ଭିତ୍ତିଭୂମି ସେସ୍ ମଧ୍ୟ ଲାଗୁ କରିବା ଆରମ୍ଭ କରିଥିଲେ। ହାରାହାରି ଅଶୋଧିତ ତୈଳ ମୂଲ୍ୟ ଉପରେ ଆଧାର କରି ଏହି ହାରଗୁଡ଼ିକ ପ୍ରତି ପନ୍ଦର ଦିନରେ ସମୀକ୍ଷା କରାଯାଏ। ଶେଷ ଥର ପାଇଁ ଜୁନ୍ ୧ ତାରିଖରେ ଏହି ହାରଗୁଡ଼ିକୁ ସଂଶୋଧନ କରାଯାଇଥିଲା, ଯାହା ପରେ ଏହି ନୂତନ ହାରଗୁଡ଼ିକ ବର୍ତ୍ତମାନ କାର୍ଯ୍ୟକାରୀ ହୋଇଛି।

ପେଟ୍ରୋଲିୟମ ମନ୍ତ୍ରଣାଳୟ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଦେଶରେ ପେଟ୍ରୋଲ, ଡିଜେଲ, ଏଲପିଜି ଏବଂ ପ୍ରାକୃତିକ ଗ୍ୟାସ୍‌ର କୌଣସି ଅଭାବ ନାହିଁ। ଯୁଗ୍ମ ସଚିବ ସୁଜାତା ଶର୍ମା ସମସ୍ତ ନାଗରିକ ଏବଂ ଶିଳ୍ପକୁ ଦାୟିତ୍ୱର ସହ ଶକ୍ତି ବ୍ୟବହାର କରିବାକୁ ନିବେଦନ କରିଛନ୍ତି। ସେ ବଡ଼ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ସେମାନଙ୍କର ଗ୍ରାହକ ପମ୍ପରୁ ସିଧାସଳଖ ଡିଜେଲ କିଣିବାକୁ ଅନୁରୋଧ କରିଛନ୍ତି। ଏହା ଜନସାଧାରଣଙ୍କ ପାଇଁ ଖୋଲା ଥିବା ଖୁଚୁରା ଦୋକାନଗୁଡ଼ିକ ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ହ୍ରାସ କରିବ ଏବଂ ଜନସାଧାରଣଙ୍କ ଅସୁବିଧାକୁ ରୋକିବ।

ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଯୋଗାଣ ସ୍ଥିର ରହିଛି, ଏବଂ ଦେଶର ସମସ୍ତ ରିଫାଇନାରୀ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି। ସମସ୍ୟାର ମୂଳ ହେଉଛି ବ୍ୟବହାର ଢାଞ୍ଚାରେ ହଠାତ୍ ପରିବର୍ତ୍ତନ, ଯାହା ଫଳରେ ବଜାରରେ ଏହି ଇନ୍ଧନର ବ୍ୟାପକ ଚାହିଦା ବୃଦ୍ଧି ପାଇଛି। ମେ' ମାସରେ ପୂର୍ବରୁ ବଲ୍କ ପମ୍ପ ମାଧ୍ୟମରେ ବଣ୍ଟନ କରାଯାଉଥିବା ପ୍ରାୟ ୪୨ କୋଟି ଲିଟର ଡିଜେଲ ହଠାତ୍ ଖୁଚୁରା ଦୋକାନଗୁଡ଼ିକୁ ସ୍ଥାନାନ୍ତରିତ ହୋଇଥିଲା। ଏହି ବିଶାଳ ପରିବର୍ତ୍ତନ କିଛି କ୍ଷେତ୍ରରେ ଯୋଗାଣ ବାଧା ଏବଂ ସମସ୍ୟା ସୃଷ୍ଟି କରିଥିଲା। ସାଧାରଣ ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ, ଜୁନ୍ ୧୧ ତାରିଖରେ ଜାରି ହୋଇଥିବା ବଜେଟ୍ ବିଜ୍ଞପ୍ତିରେ ଖୁଚୁରା ଡିଜେଲ ବିକ୍ରୟ ଉପରେ ଏକ ନୂତନ ସୀମା ସ୍ଥିର କରାଯାଇଥିଲା। ବ୍ୟକ୍ତିବିଶେଷ ଏବେ ଖୁଚୁରା ପମ୍ପରୁ ପ୍ରତିଦିନ ସିଧାସଳଖ ୨୦୦ ଲିଟର ପର୍ଯ୍ୟନ୍ତ ଡିଜେଲ କିଣିପାରିବେ। ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଯୋଗାଣ ସିଧାସଳଖ ସେମାନଙ୍କ ନିର୍ଦ୍ଦିଷ୍ଟ ପମ୍ପରୁ କିଣିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ପ୍ରାୟ ୯୦ ଦିନ ପାଇଁ ଏକ ଅସ୍ଥାୟୀ ବ୍ୟବସ୍ଥା, ଯାହା ନାଗରିକମାନଙ୍କର ଅସୁବିଧା ଏଡାଇବା ପାଇଁ କାର୍ଯ୍ୟକାରୀ କରାଯାଇଛି।



## ୨୦୩୦ ସୁଦ୍ଧା ଚାଲିଯିବ ୨୨% ଚାକିରି

ନୂଆଦିଲ୍ଲୀ,୧୬।୬: ଏଆଇ ଦେଶର ଅର୍ଥନୀତିରେ ସେତେଟା ପ୍ରଭାବ ପକାଉ ବା ନ ପକାଉ, ଏହାର ପ୍ରଭାବ ଶିକ୍ଷା କ୍ଷେତ୍ରରେ ଦେଖିବାକୁ ମିଳିଲାଣି। ଭାରତୀୟ ଛାତ୍ରମାନେ ଦିନେ ଯେଉଁ କୋର୍ସର ଡିଗ୍ରୀ ନେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ସାରୁଥିଲେ, ଏବେ ସେହି ସ୍କୋରସବୁ ଏକ ପ୍ରକାର ବନ୍ଦ ହୋଇପାରେ।

ଦେଶରେ ଆଇଟି, ଆଇନ, କମର୍ସ, ଟ୍ରାନ୍ସଲେସନ, ଡିଜାଇନ ଓ ଲାଇବ୍ରେରୀ ସାଇନ୍ସ ଓ ଏମ୍ବିଏ ଭଳି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଗଲାଣି। ଏଆଇ ଟୁଲ୍ସ ଏହି କ୍ଷେତ୍ରରରେ କାମଗୁଡ଼ିକୁ ଅତି ସହଜରେ କରିଦେଉଛି, ତେଣୁ ଏହାର ପରିସର ଏବେ ଛୋଟ ପଡ଼ିବାକୁ ଲାଗିଲାଣି। ଏଚଆର କମ୍ପାନୀ ଟିମ ଲିଜ କହିଛି ଯେ ୪୦% କମ୍ପାନୀ "ହାଇବ୍ରିଡ୍ ସ୍କିଲ୍ସ" ଅର୍ଥାତ୍ ଡିଗ୍ରୀ ସହିତ ଏଆଇ ଜ୍ଞାନକୁ ବାଧ୍ୟତାମୂଳକ ବୋଲି ବିବେଚନା କରନ୍ତି। 'ନାସକମ୍'ର ୨୦୨୪ ରିପୋର୍ଟରେ କୁହାଯାଇଛି ଯେ ଭାରତରେ ୮୨% ବିସିଏ ଏବଂ ଏମସିଏ ସ୍ନାତକଙ୍କ ପାଖରେ ଏଆଇ ତାଲିମର ଅଭାବ ଅଛି। ସେହିପରି ବିଶ୍ୱ ଅର୍ଥନୈତିକ ଫୋରମ୍ ରିପୋର୍ଟ ଅନୁଯାୟୀ,ଯେଉଁମାନେ ଏଆଇ ଉପକରଣ ବ୍ୟବହାର କରି ଉତ୍ପାଦନକ୍ଷମତା ୪୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ସେମାନଙ୍କ ପାଖରେ ଚାକିରି ରହିବ। ତେଣୁ ଏସବୁ ଦେଖିଲେ ଲାଗୁଛି ଆଗକୁ ଭୟଙ୍କର ଚାକିରି ସମସ୍ୟା ସୃଷ୍ଟି ହେବ। ଆଇବିଏମ୍ ଇନଷ୍ଟିଚ୍ୟୁଟ୍ ଫର ବିଜନେସ୍ ଭାଲ୍ୟୁର ଏକ ରିପୋର୍ଟରେ କୁହାଯାଇଛି ଯେ ଏଆଇ ଲୋକଙ୍କସ୍ଥାନ ନେବ ନାହିଁ। କିନ୍ତୁ ଯେଉଁମାନେ ଏଆଇ ବ୍ୟବହାର କରନ୍ତି ସେମାନେ ବ୍ୟବହାର ନ କରୁଥିବା ଲୋକଙ୍କ ଚାକିରି ନେଇଯିବେ। "ଫ୍ୟୁଚର୍ ଅଫ୍ ଜବ୍ସ ରିପୋର୍ଟ୨୦୨୫" ଅନୁଯାୟୀ, ୨୦୩୦ ସୁଦ୍ଧା ୨୨% ଚାକିରି ପ୍ରଭାବିତ ହୋଇପାରେ। ସମୟର ଆବଶ୍ୟକତା ଦେଖି ସବୁବେଳେ ଆଗୁଆ ସତର୍କତା ଅବଲମ୍ବନ କରୁଥିବା ଚୀନ, ଏଆଇର ଆଗମନକୁ ଦେଖି ନିଜ ଶିକ୍ଷାରେ ପରିବର୍ତ୍ତନ କରିବା ଆରମ୍ଭ କରିଦେଇଛି। ୨୦୨୧ ଓ ୨୦୨୫ ମଧ୍ୟରେ ନିଜର ବିଶ୍ୱ ବିଦ୍ୟାଳୟରେ ୧୨,୨୦୦ରୁ ଅଧିକ ଅଣ୍ଡରଗ୍ରାଜୁଏଟ ପ୍ରୋଗ୍ରାମ ରଦ୍ଦ ବା ନିଲମ୍ବନ କରିଦେଇଛି। ଏବଂ ପାଖାପାଖି ୧୦,୨୦୦ ନୂଆ ଶିକ୍ଷା ଆରମ୍ଭ କରିଛି। ଗତ ୪ ବର୍ଷରେ ଚୀନ ନିଜ ବିଶ୍ୱ ବିଦ୍ୟାଳୟରେ ଏଭଳି ପରିବର୍ତ୍ତନ ଆଣିଛି। ଚୀନ ସରକାରଙ୍କର ଏହି କୋର୍ସ କାଟ ଭିତରେ କଳା ମାନବିକତା ସମ୍ପର୍କିତ କୋର୍ସ, ବିଦେଶୀ ଭାଷା ଆଦି ରହିଛି। କାରଣ ଚୀନ ସରକାର ସେମିକଣ୍ଡକ୍ଟର, ରୋବୋଟିକ୍ସ ଓ ଅନ୍ୟ ରଣନୈତିକ ଉଦ୍ୟୋଗ ପାଇଁ ପ୍ରତିଭା ତିଆରି କରିବାକୁବିଶ୍ୱ ବିଦ୍ୟାଳୟଗୁଡ଼ିକ ଉପରେ ଚାପ ପକାଉଛନ୍ତି। ଭାରତରେ କର୍ଣ୍ଣାଟକ ସରକାର କିଛି ଚୀନ ଭଳି ନୀତି ଆପଣାଇଛନ୍ତି। କୋର୍ସଗୁଡ଼ିକରେ କମ୍ ନାମଲେଖା ଓ ଅନ୍ୟାନ୍ୟ ଆଳ ଦେଖାଇ ରାଜ୍ୟରେ ୧୩୦୦ କୋର୍ସ ସିଟ ହ୍ରାସ କରିଛନ୍ତି। ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ସରକାରୀ କଲେଜଗୁଡ଼ିକରେ ୪୫୮ ବିଏ, ବିଏସସି,ବିକମରେ କମ୍ବିନେସନକୁ ବନ୍ଦ କରି ଦେଇଛନ୍ତି କର୍ଣ୍ଣାଟକ ସରକାର।

## ୩୦ ଜୁନ୍ ସୁଦ୍ଧା ଇ-କେୱାଇସି ନକଲେ ବନ୍ଦ ହୋଇଯିବ ଗ୍ୟାସ୍ ସବ୍‌ସିଡି-ସିଲିଣ୍ଡର ଡେଲିଭରି

ନୂଆଦିଲ୍ଲୀ,୧୬।୬: ଯଦି ଆପଣ ସମୟ ଅନୁସାରେ ଘରକୁ ଗ୍ୟାସ୍ ସିଲିଣ୍ଡରର ଡେଲିଭରି ଚାହୁଁଛନ୍ତି ଏବଂ ଏହା ଉପରେ ମିଳୁଥିବା ସବ୍‌ସିଡିର ଲାଭ ଉଠାଇବାକୁ ଚାହୁଁଛନ୍ତି, ତେବେ ଏହି ଖବରଟି ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କର ଗୋଟିଏ ଛୋଟ ଅବହେଳା ଯୋଗୁ ଆପଣଙ୍କ ଘରକୁ ଗ୍ୟାସ୍ ଆସିବା ବନ୍ଦ ହୋଇଯାଇପାରେ ଏବଂ ଆପଣ ସବ୍‌ସିଡି ପାଇବାରୁ ମଧ୍ୟ ବଞ୍ଚିତ ହୋଇପାରନ୍ତି। ତେଣୁ ଯଦି ଆପଣ ଏପର୍ଯ୍ୟନ୍ତ ନିଜର ତଥ୍ୟ ଅପଡେଟ୍ କରିନାହାନ୍ତି, ତେବେ ତୁରନ୍ତ ଇ-କେୱାଇସି ପ୍ରକ୍ରିୟା ଶେଷ କରନ୍ତୁ। ଆସନ୍ତା ଜୁଲାଇ ୧ ତାରିଖରୁ ବିନା ଇ-କେୱାଇସିରେ ଏଲପିଜି ସିଲିଣ୍ଡର ଉପରେ ସବ୍‌ସିଡି ମିଳିବ ନାହିଁ। ଏହି ନିୟମ ପିଏମ୍ ଉଜ୍ଜ୍ୱଳା ଯୋଜନା ସମେତ ଅନ୍ୟ ସମସ୍ତ ସାଧାରଣ ଗ୍ରାହକଙ୍କ ପାଇଁ ଲାଗୁ ହେବ। ତେଣୁ ଯଦି ଆପଣ ବାୟୋମେଟ୍ରିକ୍ କେୱାଇସି କରିନାହାନ୍ତି, ତେବେ ଏହାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରନ୍ତୁ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ପିଏମ୍ ଉଜ୍ଜ୍ୱଳା ଯୋଜନା ଏବଂ ଡିବିଟିଏଲ୍ ଯୋଜନାର ଅନ୍ତର୍ଭୁକ୍ତ ସମସ୍ତ ଗ୍ରାହକ, ଯେଉଁମାନେ କନେକ୍ସନ ନେବା ପରେ ଏପର୍ଯ୍ୟନ୍ତ ବାୟୋମେଟ୍ରିକ୍ ଆଧାର ଭେରିଫିକେସନ୍ କରିନାହାନ୍ତି, ସେମାନଙ୍କ ପାଇଁ ଜୁନ୍ ୩୦ ତାରିଖ ସୁଦ୍ଧା ଏହାକୁ ଶେଷ କରିବା ବାଧ୍ୟତାମୂଳକ ଅଟେ। ଯଦି ଗ୍ରାହକ ଏହି ସମୟ ମଧ୍ୟରେ ଇ-କେୱାଇସି ନକରନ୍ତି, ତେବେ ସେମାନଙ୍କ ସବ୍‌ସିଡି ଅଟକାଇ ଦିଆଯିବ କିମ୍ବା ସ୍ଥାୟୀ ଭାବେ ବନ୍ଦ କରିଦିଆଯାଇପାରେ। ଯଦି କୌଣସି ଗ୍ରାହକ ଜୁନ୍ ୩୦ ପରେ (ଆଗାମୀ ମାସଗୁଡ଼ିକରେ) ଇ-କେୱାଇସି କରନ୍ତି, ତେବେ ସେମାନଙ୍କୁ କେବଳ ଭବିଷ୍ୟତର ବୁକିଂ ଉପରେ ସବ୍‌ସିଡି ମିଳିବ। ଇ-କେୱାଇସି ହୋଇନଥିବା ବାକି ରହିଯାଇଥିବା ଅବଧିର (ପଛୁଆ) କୌଣସି ସବ୍‌ସିଡି ଟଙ୍କା ମିଳିବ ନାହିଁ। ଇଣ୍ଡେନ୍ ଗ୍ୟାସ୍ (Indane Gas) ଗ୍ରାହକମାନେ ଚାହିଁଲେ ଘରେ ବସି ନିଜ ସ୍ମାର୍ଟଫୋନ୍ ସାହାଯ୍ୟରେ 'IndianOil One' ଆପ୍ ମାଧ୍ୟମରେ ଏହି କାମ କରିପାରିବେ। ଏହାଛଡ଼ା ଆପଣ ନିଜର ଏଲପିଜି ବିତରକ ବା ଗ୍ୟାସ୍ ଏଜେନ୍ସିକୁ ଯାଇ ମଧ୍ୟ ମାଗଣାରେ ଏହି କେୱାଇସି ଅପଡେଟ୍ କରାଇପାରିବେ।



# ବେକାରୀ ହାର ୧୧ ମାସରେ ସର୍ବାଧିକ

ନୂଆଦିଲ୍ଲୀ,୧୬।୬: ଗତ ମେ ମାସରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଦେଶର ବେକାରୀ ହାର ୧୧ ମାସର ସର୍ବୋଚ୍ଚ ସ୍ତର ୫.୫ ପ୍ରତିଶତରେ ପହଞ୍ଚିଛି। ବେକାରୀ ସମସ୍ୟା ଗ୍ରାମାଞ୍ଚଳରେ ଅଧିକ ରହିଥିବା ପରିସଂଖ୍ୟାନ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ମେ ମାସରେ ଗ୍ରାମୀଣ ବେକାରୀ ହାର ୫.୧ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଗତ ଏପ୍ରିଲ୍‌ରେ ୪.୬ ପ୍ରତିଶତ ଥିଲା। ଉଭୟ ପୁରୁଷ ଓ ମହିଳାଙ୍କ ବେକାରୀ ହାର ବଢ଼ିଛି। ସେହି ସମୟରେ ସହରାଞ୍ଚଳରେ ବେକାରୀ ହାର ୬.୬ ପ୍ରତିଶତରୁ ହ୍ରାସ ପାଇ ୬.୪ ପ୍ରତିଶତ ହୋଇଛି। ସହରାଞ୍ଚଳରେ ପୁରୁଷ ବେକାରୀ ହାର ୫.୯ ପ୍ରତିଶତରେ ଅପରିବର୍ତ୍ତିତ ରହିଥିବା ବେଳେ ମହିଳାଙ୍କ କ୍ଷେତ୍ରରେ ତାହା ୮.୫ ପ୍ରତିଶତରୁ ହ୍ରାସ ପାଇ ୮.୨ ପ୍ରତିଶତ ହୋଇଛି। ୨୦୨୫ ମେ ମାସ ସହ ତୁଳନା କଲେ ଦେଶର ସହରାଞ୍ଚଳ ବେକାରୀ ହାର ୬.୪ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ଏହି ମାସରେ ତାହା ୬.୯ ପ୍ରତିଶତ ଥିଲା। ଗ୍ରାମୀଣ ବେକାରୀ ହାର କିନ୍ତୁ ୫.୧ ପ୍ରତିଶତରେ ସ୍ଥିର ରହିଛି। ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ଶ୍ରମଶକ୍ତିରେ ଅଂଶଗ୍ରହଣ ହାର ୫୫ ପ୍ରତିଶତରୁ ହ୍ରାସ ପାଇ ୫୪.୪ ପ୍ରତିଶତ ହୋଇଛି। ଗ୍ରାମାଞ୍ଚଳରେ ଏହି ହାର ୫୬.୬ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୪୯.୮ ପ୍ରତିଶତକୁ ହ୍ରାସ ପାଇଛି।



## ଆମେରିକୀୟ କମ୍ପାନୀର ଗୋପନୀୟ ତଥ୍ୟ ଚୋରି ଅଭିଯୋଗ

# ଟିସିଏସ୍ ଦେବ ୨୨୦ ମିଲିୟନ ଡଲାର ଜରିମାନା

ନୂଆଦିଲ୍ଲୀ,୧୬।୬: ଟାଟା କନସଲଟେନ୍ସି ସର୍ଭିସେସ୍ (ଟିସିଏସ୍)କୁ ଆମେରିକାରେ ଚାଲିଥିବା ଏକ ବ୍ୟବସାୟିକ ଗୋପନୀୟତା (Trade Secret) ମାମଲାରେ ବଡ଼ ଝଟ୍‌କା ଲାଗିଛି। ଆମେରିକାର ସର୍ବୋଚ୍ଚ ଅଦାଲତ କମ୍ପାନୀର ସମୀକ୍ଷା ଆବେଦନକୁ ଖାରଜ କରିଦେଇଛନ୍ତି। ଏହି କାରଣରୁ ଟିସିଏସ୍‌କୁ ସମୁଦାୟ ପ୍ରାୟ ୨୨୦ ମିଲିୟନ ଡଲାର (ପ୍ରାୟ ୧,୮୦୦ କୋଟିରୁ ଅଧିକ ଟଙ୍କା)ର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। କମ୍ପାନୀ ପକ୍ଷରୁ ଶେୟାର ବଜାର ଏକ୍ସଚେଞ୍ଜ ଫାଇଲିଂରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆମେରିକା ସୁପ୍ରିମକୋର୍ଟ 'ଡିଏକ୍ସସି ଟେକ୍ନୋଲୋଜି' ପକ୍ଷରେ ଯାଇଥିବା ୧୬୮ ମିଲିୟନ ଡଲାରର କ୍ଷତିପୂରଣ ରାୟକୁ କାଏମ ରଖିଛନ୍ତି। କମ୍ପାନୀ ନିଜ ଫାଇଲିଂରେ ସ୍ପଷ୍ଟ କରିଛି ଯେ, ୧୫ ଜୁନ ୨୦୨୬ ରେ ଆମେରିକା ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟିସିଏସ୍ ଏହି ମାମଲା ପାଇଁ ନିଜ ଆକାଉଣ୍ଟରେ ପୂର୍ବରୁ ହିଁ ୧୫୦ ମିଲିୟନ ଡଲାରର ବ୍ୟବସ୍ଥା କରି ରଖିଥିଲା। ଏବେ ବର୍ଦ୍ଧିତ କ୍ଷତିପୂରଣ, ସୁଧ ଏବଂ ଆଇନଗତ ଖର୍ଚ୍ଚକୁ ଦୃଷ୍ଟିରେ ରଖି କମ୍ପାନୀକୁ ଆଉ ଅଧିକ ୭୦ ମିଲିୟନ ଡଲାରର ବ୍ୟବସ୍ଥା କରିବାକୁ ହେବ। ଏହି ଅତିରିକ୍ତ ରାଶିକୁ ଚଳିତ ଆର୍ଥିକ ବର୍ଷ ୨୦୨୭ ର ପ୍ରଥମ ତ୍ରୈମାସିକ ରେ "ଓ୍ୱାନ୍-ଟାଇମ୍ ସ୍ପେଶାଲ ଏକ୍ସପେନ୍ସ" ଭାବେ ଦର୍ଶାଯିବ।



ଏହି ଆଇନଗତ ବିବାଦ ୨୦୧୯ ମସିହାରେ ଆମେରିକାର ଡଲାସ୍ ସ୍ଥିତ ଏକ ଫେଡେରାଲ କୋର୍ଟରେ ଆରମ୍ଭ ହୋଇଥିଲା। 'ଡିଏକ୍ସସି ଟେକ୍ନୋଲୋଜି'ର ପୂର୍ବତନ ସହଯୋଗୀ କମ୍ପାନୀ 'କମ୍ପ୍ୟୁଟର ସାଇନ୍ସେସ୍ କର୍ପୋରେସନ' (CSC) ଟିସିଏସ୍ ବିରୋଧରେ ଏହି ମାମଲା ଦାୟର କରିଥିଲା। ଟିସିଏସ୍ ଆମେରିକାର ପ୍ରସିଦ୍ଧ ବୀମା କମ୍ପାନୀ 'ଟ୍ରାନ୍ସଆମେରିକା' ର ପ୍ରାୟ ୨,୨୦୦ କର୍ମଚାରୀଙ୍କୁ ନିଜ କମ୍ପାନୀରେ ଚାକିରି ଦେଇଥିଲା। ଏହାପରେ ସେହି କର୍ମଚାରୀମାନଙ୍କ ପାଖରେ ଥିବା ଡିଏକ୍ସସି କମ୍ପାନୀର ଆଭ୍ୟନ୍ତରୀଣ ଗୋପନୀୟ ତଥ୍ୟ ବା ସିକ୍ରେଟ୍ସ ବ୍ୟବହାର କରି ଟିସିଏସ୍ ନିଜର ଏକ ପ୍ରତିଦ୍ୱନ୍ଦ୍ୱୀ ଲାଇଫ୍ ଇନସ୍ୟୁରାନ୍ସ ପ୍ଲାଟଫର୍ମ (ସଫ୍ଟୱେର୍) ପ୍ରସ୍ତୁତ କରିଥିଲା। ଏହି ମାମଲାରେ ପୂର୍ବରୁ ମଧ୍ୟ ଟିସିଏସ୍ ବିପକ୍ଷରେ କୋର୍ଟ ନିଷ୍ପତ୍ତି ଶୁଣାଇ ସାରିଥିଲେ। ଟିସିଏସ୍‌କୁ ଜାଣିଶୁଣି ଟ୍ରେଡ୍ ସିକ୍ରେଟ୍ ବ୍ୟବହାର କରିଥିବା ଅପରାଧରେ ୨୧୦ ମିଲିୟନ ଡଲାର ଜରିମାନା କରିଥିଲେ। ପରେ ୟୁଏସ୍ ଡିଷ୍ଟ୍ରିକ୍ଟ ଜଜ୍ ବ୍ରେଣ୍ଟଲି ଷ୍ଟାର ଏହାକୁ କମାଇ ୧୬୮ ମିଲିୟନ ଡଲାର କରିଥିଲେ। ଟିସିଏସ୍ ପକ୍ଷରୁ ଆମେରିକା ସୁପ୍ରିମକୋର୍ଟରେ ଦସ୍ତାବିଜ ଦିଆଯାଇଥିଲା ଯେ, ବିରୋଧୀ କମ୍ପାନୀ ନିଜର ପ୍ରକୃତ ଆର୍ଥିକ କ୍ଷତିର କୌଣସି ଦୃଢ଼ ପ୍ରମାଣ ଉପସ୍ଥାପନ କରିନାହିଁ। ତେଣୁ ଏତେ ବଡ଼ ପରିମାଣର କ୍ଷତିପୂରଣ ଏବଂ ଦଣ୍ଡମୂଳକ ଜରିମାନା ଆଦାୟ କରାଯିବା ଅନୁଚିତ। ତେବେ ସୁପ୍ରିମକୋର୍ଟ କମ୍ପାନୀର ଏହି ଯୁକ୍ତିକୁ ଗ୍ରହଣ ନକରି ଆବେଦନକୁ ଖାରଜ କରିଦେଇଛନ୍ତି, ଫଳରେ ଟିସିଏସ୍ ପାଇଁ ଆଇନଗତ ଲଢ଼େଇର ସମସ୍ତ ରାସ୍ତା ବନ୍ଦ ହୋଇଯାଇଛି ଏବଂ କମ୍ପାନୀକୁ ଏହି ବିପୁଳ ଧନରାଶି ପୈଠ କରିବାକୁ ପଡ଼ିବ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଶାସନ ଆମ୍ବଗାଁରେ ମିଳିତ ଜନଶୁଣାଣି



ହିଞ୍ଜିଳିକାଟୁ,୧୬।୬ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁ ପଞ୍ଚାୟତରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ , ଅତିରିକ୍ତ ତହସିଲଦାର ସୁରଜ ବେହେରା ,ସରପଞ୍ଚ ଜନାର୍ଦ୍ଦନ ସେଠୀ ମଂଚାସୀନ ଥିଲେ। ସୁଭଦ୍ରା ଯୋଜନା, ବିଦ୍ୟୁତ, ସ୍ୱାସ୍ଥ୍ୟ,ରାଜସ୍ୱ ଭଳି ବ୍ୟକ୍ତିଗତ ୭ଟି ଓ ସାମୁହିକ ୨ ଟି ସମୁଦାୟ ୯ଟି ଅଭିଯୋଗ ଗ୍ରହଣ ହୋଇଥିବା ବିଡ଼ିଓ ସୂଚନା ଦେଇଛନ୍ତି। ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରଜ ଉପଲକ୍ଷେ ବନ୍ଧୁ ମିଳନ



ହିଞ୍ଜିଳିକାଟୁ,୧୬।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ନିକଟବର୍ତ୍ତୀ ମା' ଘୋଡେଇଶୁଣୀଙ୍କ ପୀଠରେ ଓଡ଼ିଶାର ମହାନ ପର୍ବ ରଜ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ବାଦିକ, ଆଇନଜୀବୀ ଓ ସମାଜସେବୀ ସାମିଲ ହୋଇଥିଲେ ।ଏହା ପ୍ରକୃଷ୍ଟ ସ୍ଥାନ ହୋଇଥିବାରୁ ବହୁ ଦୂରଦୂରାନ୍ତରୁ ଲୋକେ ବନ୍ଧୁମିଳନ ନିମନ୍ତେ ଏଠାକୁ ଛୁଟି ଆସିଥା'ନ୍ତି ।ସବୁଜ ବନାନୀ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରତି ସଂକ୍ରାନ୍ତିରେ ପ୍ରବଳ ଜନସମାଗମ ହୋଇଥାଏ।

## ବିଦ୍ୟୁତ ଆଘାତରେ ଜଣେ ମୃତ, ଅନ୍ୟ ଜଣେ ଆହତ

ମାଲକାନଗିରି,୧୬।୬ (ସଂଚାର ବ୍ୟୁରୋ): ଶାଳମଞ୍ଜି ଗୋଟାଇବା ହେଲା କାଳ। ବିଦ୍ୟୁତ ଆଘାତରେ ଜଣେ ମୃତ, ଜଣେ ଆହତ ହୋଇଥିବାର ଜଣାପଡିଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଛଟପଟ ହେଉ ଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ଏପରି ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲାସ୍ଥ ପଦ୍ମଗିରି ପଞ୍ଚାୟତ ଯଦୁଗିଡା ଗ୍ରାମରେ ଘଟିଛି। ପୁଲିସ ସୂଚନାନୁସାରେ, ଯଦୁଗୁଡା ଅଂଚଳର ଯମୁନା ମାଡକାମୀ ନିଜର କିଛି ସାଥୀଙ୍କ ସହ ଶାଳ ମଞ୍ଜି ଗୋଟାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଶାଳ ମଞ୍ଜି ସଂଗ୍ରହ କରି କରି ପରସ୍ପର ଠାରୁ ଦୂରେଇ ଯାଇଥିଲେ। ଯମୁନା ଏକ ବାଉଁଶ ବାଡି ଧରି ଗଛ ଡାଳକୁ ବାଡେଇ ମଞ୍ଜି ତୋଳୁ ଥିବା ବେଳେ ବାଉଁଶ ବାଡିଟି ଗଛ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ଲାଇନ ତାର ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ଆଘାତରେ ଯମୁନା ଥରି ଉଠି ଚିତ୍କାର କରିଥିଲା। ଦୈବାତ୍ ଏହି ସମୟରେ ଗ୍ରାମର ସମ୍ବାରୁ ମାଡକାମୀ ନାମକ ଜଣେ ବୃଦ୍ଧ ନିକଟସ୍ଥ ଏକ ନଦୀରୁ ଗାଧୋଇ ଘରକୁ ଫେରୁଥିଲେ। ଯମୁନାଙ୍କ ଅବସ୍ଥା ଦେଖି ସେ ବାଉଁଶକୁ ବାହାର କରିବାକୁ ଚେଷ୍ଟା କରିଥିଲେ। ତେବେ ତାଙ୍କ ଶରୀର ଓଦା ଥିବାରୁ ସେ ବାଉଁଶରେ ଲାଗିଯାଇଥିଲେ ଏବଂ ଯମୁନା ଦୂରକୁ ଛିଟିକି ପଡ଼ି ବଞ୍ଚିଯାଇଥିଲେ। ବିଦ୍ୟୁତ୍ ଆଘାତରେ ସମ୍ବାରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥା ରେ ଯମୁନାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ମାଲକାନଗିରି ଜିଲ୍ଲା ହସ୍ପିଟାଲକୁ ନେଇ ଚିକିତ୍ସା କରିଥିଲେ। ଘଟଣାସ୍ଥଳ ରେ ମାଲକାନଗିରି ଆଦର୍ଶ ଥାନା ପୁଲିସ ପହଁଚି ମୃତବଶରୀର ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ପିକଅପ୍ ଭ୍ୟାନ୍



ମାଲକାନଗିରି,୧୬।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଜିଲ୍ଲା ସଦର ମହକୁମାକୁ ବାଲିମେଳା ସହ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସ୍ଥିତ ଟେକଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ପିକଅପ୍ ଭ୍ୟାନ ଓଲୋଟି ପଡିଥିବା ଦେଖିବାକୁ ମିଳିଛି। ସୁଚନା ଅନୁଯାୟୀ ମଙ୍ଗଳବାର ଭୋର ସମୟରେ ଉମରକୋଟ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପୁଅ ସହ ବାଲିମେଳା ରୁ ମାଲକାନଗିରି ଅଭିମୁଖେ ନିଜ ବୋଲେରୋ ମାକ୍ସ ପିକଅପ୍ ଗାଡିରେ ଫେରୁଥିବା ବେଳେ ଟେକଗୁଡା ନିକଟରେ ଅଚାନକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଦୁର୍ଘଟଣା ସ୍ଥଳରେ ଗାଡିଟି ଓଲୋଟି ଯାଇଥିବାରୁ ଗାଡି ମାଲିକଙ୍କ ପୁଅ ଗୁରୁତର ଭାବେ ଆହତ ହୋଇଥିବା ଦେଖିବାକୁ ମିଳିଛି। ତୁରନ୍ତ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନାଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି ।

# କେବେ ହେବ ଯନ୍ତ୍ରୀଙ୍କ ଆୟ ବର୍ହିଭୂତ ସମ୍ପତି ଯାଞ୍ଚ ?

### ଫାଟୁଛି ଗ୍ରାମ୍ୟ ରାସ୍ତା, ଭାଙ୍ଗୁଛି ସ୍କୁଲ ଗୃହ, ଯନ୍ତ୍ରୀ ନିରବ

### ଜିଲ୍ଲାପାଳ ଓ ଭିଜିଲାନ୍ସ ଚୁପ୍

### କେଉଁଠୁ ଆସୁଛି ଦାମୀ କାର

କାକଟପୁର/ଅସ୍ତରଙ୍ଗ,୧୬।୬ (ସଂଚାର ବ୍ୟୁରୋ):କେବେ ଖୋଲିବ ପେଟରା ? କେବେ ହେବ ସତ ସାମନାକୁ ? ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଯନ୍ତ୍ରୀଙ୍କ ଆୟବହିର୍ଭୂତ ସମ୍ପତି ଯାଞ୍ଚ ପାଇଁ ଏବେ ସାଧାରଣ ଲୋକଙ୍କ ଦାବୀ ଜୋର୍ ଧରିଛି। ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଧୀନରେ କାମ କରୁଥିବା ଯନ୍ତ୍ରୀଙ୍କ ସମ୍ପତି ଯାଞ୍ଚ ହେଉ - ଏଇଟା ହିଁ ଏବେ ଗାଁ ଗାଁରେ ଚର୍ଚ୍ଚା।

ବର୍ଷ ପରେ ବର୍ଷ ବିତୁଛି, ସରକାରୀ ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ମାଟିରେ କାମ ଦେଖାଯାଉନି। ବିଭିନ୍ନ ପଞ୍ଚାୟତରେ ହେଉଥିବା ରାସ୍ତା କାମ ନିମ୍ନ ମାନର। ବର୍ଷା ଆସିଲେ ରାସ୍ତା ଫାଟିଯାଉଛି, ଖାଲ ଖୋଳାହୋଇଯାଉଛି। ଲୋକେ ପଚାରୁଛନ୍ତି - ଟଙ୍କା କେଉଁଠି ଗଲା ?

ଅସ୍ତରଙ୍ଗ ବ୍ଲକ ହେଉ କି କାକଟପୁର ବ୍ଲକ ଅଧୀନ ବିଭିନ୍ନ ସ୍କୁଲ ଗୃହ ରୂପାନ୍ତରଣ ଅବସ୍ଥା ଆହୁରି ଖରାପ। ନୂଆ କରି ହୋଇଥିବା ଗୃହରେ କାନ୍ଥ ଫାଟୁଛି, ଛାତ ଝରୁଛି। ପିଲାଙ୍କ ଭବିଷ୍ୟତ ସହ ଖେଳ ହେଉଛି। ଅନ୍ୟାନ୍ୟ ସରକାରୀ କାମ ବି ସେମିତି। କାଗଜରେ ୧୦୦%, ମାଟିରେ ୨୦%।

ସବୁଠୁ ବଡ଼ ପ୍ରଶ୍ନ ହେଲା - ଯନ୍ତ୍ରୀ କେଉଁଠି ? ଅନେକ ସ୍ଥାନରେ ଯନ୍ତ୍ରୀ ନିରବ। କାମ ଦେଖିବାକୁ ଆସୁନାହାନ୍ତି, ଅଭିଯୋଗ ଶୁଣୁନାହାନ୍ତି। କଣ୍ଟ୍ରାକ୍ଟର ଓ ସ୍ଥାନୀୟ କୁଜି ନେତା ଯାହା କରୁଛନ୍ତି ସେଇଟା ହିଁ ଚୂଡ଼ାନ୍ତ। ଜନତାଙ୍କ ଟଙ୍କାରେ ହେଉଥିବା କାମ ଉପରେ ଯନ୍ତ୍ରୀଙ୍କ ନଜର ନାହିଁ।

ସ୍ଥାନୀୟ ଲୋକ କୁହନ୍ତି, "ଯନ୍ତ୍ରୀଙ୍କ ଦରମା କେତେ, କିନ୍ତୁ ଗୋଟିଏ ପରେ ଗୋଟିଏ ଗାଡି କିଣୁଛନ୍ତି। ଘର, ଗାଡ଼ି, ଜମି କେତେ ? ପାଞ୍ଚ ବର୍ଷ ଭିତରେ କୋଟି ଟଙ୍କାର ସମ୍ପତି କେମିତି ହେଲା ?

ଅସ୍ତରଙ୍ଗ ଓ କାକଟପୁର ବ୍ଲକର ଯନ୍ତ୍ରୀଙ୍କ ସମ୍ପତି ତାଲିକା ଖୋଲିଲେ ସତ ସାମନାକୁ ଆସିବ। ଏବେ ପ୍ରଶ୍ନ ହେଉଛି - ଜିଲ୍ଲାପାଳ କେବେ ଆଖି ଖୋଲିବେ ? ଭିଜିଲାନ୍ସ କେବେ ଚଢ଼ାଉ କରିବେ ? ଯନ୍ତ୍ରୀଙ୍କ ଆୟ ଓ ସମ୍ପତିର ହିସାବ କେବେ ମିଳିବ ?

ଲୋକଙ୍କ ଦାବି ସିଧା - ତୁରନ୍ତ ଯାଞ୍ଚ ହେଉ। ଯେଉଁ ଯନ୍ତ୍ରୀ ଜନତାଙ୍କ ଟଙ୍କାରେ ଲୁଟ୍ କରୁଛନ୍ତି, ଯେଉଁ କଣ୍ଟ୍ରାକ୍ଟର ନିମ୍ନ ମାନର କାମ କରୁଛି - ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଉ। ନଚେତ୍ କାକଟପୁର ନିର୍ବାଚନ ମଣ୍ଡଳୀରେ ରାସ୍ତା ଫାଟିବ, ସ୍କୁଲ ଭାଙ୍ଗିବ, କିନ୍ତୁ ଯନ୍ତ୍ରୀଙ୍କ ବ୍ୟାଙ୍କ ବଢ଼ି ଚାଲିବ। ଜିଲ୍ଲାପାଳ ଓ ଭିଜିଲାନ୍ସ ଚୁପ୍ ରହିଲେ ଲୋକେ ପଚାରିବେ - ଆପଣ କାହାର ପାହାରା ଦେଉଛନ୍ତି ? ଜନତାଙ୍କର ନା ଯନ୍ତ୍ରୀଙ୍କର ?

## ପୋକରା ଚାଉଳ ଦେଖି ଅବାକ୍ ତଦନ୍ତକାରୀ ଅଫିସର

**ଜନଶୁଣାଣି ଶିବରରେ ହୋଇଥିଲା ଅଭିଯୋଗ**



ବାଲିଆପାଳ,୧୬।୬ (ସଂଚାର ବ୍ୟୁରୋ): ବସ୍ତା ବ୍ଲକ୍ ଜନଶୁଣାଣୀ ଶିବିରରେ ଶମ୍ଭୁନାଥ ହାଇସ୍କୁଲ ପ୍ରଦାନ ଶିକ୍ଷକ ନିଯୁକ୍ତି ଓ ତାଲା ଖୋଲିବାକୁ ନେଇ ଉଭୟ ଗୋଷ୍ଠୀର ଦାବି ପତ୍ର। ସୂଚନା ଅନୁସାରେ ଆଜି ବସ୍ତା ବ୍ଲକ୍ ଜନଶୁଣାଣୀ ଶିବିରକୁ ଉପଜିଲ୍ଲାପାଳ ଶିବ ମାଲବିୟଙ୍କ ଦ୍ୱାରା ପରିଚାଳନା ହୋଇଥିବା ବେଳେ ତିନି ମାସ ଧରି ବସ୍ତା ଶମ୍ଭୁନାଥ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବଦଳି ଦାବି କରି ଗେଟରେ ତାଲା ପକାଇ ରଖି ସ୍କୁଲ ମେନିଜିଂ କମିଟି, ଆଲୁମିନି କମିଟି ଓ ଅବିଭାବକମାନେ ଦାବି ପତ୍ର ଦେଇଥିଲେ।

ଅପରପକ୍ଷେ ସ୍କୁଲରେ ତାଲା ଖୋଲିବା ଦାବି କରି ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ କିଛି ଯୁବକ ଦାବି ପତ୍ର ଦେଇଥିଲେ । ଉଭୟ ଗୋଷ୍ଠୀର ଦାବିପତ୍ରକୁ ବିଚାର କରି ଉପଜିଲ୍ଲାପାଳ ତ୍ୱରିତ ତଦନ୍ତ ପାଇଁ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ମୂଳେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲ ପରିସରରେ ପହଞ୍ଚି ଘଟଣା ବିଷୟରେ ଜାଣିବା ପାଇଁ ସ୍କୁଲ କମିଟି ଓ ଅଲୁମିନି କମିଟିଙ୍କୁ ଡକାଇଥିଲେ। ତତ୍ ସହିତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଳକା ବିନ୍ଧାଣିଙ୍କୁ ଫୋନ କରି ଡାକିବିକୁ ଚେଷ୍ଟା କରିଥିଲେ। ହେଲେ ପ୍ରଧାନଶିକ୍ଷୟିତ୍ରୀ ଫୋନ ଉଠାଇ ନଥିଲେ।

ତଦନ୍ତ ଟିମ ସ୍କୁଲ କମିଟି ଓ ଅଲୁମିନି କମିଟି, ଅବିଭାବକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବା ପରେ ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲର ଏମଡିଏମକୁ ନେଇ ଚର୍ଚ୍ଚା ହୋଇଥିଲା। ସ୍କୁଲରେ ଶତାଧିକ ବସ୍ତା ପୋକରା ଚାଉଳ ଗଚ୍ଛିତ ଥିବା ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ନିଜେ ସେସବୁ ନିଜେ ଦେଖି ହତବାକ ହୋଇଥିଲେ। ଅଭିଯୋଗ ମୂଳେ ଏମଡିଏମର ଖାତା ଯାଞ୍ଚ କରିବାକୁ ମାଗୁଥିବା ବେଳେ ସ୍କୁଲରେ ଏମଡିଏମ ଓ ଖେଳ ସାମଗ୍ରୀର କୌଣସି ଖାତା ନଥିବା ଜଣାପଡିଥିଲା। ସମସ୍ତ ଘଟଣା ଆଲୋଚନା ସମୟରେ ଉଭୟ ଶିକ୍ଷା ଅଧିକାରୀ ଶ୍ରୀମତୀ ବିନ୍ଧାଣୀଙ୍କୁ ପରିବର୍ତନ ହେବାକୁ ବହୁ ସୁଯୋଗ ଦିଆଯାଇଥିବା କହୁଥିବା ବେଳେ ଉପସ୍ଥିତ ସଦଶ୍ୟମାନେ ତାଙ୍କୁ ଏଠାରୁ ଟ୍ରାନ୍ସଫର କରିବାକୁ ଜିଦରେ ଅଟଳ।

## ପଦ୍ମ ପାଖୁଡା ସହ ମନ୍ଦାର ଫୁଲରେ ବିରାଜିଲେ ମା' ମଙ୍ଗଳା

● ମହାଲକ୍ଷ୍ମୀ ବେଶ ଦର୍ଶନ ସହ ପୋଡ଼ପିଠା ପୂଜା, ପୁଷ୍ପ ବେଶ



କାକଟପୁର/ଅସ୍ତରଙ୍ଗ,୧୬।୬ (ସଂଚାର ବ୍ୟୁରୋ):ପବିତ୍ର ରଜ ପର୍ବ ଅବସରେ ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳା ତିନି ଦିନ ଧରି ଭିନ୍ନ ଭିନ୍ନ ପୁଷ୍ପ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପ୍ରତିଦିନ ନୂଆ ନୂଆ ଫୁଲ ଓ ଅଳଙ୍କାର ରେ ମା'ଙ୍କ ବେଶ ହେଉଥିବାରୁ ମନ୍ଦିର ପରିସର ଭକ୍ତିମୟ ହୋଇପଡ଼ିଛି।

ରଜ ସଂକ୍ରାନ୍ତି ସନ୍ଧ୍ୟାରେ ମା' ମଙ୍ଗଳା ଶହ ଶହ ପଦ୍ମ ପାଖୁଡା ଫୁଲରେ ସଜ୍ଜିତ ହୋଇଥିଲେ। ପଦ୍ମ ପାଖୁଡା ମଧ୍ୟରେ ମା'ଙ୍କ ମୁଖମଣ୍ଡଳ ଅତ୍ୟନ୍ତ ମନୋହର ଦେଖାଯାଉଥିଲା। ପବିତ୍ର ବସୁମତୀ ସ୍ନାନ ଦିନ ମା' ଲାଲ୍ ମନ୍ଦାର ଫୁଲରେ ସଜ୍ଜିତ ହୋଇ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ। ଲାଲ୍ ପାଟବସ୍ତ୍ର ଓ ସୁବର୍ଣ୍ଣ ଅଳଙ୍କାରେ ମା'ଙ୍କ ଶୋଭା ଦ୍ୱିଗୁଣିତ ହୋଇଥିଲା।ଆଜି ମା' ମଙ୍ଗଳା ରଙ୍ଗୀନ ଫୁଲର ବେଶରେ ସୁସଜ୍ଜିତ ହୋଇଛନ୍ତି। ଲାଲ୍, ହଳଦିଆ, ଧଳା ଓ ନୀଳ ଫୁଲର ମାଳାରେ ମା'ଙ୍କ ଶ୍ରୀବିଗ୍ରହ ଆଚ୍ଛାଦିତ ହୋଇଛି। ଅନ୍ୟାନ୍ୟ ଫୁଲରେ ତିଆରି ବେଶ ଦେଖି ଭକ୍ତମାନେ ମୁଗ୍ଧ ହେଉଛନ୍ତି। ସୁବର୍ଣ୍ଣ ମୁକୁଟ ଓ ହାରେ ମା' ଅପୂର୍ବ ଶୋଭା ପାଉଛନ୍ତି। ମନ୍ଦିର ସେବାୟତ ମହେନ୍ଦ୍ର କୁମାର ଦୀକ୍ଷିତି ସୂଚନା ଦେଇ କହିଛନ୍ତି, "ରଜ ପର୍ବରେ ମା'ଙ୍କ ନିକଟରେ ପୋଡ଼ପିଠା ପୂଜା କରାଯିବା ଏକ ପ୍ରାଚୀନ ପରମ୍ପରା। ରଜ ସଂକ୍ରାନ୍ତି ଦିନ ମା'ଙ୍କ ପାଇଁ ପୋଡ଼ପିଠା ଭୋଗ ଲାଗି କରାଯାଏ। ଏହି ପରମ୍ପରା ଶତାବ୍ଦୀ ଧରି ଚାଲି ଆସୁଛି। ରଜ ତିନି ଦିନ ଧରି ମା'ଙ୍କର ବିଭିନ୍ନ ବେଶ ହୋଇଥାଏ। ପଦ୍ମ ବେଶ, ମନ୍ଦାର ବେଶ ଓ ପୁଷ୍ପ ବେଶ ମା'ଙ୍କର ପ୍ରମୁଖ ବେଶ।"

ରଜ ତିନି ଦିନ ଧରି ମନ୍ଦିର ପରିସରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଓଡ଼ିଶା ତଥା ରାଜ୍ୟ ବାହାରୁ ବି ଭକ୍ତମାନେ ମା'ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବାକୁ ଆସିଛନ୍ତି। ମା'ଙ୍କ ପଦ୍ମ, ମନ୍ଦାର ଓ ରଙ୍ଗୀନ ଫୁଲ ବେଶ ଦେଖି ଭକ୍ତମାନେ ଧନ୍ୟ ଧନ୍ୟ ହେଉଛନ୍ତି। ମନ୍ଦିର ଚାରିପାଖରେ "ଜୟ ମା' ମଙ୍ଗଳା" ଧ୍ୱନି ପ୍ରତିଧ୍ୱନିତ ହେଉଛି। ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ରଜ ପର୍ବ ସହ ମା' ମଙ୍ଗଳାଙ୍କ ଏହି ପୁଷ୍ପ ବେଶ କାକଟପୁର ସଂସ୍କୃତି ଓ ପରମ୍ପରାର ପ୍ରତୀକ। ମା'ଙ୍କ ଆଶୀର୍ବାଦରେ ସମସ୍ତଙ୍କ ଜୀବନ ସୁଖମୟ ହେଉ ବୋଲି ଭକ୍ତମାନେ କାମନା କରୁଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ୪ କୋର୍ଟ ଚାଲାଣ

ବାରିପଦା,୧୬।୬ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନଥାନା ଅଞ୍ଚଳରେ ଘଟିଥିବା ହରିଜନ ନାବାଳିକାକୁ ଗଣଦୁଷ୍କର୍ମ ମାମଲାରେ ପୋଲିସ ଆଜି ଚାରି ଜଣ ଅଭିଯୁକ୍ତ କୁ ଗିରଫ କରି ପୋକ୍ସ କୋର୍ଟ ଚାଲାଣ କରିଅଛି । ପ୍ରକାଶ ଥାଉକି ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଦୁଇ ନାବାଳିକା ଭଉଣୀ ଶୌଚ ପାଇଁ ଯାଇଥିବା ସମୟରେ ବଡ଼ ଭଉଣୀ ସମ୍ମୁଖରେ ସାନ ଭଉଣୀ କୁ ଚାରିଜଣ ଦୁର୍ବୃତ୍ତ ଟେକି ନେଇ ଗଣ ଦୁଷ୍କର୍ମ କରିଥିଲେ । ପିଡିତା ମୂର୍ଚ୍ଛୁପ୍ରୁ ଅବସ୍ଥାରେ ଗାଁ ଦାଣ୍ଡରେ ପଡ଼ିଥିବା ନେଇ ଗାଁ ବାଲା ଓ ପୋଲିସ ସହାୟତାରେ ଉଦ୍ଧାର କରାଯାଇ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ବିଳମ୍ବିତ ରାତିରେ ନାବାଳିକାର ଚେତା ଫେରିଥିଲା। ଏହାକୁ ନେଇ ନାବାଳିକାର ପିତା ସୋମବାର ଦିନ ନିଜ ଝିଅକୁ ୪ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଦୁଷ୍କର୍ମ କରିଥିବା ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲାକୁ ଗୁରୁତର ନେଇ ଏକ ଦୁଷ୍କର୍ମ ମାମଲା ୧୯୦/୨୬ କେଶ ରୁଜୁ କରିଥିଲା।

ଜିଲ୍ଲା ପୋଲିସ ଆରକ୍ଷୀଙ୍କ ନିର୍ଦ୍ଦେଶରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏଥିରେ ସଂପୃକ୍ତ ୪ ଜଣ ଯୁବକଙ୍କୁ ବିଭିନ୍ନ ଗ୍ରାମରୁ ଗିରଫ କରିବାକୁ ସଫଳ ହୋଇଥିଲା । ଏହାକୁ ନେଇ ନାଓ୍ୱାଳିକାର ବୟାନ ସମେତ ପରିବାରବର୍ଗଙ୍କ ବୟାନକୁ ଭିତ୍ତି କରି ଆଜି ଏଥିରେ ସଂପୃକ୍ତ ଉକ୍ତ ୪ ଜଣ ଯୁବକଙ୍କୁ ବାରିପଦାସ୍ଥିତ ପକ୍ସୋ କୋର୍ଟକୁ ସଂଘୀୟ ଭାବେ ଅପହରଣ, ଦୁଷ୍କର୍ମ, ଇତ୍ୟାଦି ଦଫାରେ ଚାଲାଣ କରାଯାଇଛି ଓ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ପିଡିତା ନାବାଳିକାର ଓ୍ୱୟାନରେକର୍ଡ କରାଯାଇଛି । ଅଭିଯୁକ୍ତମାନେ ହେଲେ ରାଇରଙ୍ଗପୁର ଟାଉନ ଥାନାର ଭାଲୁଓ୍ୱସା ଗ୍ରାମର ସେକ୍ ସାକିଲର ପୁତ୍ର ସେକ୍ ଅମିନ(୧୯), ସେକ୍ ସାମସେରଙ୍କ ପୁଅ ସେକ୍ସ ଜାସିଦ୍(୧୯), ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦେରେଇ ଗ୍ରାମର ସେକ୍ ସାନଓ୍ୱାର ର ପୁଅ ଟିପୁ ଓରଫ ସେକ୍ ଇସଲାମ୍ ଓରଫ ଏମଡି ଇସଲାମ(୨୩) ଏବଂ ଉକ୍ତ ଗ୍ରାମର ସେକ୍ ଆନଓ୍ୱାର ର ପୁତ୍ର ସେକ୍ ମକବୁଲ(୧୯) ବୋଲି ସୂଚନା ମିଳିଛି ।

## ବସ୍ତାରେ ମିଳିତ ଜନ ଶୁଣାଣି ଶିବିର




ବାଲିଆପାଳ,୧୬।୬ (ସଂଚାର ବ୍ୟୁରୋ): ବସ୍ତା ବ୍ଲକ ପରିସରରେ ଜିଲ୍ଲାପାଳ ଓଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ,ଏସପି ପ୍ରତ୍ୟୁଷ ଦିବାକର,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପାରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଏଡିଏମ ଓ ହେମନ୍ତ ସିଂ, ସିଡିଏମ ଓ, ବସ୍ତା ଏସଡିପିଓ ସମର୍ଥ ବେହେରା, ତହସିଲଦାର ସୁଶାନ୍ତ ପଟନାୟକ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ ସମାଧାନର ପ୍ରତିଶୃତି ଦେଇଥିଲେ। ଏହି ଶିବିରରେ ମୋଟ ୧୦୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରକୁ ବିକଳାଙ୍ଗ ସାର୍ଟିଫିକେଟ, ରାସ୍ତା,ଧାନ ମଣ୍ଡି, ବାର୍ଦ୍ଧକ୍ୟ ଭତା, ପାଣି ସମଷ୍ୟା ଉପରେ ଅଭିଯୋଗ ଆସିଥିଲା। ଉପ ଜିଲ୍ଲାପାଳ ସମସ୍ତ ଅଭିଯୋଗ ର ସତ୍ ପ୍ରତିଶତ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେବେ ଆଜିର ଜନଶୁଣାଣୀରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅଭିଯୋଗ କାରିବାକୁ ଆସି ବହୁତ ଲୋକ ଫେରିଯାଇଥିଲେ।

## ନାଳ ସଂସ୍କାର ନାମରେ ଅର୍ଥ ହଡ଼ପ ଅଭିଯୋଗ

**ତଦନ୍ତ ଦାବି କଲେ ଚାଷୀ**



ଧାମନଗର,୧୬।୬ (ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହି ପଞ୍ଚାୟତର ଗୋଠିଣା ବିଲ ମଝିରେ ଥିବା ହାଲୋଗଣ୍ଡା-ମହାରା ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବଡ଼ ଧରଣର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। ମନରେଗା ଯୋଜନାରେ ନାଳ ସଂସ୍କାର ନାମରେ ୫ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ଦର୍ଶାଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ କାମ ହୋଇନଥିବା ଅଭିଯୋଗ କରି ସ୍ଥାନୀୟ ଚାଷୀମାନେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତତା ଆଇନ (ମନରେଗା) ଅଧୀନରେ ମଷ୍ଟର ରୋଲ୍ ନଂ-୧୧୩୬୨ ଅନୁସାରେ ଚଳିତ ବର୍ଷ ଫେବୃଆରୀ ୪ରୁ ୧୦ ତାରିଖ ମଧ୍ୟରେ "ଗୋଠିଣା ଠାରେ ହାଲୋଗଣ୍ଡାରୁ ମହାରା ପର୍ଯ୍ୟନ୍ତ ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟ" ସମ୍ପନ୍ନ ହୋଇଥିବା ରେକର୍ଡରେ ଉଲ୍ଲେଖ ରହିଛି। ପ୍ରାୟ ୨ କିଲୋମିଟର ଲମ୍ବ ବିଶିଷ୍ଟ ଏହି ନାଳର ସଂସ୍କାର ପାଇଁ ୫.୫୦ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। କିନ୍ତୁ ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, କାଗଜପତ୍ରରେ କାମ ସରିଥିବା ଦର୍ଶାଯାଇଥିଲେ ମଧ୍ୟ ନାଳରେ କୌଣସି ସଫେଇ କିମ୍ବା ଖନନ କାର୍ଯ୍ୟ ହୋଇନାହିଁ। ବର୍ତ୍ତମାନ ମଧ୍ୟ ନାଳ ପୂର୍ବଭଳି ଅବସ୍ଥାରେ ଜଙ୍ଗଲ ହୋଇ ରହିଥିବାରୁ ଆଗାମୀ ବର୍ଷା ଋତୁରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଚାଷଜମି ଜଳମଗ୍ନ ହେବା ସହ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଏହି ନାଳ ଉପରେ ଜାହାଙ୍ଗିର, ପୁରୁଷୋତ୍ତମପୁର, କଣ୍ଟିଦୋଳ, ବିରୁହାଁ, ପାଟୁଳି, ଫଳପୁର, ବାଘୁଆରୀ, ଆମ୍ବିଳିଗାଁ, ଗୋଠିଣା, ଭଉଁରିଆବାଙ୍କ, ଷୋଳଗାଁ ସମେତ ବହୁ ମୌଜାର ପ୍ରାୟ ୪ ହଜାର ଏକର ଚାଷଜମିର ଜଳ ନିଷ୍କାସନ ଓ ସେଚନ ବ୍ୟବସ୍ଥା ନିର୍ଭର କରିଥାଏ। ତେଣୁ ନାଳର ସଠିକ୍ ସଂସ୍କାର ନ ହେଲେ ହଜାର ହଜାର ଚାଷୀ ପ୍ରଭାବିତ ହେବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କିନ୍ତୁ ଏହି ନାଳ ପୁନଃରୁଦ୍ଧାର ନ ହୋଇ ଟଙ୍କା ହଡ଼ପ କରାଯାଇଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ମୂର୍ଚ୍ଛନା ପକ୍ଷରୁ ଗ୍ରାମୀଣ ରଜ ମହୋତ୍ସବ




କେନ୍ଦ୍ରାପଡ଼ା,୧୬।୬(ସଂଚାର ବ୍ୟୁରୋ):ମୂର୍ଚ୍ଛନା, ଓକା ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଭାଗିତାରେ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲ ଖେଳପଡିଆରେ ରଜ ମହୋତ୍ସବ ତଥା ଗ୍ରାମୀଣ ଉତ୍ସବ ଉଦଘାଟିତ ହୋଇଯାଇଛି । ଠାକୁରହାଟ ବଜାର କମିଟି ସଭାପତି ତଥା ମହୋତ୍ସବ ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ସାମାଜିକ ଗଣମାଧ୍ୟମ ମୁଖ୍ୟ ପ୍ରବକ୍ତା ଉମନାକାନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀ ଜିଲ୍ଲା ପ୍ରତିନିଧି ପରେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୧୩ନମ୍ବର ଜୋନ ବିଜେପି ସଭାପତି ନାରାୟଣ ନାୟକ, ବିଜେପି ଜୋନ ସମ୍ପାଦକ ମଞ୍ଜୁଲତା ମଲ୍ଲିକ, ବିଜେପି ଉପସଭାପତି ମାନିନି ଷଡଙ୍ଗୀ, ମୂର୍ଚ୍ଛନା, ଓକାର ପ୍ରତିଷ୍ଠାତା ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଯୋଗଦେଇଥିଲେ । ସମ୍ପାଦକ ନିରାକାର ମହାରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଓଡିଶାର କଳା,ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଦଜୀବୀତ କରି ରଖିବା ପାଇଁ ଅନୁଷ୍ଠାନର ଏହି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହ କୁନି କୁନି କଳାକାରଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ପ୍ରଦୀପ କୁମାର ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମପୁର ଚିକିତ୍ସା କ୍ଷେତ୍ରରେ ମାଇଲଖୁଣ୍ଟ

## ସମ୍ ହସ୍ପିଟାଲରେ ହାଇ-ଟେକ୍ ନ୍ୟୁରୋସର୍ଜରୀ ଦ୍ୱାରା ୬୦ ବର୍ଷୀୟା ମହିଳାଙ୍କ ଜୀବନ ରକ୍ଷା



ଭୁବନେଶ୍ୱର,୧୬।୬ (ସଂଚାର ବ୍ୟୁରୋ): ଆଞ୍ଚଳିକ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ବ୍ରହ୍ମପୁର, ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୩ ର ସର୍ଜିକାଲ୍ ଟିମ୍ ଦ୍ୱାରା ଜଣେ ୬୦ ବର୍ଷୀୟା ମହିଳାଙ୍କ ମସ୍ତିଷ୍କରୁ ବିପଜ୍ଜନକ ଟ୍ୟୁମରକୁ ସଫଳତାର ସହ ବାହାର କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ପ୍ରଥମ ଥର ପାଇଁ ସମ୍ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର କରାଯାଇଛି।

ସରସ୍ୱତୀ ବେହେରା ନାମକ ମହିଳା ଅସହ୍ୟ ମୁଣ୍ଡବିନ୍ଧା, ବାମ ହାତ ଓ ଗୋଡ଼ରେ ଦୁର୍ବଳ ଅନୁଭବ କାରଣରୁ ହସ୍ପିଟାଲରେ ଭର୍ତି ହୋଇଥିଲେ। ତାଙ୍କର ସ୍ନାୟବିକ ଲକ୍ଷଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତୁରନ୍ତ ଏମ୍‌ଆର୍‌ଆଇ କରାଯାଇଥିଲା। ଇମେଜିଙ୍ଗରୁ ଜଣାପଡ଼ିଥିଲା ଯେ ତାଙ୍କ ମସ୍ତିଷ୍କରେ ଏକ ବୃହତ ଟ୍ୟୁମର ରହିଛି। ମସ୍ତିଷ୍କର ଏହି ସ୍ଥାନରେ ଟ୍ୟୁମର ହେବା ଅତ୍ୟନ୍ତ ଜଟିଳ, କାରଣ ଏହା ମସ୍ତିଷ୍କର ମୂଳ ଅଂଶରେ ଥାଏ ଏବଂ ଚେହେରାର ଚଳପ୍ରଚଳ ଓ ଶ୍ରବଣ ଶକ୍ତି ନିୟନ୍ତ୍ରଣ କରୁଥିବା ସୂକ୍ଷ୍ମ ସ୍ନାୟୁଗୁଡ଼ିକ ଏହାର ନିକଟବର୍ତ୍ତୀ ହୋଇଥାନ୍ତି।

ଏହି ଜଟିଳ ଅସ୍ତ୍ରୋପଚାର ପାଇଁ ନ୍ୟୁରୋସର୍ଜରୀ ବିଭାଗର ଉଚ୍ଚକୋଟୀର ଜ୍ଞାନକୌଶଳ ଏବଂ ବିଶେଷଜ୍ଞଙ୍କ ସହାୟତା ନେଇଥିଲା। ହାଇ-ପ୍ରିସିସନ ନ୍ୟୁରୋସର୍ଜିକାଲ୍ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଡାକ୍ତରମାନେ ମସ୍ତିଷ୍କର ଅତି ସୂକ୍ଷ୍ମ ଅଂଶ ଏବଂ ରକ୍ତବାହିକାଗୁଡ଼ିକୁ ସ୍ପଷ୍ଟ ଭାବରେ ଦେଖିପାରିଥିଲେ।

ସିୟୁଏସ୍‌ଆଇ (କାର୍ଭିଟ୍ରନ୍ ଅଲଟ୍ରାସୋନିକ ସର୍ଜିକାଲ୍ ଆସ୍ପିରେଟର୍) ଭଳି ଅତ୍ୟାଧୁନିକ ମେସିନ୍ ଅଲଟ୍ରାସୋନିକ ଫ୍ରିକ୍ୱେନ୍ସି ବ୍ୟବହାର କରି ସୁସ୍ଥ ମସ୍ତିଷ୍କ ଏବଂ ସ୍ନାୟୁକୁ ସୁରକ୍ଷିତ ରଖି ଟ୍ୟୁମରଟିକୁ ଖଣ୍ଡ ଖଣ୍ଡ କରି ବାହାର କରିଥାଏ।

ଏହି ସଫଳ ଅସ୍ତ୍ରୋପଚାର ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଭାତ କୁମାର ଜଗଦେବଙ୍କ ନେତୃତ୍ୱରେ କରାଯାଇଥିବାବେଳେ ଏଥିରେ ନ୍ୟୁରୋ-ଆନାସ୍ଥେସିଆ ବିଶେଷଜ୍ଞ ଡାକ୍ତର ପ୍ରତ୍ୟୁଷ କୁମାର ମିଶ୍ର, ଆଇସିୟୁ, ଓଟି ଏବଂ ନର୍ସିଂ ଟିମ୍ ସହଯୋଗ କରିଥିଲେ। ଏହି ସଫଳ ଅସ୍ତ୍ରୋପଚାର ବ୍ରହ୍ମପୁରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ସଫଳତା। ଏହା ପ୍ରମାଣିତ କରିଛି ଯେ ବର୍ତ୍ତମାନ ଜଟିଳ ନ୍ୟୁରୋସର୍ଜରୀ ପାଇଁ ବାହାର ରାଜ୍ୟ କିମ୍ବା ବଡ଼ ସହରକୁ ଯିବା ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳରେ ଏହି ସେବା ଉପଲବ୍ଧ ହୋଇପାରିବ ବୋଲି ଆଇଏମଏସ୍ ଏବଂ ସମ୍ ହସ୍ପିଟାଲ-୨ର ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ କହିଛନ୍ତି।

## ହିଞ୍ଜିଳିକାଟୁରେ ରଜ ମହୋତ୍ସବ ପାଳିତ




ହିଞ୍ଜିଳିକାଟୁ,୧୬।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଗଣପର୍ବ ରଜର ଉତ୍ସାହ ଏବେ ଗାଁଠୁ ସହର ସବୁଠି ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ସହରର ମିନିଷ୍ଟାଡିୟମ ପରିସରରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ବିଜେଡିର ଆସିକା ସାଂସଦ ପ୍ରାର୍ଥୀନୀ ରଂଜିତା ସାହୁ, ହିଞ୍ଜିଳିକାଟୁ ପୌରପରିଷଦର ଉପାଧ୍ୟାକ୍ଷା ସୁଚିତ୍ରା ପଣ୍ଡା, ସସ୍ମିତା ପଟ୍ଟନାୟକ, ରୀତାଞ୍ଜଳି ମିଶ୍ର, ବ୍ରହ୍ମା କୁମାରୀ ଅଙ୍କିତା ସଭାରେ ଯୋଗ ଦେଇ ରଜ ପର୍ବର ସାଂସ୍କୃତିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଯୋଗୁ ଯୁବପୀଢ଼ି ନିଜ ପରମ୍ପରା ଏବଂ ସଂସ୍କୃତି ସହିତ ଜଡ଼ିତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପୁଚି ଖେଳ, ମେହେନ୍ଦି, ପାରମ୍ପରିକ ଝୋଟି, ମ୍ୟୁଜିକ ଚେୟାର, ରଙ୍ଗୋଲି, ପାନ, ପିଠା ଷ୍ଟଲ୍ ସାଙ୍ଗକୁ ଦୋଳିରେ ଝୁଲିବା ସହ ରଜଗୀତର ତାଳେ ତାଳେ ଯୁବପୀଢ଼ି ଉତ୍ସବର ଭରପୂର ମଜା ଉଠାଇଥିଲେ। ତାହା ସହ ବିଭିନ୍ନ ଅନୁଷ୍ଠାନର ଆରମ୍ଭ ହୋଇଯାଇଥିଲା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଯାହାକୁ ଦର୍ଶକ ଦେଖି ମସଗୁଲ ହୋଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



# ସ୍ୱର୍ଗ ଖୁସି

ବାପା ମାଆର ଗୋଟେ ବୋଲି ପୁଅ ଯେତେବେଳେ ଯାହା ଇଚ୍ଛା କରିଛି ତାକୁ ସବୁ ମିଳିଛି। ପାଠ ପଢ଼ି ତାର ଚାକିରୀ ହେଲାନାହିଁ ବୋଲି ବାପା ଏବେ ବି କାମ କରି ରୋଜଗାର ଟଙ୍କାରେ ପରିବାର ଚଳାଇବା କେବେ ଛାଡି ନାହାଁନ୍ତି। ଘରେ କେତେ ମନ କରିଥିଲେ ପୁଅକୁ ଭଲ ଝିଅଟିଏ ଦେଖି ବାହା କରିବାକୁ। ସେ କିନ୍ତୁ ନିଜ ପସନ୍ଦ ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ଜଣାଇ ଦେଇଥିଲା। ପୁଅ ତ ଆଉ କାହାକୁ କହିବେ କ'ଣ ଆଜିର ସମାଜ ଯେପରି ହେଲାଣି କାଳେ କିଛି ଘଟିବା ଆଗରୁ ତାର ବିବାହ କାମ ସରି ଯାଇଥିଲା। ବୋହୂ ଦେଖିବାକୁ ସୁନ୍ଦର ଥିଲା କିନ୍ତୁ ତାର ବ୍ୟବହାରରେ ଅନ୍ୟ ମାନଙ୍କ ପ୍ରତି ଆନ୍ତରିକତା ଦେଖିବାକୁ ମିଳି ନ ଥିଲା। ଘରକୁ କେହି ବନ୍ଧୁ ବାନ୍ଧବ ଆସିଲେ ସେ ଖୁସି ହୋଇ କଥା ହେବା ବଦଳରେ ଦେଖା କରିବାକୁ ଆସନ୍ତି ନାହିଁ।

ବାପା ମାଆ ପୁଅ ତ ବାହା ହୋଇଛି କାହାକୁ କହି କି ଲାଭ। ପୁଅ ବି ବିବାହ ପରେ ବଦଳି ଯାଇଥିଲା ତାର ବାପା ମାଆଙ୍କ ପ୍ରତି ଥିବା କର୍ତ୍ତବ୍ୟ ପାଳନ କରିବାରୁ ଓହରି ବାହାନା କରିବା ଆରମ୍ଭ କରି ଦେଇଥିଲା। ବାପା ତ ସକାଳେ କାମକୁ ଗଲେ ସନ୍ଧ୍ୟାରେ ଯାଇ ଘରକୁ ଫେରନ୍ତି। ବୋହୂର ବାପଘର ନିକଟରେ ହୋଇ ଥିବାରୁ ସ୍ୱାମୀ ତାର ସ୍ତ୍ରୀ କଥାରେ ବାଟ ଚାଲି ତୁରନ୍ତ ଛାଡି ଦେଇ ଚାଲି ଆସିଥିଲା।

ଘରେ ବଢ଼ିଲା ଭଉଣୀଟିଏ ଥିଲା କିନ୍ତୁ ଭାଇ କୌଣସି ଚାପ ନେବାକୁ ପ୍ରସ୍ତୁତ ନ ଥିଲା। ପୁଅ କିଛି କରି ନ ପାରି ଏକା ଥରେ ରାତିରେ କୋଟିପତି ହେବାର ନିଶା ତାକୁ ଘାରି ଦେଇଥିଲା। ସେ ଗାଁର ସାଙ୍ଗ ମାନଙ୍କ ସହିତ ଟେଣ୍ଡର ପଡି ନୂଆ କାମ ହେଉଥିବା ଜାଗାରେ ଆଞ୍ଚଳିକ ଲୋକ କହି ଦୁଇ ପଇସା ହାତ ଖର୍ଚ୍ଚ ସେମାନଙ୍କର ହୋଇ ଯାଉଥିଲା।

ଘରେ ତାର ମାଆର ଦେହ ଚାରି ଦିନ ହେବ ଭାରି ଖରାପ ଯେତେ ଔଷଧ ଖାଇଲେ ବି ମୋଟେ ଭଲ ହେଉ ନ ଥିଲା। ରାସ୍ତା କଡରେ ବସି ଗୁଲି ଗପ ମାରୁଥିବା ସମୟରେ ପାଖରେ ଗୋଟେ ଗାଡି ଲାଗିଲା। ଗାଡି ଭିତରୁ ଜଣେ ଲୋକ ବସିବା ପାଇଁ କହି ନୂଆ ଜାଗା ଦେଖାଇବା ଲାଗି ସେମାନଙ୍କୁ ନେଇ ଯାଇଥିଲା। ସେଠାରେ ସେମାନଙ୍କ କାମ ଥିଲା ଖାଲି ଦିନେ ଦୁଇ ଦିନରେ ଥରେ ବୁଲି ଯିବା କାରଣ ପାଖ ଲୋକ ବୋଲି ଅନ୍ୟମାନେ ଜାଣିଲେ ଆଉ ଅସୁବିଧା ଆସିବ ନାହିଁ।

ଲୋକଟି ସେମାନଙ୍କ ସହ କଥା ହୋଇ ବୁଝାଇବା ପରେ ପୁଣି ଆଣିଥିବା ଜାଗାରେ ପହଞ୍ଚାଇ ଦେଲା। ଅଚାନକ ତା ମୋବାଇଲକୁ କଲ୍ ଆସିଲା ତାର ମାଆ ଦେହ ଭଲ ଥିଲା ବେଳେ ପୁଣି ବିଗିଡି ଯାଇଛି। ସେ ଏ ସବୁ ଶୁଣି ସେମାନଙ୍କ ଠାରୁ ବିଦାୟ ନେଲାବେଳେ ଜୀବନରେ ଆଜି ନ ହେଲେ କାଲି ଟଙ୍କା ମିଳିଯିବ କିନ୍ତୁ ମାଆ ଅନେକ ଥର ଆଉ ମିଳିବ ନାହିଁ ସେମାନଙ୍କୁ କହି ଦେଇ ବିଜୁଳି ବେଗରେ ଛାଡି ଚାଲି ଯାଇଥିଲା।

ସେ ପଦେ କଥା ଶୁଣି ମନ ତାର ବଦଳି ଯାଇଥିଲା ଘରକୁ ଯାଇ ତାର ଦେହ ଭଲ ହୋଇ ନ ଥିଲେ ଯେତେ ଟଙ୍କା କରଜ କରିବାକୁ ପଡୁ ପଛେ ତାକୁ ନେଇ ବଡ଼ ଡାକ୍ତରଖାନରେ ଦେଖାଇବ ଚିନ୍ତା କରିଥିଲା। ଘରେ ପହଞ୍ଚିଲା ବେଳକୁ ଆଖ ପାଖର ଲୋକ ଗଦା ହୋଇଥିଲେ। ସେମାନଙ୍କୁ ଆଡେଇ ଦେଖିଲା ବେଳକୁ ମାଆର ନିଶ୍ୱାସ ଚାଲିଯିବା ଉପରେ ସେ ଖାଲି ହାତ ଠାରି ପୁଅକୁ ଡାକୁଥିଲା।

ସେ ତା ମାଆର ଏପରି ଅବସ୍ଥା ସହି ନ ପାରି ଯେତେ ଟଙ୍କା ପଡୁ ପଛେ ନିଜକୁ ବିକ୍ରି କରି ଦେବାକୁ ପ୍ରସ୍ତୁତ ହୋଇ ଯାଇ ସହରକୁ ବଡ଼ ଡାକ୍ତର ଖାନରେ ଯାଇ ଚିକିତ୍ସା କରାଇବା ପାଇଁ ପଛଘୁଞ୍ଚା ଦେଇ ନ ଥିଲା। ସେଥିପାଇଁ ଯେ କୌଣସି ପରିସ୍ଥିତି ଆସିଲେ ମଧ୍ୟ ତାକୁ ହସି ସାମ୍ନା କରିବାକୁ ପ୍ରସ୍ତୁତ ହୋଇ ଯାଇଥିଲା। ରୋଗୀଙ୍କ ପାଇଁ ସୁବିଧା ସୁଯୋଗ ମାଗଣାରେ ଉପଲବ୍ଧ ଥିବାରୁ ତାକୁ ବାକି ଯାହା ଅଳ୍ପ ଖର୍ଚ୍ଚ ଉଠାଇବାକୁ ପଡିଥିଲା। ମାଆର ଦେହ ଭଲ ହୋଇ ଯିବାରୁ ସେ ଖାଇ ସାରି ସେଇ ମାଆର ପଣତରେ ମୁହଁ ପୋଛି ଦେଲା ବେଳେ ସ୍ୱର୍ଗ ଖୁସି ପାଇଗଲା ପରି ଅନୁଭବ କରୁଥିଲା।



ସତ୍ୟନାରାୟଣ ପ୍ରଧାନ
ଅଣ୍ଡିଆ, ଜେନାପୁର, ଯାଜପୁର
ମୋବାଇଲ୍‌: ୯୧୭୮୩୧୩୬୪୪



# ବିଞ୍ଚଣା


ଦୁଇଭାଇଙ୍କ ଭିତରେ ଅତି ନିବିଡ଼ ସମ୍ପର୍କ। କେହି କାହାରିକୁ ଦଣ୍ଡେ ନ ଦେଖିଲେ ପାଗଳ ହୋଇ ଯାଆନ୍ତି। ବଡ଼ଭାଇ ନିଜ ପାଠ ପଢ଼ା ଛାଡି ସାନଭାଇକୁ ମଣିଷ କରିବ ବୋଲି ଦିନରାତି ପରିଶ୍ରମ କରୁଥିଲା। ଯେତେ କଷ୍ଟ ହେଲେ ବି ତାକୁ ସହରରେ ପାଠ ପଢ଼ାଇଲା। ଭଗବାନଙ୍କ ଦୟାରୁ ଶେଷରେ ତାକୁ ଚାକିରୀ ଖଣ୍ଡେ ମିଳିଲା। ଗାଁ ଗଣ୍ଡାର ଲୋକ ସେ ବାଟରେ ଗଲାବେଳେ ଏପରି ଭାଇ ଜଗତେ ନାହିଁ ବୋଲି କୁହା କୁହି ହେଉଥିଲେ।

ସାନଭାଇ ନିଜ ଇଚ୍ଛାରେ ବିବାହ କରିଥିଲା ପୁଣି ଆଧୁନିକ ପରମ୍ପରା ଅନୁସାରେ ତାହା ଥିଲା ଚାରି ଛଅ ଜଣଙ୍କ ଆଗରେ ନିର୍ଦ୍ଦିଷ୍ଟ କୋଠରୀ ଭିତରେ ସାକ୍ଷୀ ଯାହା ନିର୍ଜୀବ କାଗଜ ଆଉ କଲମ। ସେଠାରେ ନ ଥିଲା ହାତଗଣ୍ଠି କି ବାହାବେଦୀ ପଡୁ ନ ଥିଲା ହୁଳାହୁଳି। ସାନଭାଇ ଏପରି ଅବସ୍ଥାରେ ସିଧା ଘରେ ପହଞ୍ଚିବା ଦେଖି ପରିବାର ଲୋକ କାବା ପଡିଗଲେ। ଯାହା ତ ହେବାର ହୋଇଗଲା ଗାଁ ଗଣ୍ଡାରେ ଯେହେତୁ ଘର କରି ରହୁଛେ ତେଣୁ ସେ ସବୁକୁ ନଜର କରି ବୈଦିକ ପରମ୍ପରା ଅନୁସାରେ ବନ୍ଧୁ ବାନ୍ଧବ ସାହି ଭାଇଙ୍କ ଉପସ୍ଥିତିରେ ସମ୍ପର୍ଣ୍ଣ ହୋଇ ଭଲ ଭୋଜିଭାତ ଖାଇବାର ସୁଯୋଗକୁ କେହି ହାତ ଛଡା କରୁ ନ ଥିଲେ।

ଦିନ କେଇଟାରେ ଘର ପରିବେଶ ପୁରା ବଦଳି ଯାଇଥିଲା। ଏବେ ଟିକେ କଥାରେ ସାନଭାଇ ବଡ଼ଭାଇକୁ ଆଉ କେଜାଣି କାହିଁକି ଭଲମନ୍ଦ କଥା ପଚାରୁ ନ ଥିଲା। ସେ ଗାଁକୁ ଆସିଲେ ଆଗେ ଯେପରି ଭାଇ ହୋଇ ମିଶି ଖାଉଥିଲେ ତାହା ଦେଖିବାଟା ଏତେ ସହଜ ନ ଥିଲା। ବଡଭାଇ ବାପାଙ୍କ ଯାହା ବିଲବାଡି ଥିଲା ତାହା ଧାନ ଚାଷ କରି ବିକ୍ରି ଟଙ୍କାରେ ଘର ପରିବାର ଭଲମନ୍ଦ ଖର୍ଚ୍ଚ ଚଳୁଥିଲା। ସାନଭାଇ କେବେ ତାହାର ହିସାବ ଖୋଜି ନ ଥିଲା। ଦିନେ ସେ ବଡ଼ଭାଇକୁ କେତେ ଧାନ ବିକା ଟଙ୍କା ବର୍ଷକୁ ହୁଏ ତାହା ପଚାରି ଦେଲା।

ବଡଭାଇ ସାନଭାଇର କଥା ଶୁଣି ଆଶ୍ଚର୍ଯ୍ୟ ହେବା ସହ ଭାରି ବିଚଳିତ ଜଣା ପଡୁଥିଲା। ଆଗକୁ କାଳେ କିଛି ଅଲଗା ଘଟିବ ସେଥିପାଇଁ ସାବଧାନ ପୂର୍ବକ ବାପାଙ୍କ ଗଚ୍ଛିତ ସମ୍ପତ୍ତି ଭାଗ କରି ଦେଲେ ବହୁତ ଭଲ ବୋଲି ନିଜ ଧର୍ମପତ୍ନୀଙ୍କୁ ବୁଝାଇ କହିଲେ। ସମୟ ସୁବିଧା ଦେଖି ଗାଁ ଭଦ୍ରଲୋକଙ୍କ ଉପସ୍ଥିତିରେ ସବୁ ସମ୍ପତ୍ତି ଭାଗ ହୋଇ ଯାଇଥିଲା। ପୁରୁଣା କାଳିଆ ଜିନିଷ ଭାଡ଼ି ତଳେ କାହିଁ କେତେ ଦିନରୁ ପଡି ରହିଥିଲା। ସେ ସବୁରେ ଉଈ ଲାଗି ଯାଇଥିଲା। ସାନଭାଇ ଓ ତାର ସ୍ତ୍ରୀ ସେ ସବୁକୁ ନେଇ ଘର ଅସନା କରିବାକୁ ଚାହିଁ ନ ଥିଲା। ବଡ଼ଭାଇ ସାଇତା ଜିନିଷକୁ ଫୋପାଡ଼ି ଦେବାକୁ ହାତ ତାର ଯାଇ ନ ଥିଲା। ସେ ସମସ୍ତଙ୍କ ଉପସ୍ଥିତିରେ ନିଜ ପାଖରେ ରଖିଥିଲା। ଖରାଦିନ ଭାରି ଗରମ ହେଉଥିଲା ସାନଭାଇର ତ ଟଙ୍କା ଅଭାବ ନ ଥିଲା ସେ ନିଜ ଘରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଲଗାଇ ଥାଏ। ବଡଭାଇର ତ ସେପରି ସୁବିଧା ନ ଥିଲା ପୁରୁଣା ପଙ୍ଖାଟା ଯାହା ବାପାଙ୍କ ଅମଳିରୁ ଟଙ୍ଗା ହୋଇଥିଲା। ରାତି ଅଧରେ କୌଣସି କାରଣ ପାଇଁ ଲାଇନ୍ କଟି ଯାଇଥିଲା ସାନଭାଇ ପିଲାଟି ଦିନରୁ ଗରମ କେବେ ସହି ପାରେ ନାହିଁ ବୋଲି ବଡଭାଇ ଜାଣିଥିଲା। ସେ ଆଉ କ'ଣ ବା କରି ପାରିବ ପାଖରେ ଥିବା ବିଞ୍ଚଣାକୁ ହାତରେ ଧରି ସାନଭାଇର ଘର କବାଟକୁ ବାଡେଇଲା। ତାକୁ ତ ନିଦ ହେଉ ନ ଥିଲା କିଏ ହୋଇଥିବ ଭାବି କବାଟ ଖୋଲିଲା ବେଳେ ବଡ଼ଭାଇ ଧରିଥିବା ବିଞ୍ଚଣାକୁ ତା ଧରାଇ ଚାଲି ଆସିଲା।

ସେ ଏତେ ସବୁ ହେଲା ପରେ ବି ବଡ଼ଭାଇ ତାକୁ ନିଜ ବୋଲି ଆଜି ଯାଏ ଭାବି ଆସିଛନ୍ତି ହୃଦୟଙ୍ଗମ କରିଥିଲା। ଜୀବନରେ ଆମ ସହିତ ଜଡିତ ଥିବା ଜିନିଷ ହେଉ ବା ଲୋକଙ୍କୁ ପର କରିଦେବା ଉଚିତ ନୁହେଁ ବୋଲି ବୁଝି ପାରିଲା। ଘର ଭାଡ଼ି ତଳେ ଖୁଦ କଣିବା ବି ଦିନେ ନା ଦିନେ ମହାପ୍ରସାଦ ପାଲଟି ଯାଏ ଭାବନା ରାଜ୍ୟକୁ ତାର ଚାଲି ଆସୁଥିଲା। ଆମେ ଯେତେ ଉପରକୁ ଉଠିଲେ ବି ଅନ୍ୟ ପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ କେବେ ଭୁଲିବା ଜଣେ ସାଧାରଣ ମଣିଷର ମାନବିକତାର ପଦବାଚ୍ୟ କୁହାଯାଇ ପାରିବ ନାହିଁ। ସେ ସକାଳ ହେବାରୁ ବଡ଼ଭାଇକୁ ତାର କରି ଆସିଥିବା ଭୁଲ୍ କ୍ଷମା ମାଗି ପାଦ ତଳେ ପଡି ଯାଇଥିଲା। ବଡ଼ଭାଇ ସାନଭାଇକୁ ସେପରି ତଳୁ ଉଠାଇଥିଲା ଯେପରି ପିଲାଦିନେ ଖେଳିଲା ବେଳେ ତଳେ ପଡିଗଲେ ଧୂଳି ଝାଡି ଦେଇ କେତେ ମିଥକଥା କହି କାନ୍ଦ ତାର ବନ୍ଦ କରୁଥିଲା।




## ମୋ ଶ୍ୱଶୁର

ଡ ଚନ୍ଦ୍ରକଳା ନାୟକ

ପ୍ରତିବର୍ଷ ରଜ ଆସିଲେ
ମୋ ଶ୍ୱଶୁର ବହୁତ ବେଶି ଖୁସି ଥାନ୍ତି
ତାଙ୍କ ନୀରବତା ଭିତରେ ବି
ମୁଁ ଠଉରାଏ, ରଜ ଛୁଟିଟା ବୋଧେ
ତାଙ୍କ ଅପେକ୍ଷାର ବନ୍ଧକୁ ମଜବୁତ କରେ ।
ଶ୍ୱଶୁରଙ୍କୁ ପରଖିବା ମୋ ପାଇଁ ଭାରି କଷ୍ଟ
ମଣିଷ ନାଁ ଦେବତା ତା ବି ସନ୍ଦେହ
ଆଜିଯାଏ ବର୍ଣ୍ଣି ପାରୁନି
ମୋ ଏରୁଣ୍ଡି ବନ୍ଧ ଡେଇଁବା ଦିନଠାରୁ
ତାଙ୍କ ପିତୃ ପୁରୁଷଙ୍କ ଦେଇପିଣ୍ଡି ପର୍ଯ୍ୟନ୍ତ ।
ସର୍ବଦା ଚଳଚଂଚଳ ଠିକ ଉପନ୍ୟାସର ନାୟକ ପରି
ଚିତ୍ରକରଟିଏ ତ ମୁଁ ନୁହେଁ
କେମିତି ବା ଆଙ୍କି ପାରିବି ତାଙ୍କ ସପ୍ନ ସବୁକୁ....
ନୂଆ ନୂଆ ବୋଉ ହେଲା ବେଳେ
ତାଙ୍କ ପୁରୁଣା ଭଙ୍ଗା ସ୍କୁଟରରେ ବସାଇ
ମୋତେ ବୋହି ନିଅନ୍ତି
ମୋ ମନର ସ୍ୱପ୍ନ ସବୁକୁ ପୁରା କରିବାକୁ
ଖାଲ, ଢିପ, ବଙ୍କା ଗଡାଣି ରାସ୍ତାରେ
ମୋ ସପନର ବୋଝରେ
ରବିବାରକୁ ଛାଡି ନିଇତି ଭିଜୁଥିଲେ ବର୍ଷା ଓ ଖରାରେ ।
ସତରେ ଶ୍ୱଶୁର ମାନେ କଣ ଏତେ ଶକ୍ତ
ପ୍ରଥମରୁ ଭାବିଛି କେବେ ନିରୋଳାରେ
ପଚାରିବି ମୋ ମନର ଭାଷାରେ
ବାବା...ତମେ ଠିକ ଅଛ ତ ?
ମୁଁ ତ ଅଲିଅଳି ପରି ସବୁ ମାଗିଛି
ତାଙ୍କ ସରକାରୀ ଚାକିରୀର ଦରମାରୁ ବି କିଛି
ରୋଗ ସହ ଲଢୁଥିବା ମୋ ଶାଶୁ
ହେଲେ ତମେ ଦୁଇଜଣଙ୍କ କର୍ତ୍ତବ୍ୟ ପୂରଣ କରିଛ ।
କେମିତିକା ଏ ସମ୍ପର୍କ ସତେ !
ମୁଁ ବେଶି ସୁରକ୍ଷିତ ତୁମରି ହୃଦୟ ଭିତରେ
ଅଦୃଶ୍ୟ ସତ୍ତାଟିଏ ପରି, ଶିଶୁ ପାଲଟିଯାଏ
ସଂସାରଟାର ସବୁ ମୋହ, କୋହ, ଦୁଃଖ, ସୁଖ
କେମିତି ତୁମେ ଏକା ଆପଣେଇ ନିଅ
ତୁମ ବିଶ୍ୱାସକୁ ଭାଙ୍ଗୁଥିବା ବିଶ୍ୱାସ ଘାତକ ମାନଙ୍କୁ
ତୁମେ ହାଲକା ହସରେ ଆଉଁସି ଦିଅ ।
ଘର ସଜାଡିବାର ସବୁ ମନ୍ତ୍ର ଦେଇ
ଅତି ସହଜରେ ବୁଝାଇ ଦେଇଛ
ଅମା ଅନ୍ଧକାରରେ ଦିନେ ଆଲୋକ ଆସିବ
ଏହି ମହାମନ୍ତ୍ରକୁ ନିଇତି ସଜାଇ ରଖୁଛ ।
ଜୋତା ଠାରୁ ଛତା, କେଉଁ କାମ କରି ନଜାଣିଛ
ସବୁବେଳେ ଘର ବାହାର ଉଭୟ ଦେଖିଛ
ଚୁନାମାଛ ଭଜା, ପଣସ କଟା, ଭୋଜିଭାତ
ଗାଁ ଡ୍ରାମା, ଅଷ୍ଟପ୍ରହରୀ, ଚୁଲି ପୋଡପିଠା
ସବୁ ଯେମିତି ତୁମ ଅପେକ୍ଷାରେ ଥାଏ
ମୋ ପିଲାଙ୍କର ତୁମେ ଶ୍ରେଷ୍ଠ ବ୍ୟକ୍ତିତ୍ୱ
ମୋ ଠାରୁ ବି ପ୍ରୀୟ ତୁମେ ଏକଥା ସାବ୍ୟସ୍ତ କରିଛ ।
ବାବା.... ତୁମେ ଜୀବନ ସାରା ମୋର ଛାଇଟିଏ
ଚିତ୍ର ଆଙ୍କି ପାରୁ ନଥିବା ଚିତ୍ରକରର
ପ୍ରେରଣାର ଶେଷ ଉତ୍ସଟିଏ
ଶ୍ୱଶୁର ପରି ଗାଳି ଦେଇ, ଡରେଇ, ଶାସନ ନୁହେଁ
ବରଂ ଜଣେ ଭଲ ମଣିଷ ହେବାର ଗୁରୁମନ୍ତ୍ରଟିଏ
ଦେଇଛ ।
ମୁଁ ଜାଣେ ତୁମେ ମୋର ପରିଚୟ, ମୋ ବିଶ୍ୱାସର
ସେତୁବନ୍ଧ
ମୋ ସାଭିମାନ ଓ ଅଭିମାନ ବି
ଆଉ ମୋ ହୃଦୟର ନୀରବ ସ୍ପନ୍ଦନ
ତୁମେ ମୋର ଶ୍ୱଶୁର କମ ବରଂ
ମୋ ମୁକ୍ତି ପଥର ଶେଷ ତୀର୍ଥଟିଏ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋବାଇଲ୍‌: ୯୪୩୭୯୫୭୬୧୭



## ପାନ୍ଥଶାଳା ମୁହିଁ ଆକୁଳେ ଚାହିଁଛି

ଡଃ ନାରାୟଣ ଚନ୍ଦ୍ର ସେନାପତି

କେତେ ରୂପ କେତେ ରଙ୍ଗଙ୍କୁ ହୃଦରେ ମାଖିବି ବୋଲି
ଅନେଇ ରହିଛି ମୁଁ ଆକୁଳ ନୟନେ
ଆସିଲେ କରିବି ପ୍ରେମ ବନ୍ଦନା
ପାଛୋଟି ନେବି ସରାଗରେ
ଭୁଲେଇ ଦେବି ଆତିଥ୍ୟତରେ
ଶୁଆଇ ଦେବି ଠିକ୍ ଯେମିତି ମାଆ କୋଳରେ
ଦେବି ପ୍ରୀତି ପୂର୍ଣ୍ଣ ଆମାୟିକ ଅଭ୍ୟର୍ଥନା।
ଆକୁଳେ ଚାହିଁଛି କିଛି ଅକୁହା କଥା କହିବି ବୋଲି
ସଂପୂର୍ଣ୍ଣ ନୀରବତାରେ
ପୋଛି ନେବି ଦେହ ମନ ହୃଦୟର ଯନ୍ତ୍ରଣା
ମୋ ଶୀତଳ ଛୁଆଁ ରେ
ରଚିବି ସ୍ୱପ୍ନିଳ କାହାଣୀ
ତୃଷାର୍ତ୍ତ ଓଠରେ ଦେବି ନିର୍ମଳ ପାଣି
ପ୍ରତି ମୁହୂର୍ତ୍ତକୁ ସ୍ମୃତି କରି ରଖିବି ଆତ୍ମାର ଆଲବମରେ
ଯେବେ ମନ ହେବ ଦେଖିବି ନଥି ଖୋଲି ଆମ
ସମ୍ପର୍କର ତାଜମହଲ ଚିତ୍ର
ପ୍ରଣୟ ର ନିସ୍ତେଜ ଆଖିରେ।

ମୁଁ କରିବି ସ୍ୱାଗତ ମୁଁ ଦେବି ବିଦାୟ
ମୁଁ ଲେଖିବି ମଝି ଅବଧିର ଅନୁଭୂତି
ଆମ ଲାଜୁଆ ଡାଏରୀ ରେ
କେବେ ନିଶାର୍ଦ୍ଧରେ ସାଉଁଟିବି ଶ୍ରାବଣୀର ଟପ୍
ଟପ୍ ଟଙ୍କାର
କେବେ ଖୁସି ଫରୁଆରେ ରଖିବି ଆମ ଲାଜୁଆ
କଥାର ଝଙ୍କାର
ଆଉ କେବେ ଆଖିରୁ ଲୁହ ଝରାଇ ଚାହିଁଥିବି
ପ୍ରିୟର ଆସିବା ବାଟକୁ
ବିଶ୍ୱାସର ଭଉଁରୀରେ
ଆଉ ଭରସାର ଚଉଁରୀରେ।

ଜମ୍ବୁରା,କେନ୍ଦୁଝର



## ମାଟି ବାସ୍ନାରେ ରଜ

ସ୍ୱାଗତିକା ସାହୁ

ଆଦ୍ୟ ଆଷାଢ଼ ଛାତିରେ
ଖୁସିର ପସରା ମାଖି....
ରଜ ଆସିଛି ବର୍ତ୍ତାବହ ହୋଇ
ମେଘ ଓଢ଼ଣୀ ତଳେ..!
ମାଟି ଓ ମୌସୁମୀର ମିଳନ ପର୍ବ ସାଜି
ଶୀତଳତା ଭରିଦିଏ ତନୁମନେ ।

ଧରିତ୍ରୀ ମାଁ....
ଯୌବନର ଦୀପ୍ତିରେ ଉଲ୍ଲାସମୁଖର
ଋତୁମତି ପ୍ରଥମ ବର୍ଷାର ବାରିପାତରେ
ଆନନ୍ଦ ଅବସରର ପର୍ବ ଏ ରଜ

ପହିଲି ରଜର ପ୍ରଥମ ସ୍ପର୍ଶ....
କୁଆଁରୀ ମୁଖେ ଝଲସେ କେତେ ସ୍ୱପ୍ନ
ହଳଦୀ ମାଖା ମୁହଁରେ ଚନ୍ଦନ ଟିପା
ଦୋଳିରେ ଛୁଟେ ରାଜା ଲହରୀ ସଂଗୀତ...!

ମାଟିର ଭୁରୁଗନ୍ଧ, ପୋଡପିଠା ବାସ୍ନା
ପ୍ରୀତି ବନ୍ଧନର ରଜ ପାନ...
ବନ୍ଧୁ ବାନ୍ଧବଙ୍କ କୋଉତୁକ
ଭୁଲାଏ କର୍ମମୟ ଜୀବନର ଅବସାଦ
ତିନି ଦିନ ରଜସ୍ୱଳା ଧରଣୀ ମାତାଙ୍କୁ
ନଦେଇ କଷ୍ଟ କୁଆଁରୀ ନିଅନ୍ତି ବିଶ୍ରାମ
ଧରତ୍ରୀ ମାଁ ଙ୍କ ଆଶ୍ୱସ୍ତି ପାଇଁ....!


ଭୂମି କଷଣ, ଚାଷ ସବୁ ମନା
ଖାଲିପାଦରେ ଚାଲିବା ମନା...
ପହଲି ରଜ, ସଂକ୍ରାନ୍ତି, ଓ ବସୁମତୀ ସ୍ନାନ
ତିନିଦିନ ରଜ ଆଭୂଷଣକୁ କରେ ମୁଗ୍ଧ
ଧାରାକୁ କରେ ବର୍ଣ୍ଣବିଭା....!
ଅପେକ୍ଷାର ଉହାଡ଼ରେ ଯେମିତି
ସମସ୍ତ ସଜ ବାଜା ଚିରହରା ।
ଝାପ୍ ସା ଝାପସା ଆକାଂକ୍ଷାର
ସ୍ୱପ୍ନମାଖା କ୍ଷଣ ସବୁ ହୁଏ ଓଦା...
ମୌସୁମୀର ଅସରନ୍ତି ଅସରାଏ ବର୍ଷା ରେ....

ରାଜା ପାନରେ ଓଠର ନାଲୀମା
ପୋଡ଼ପିଠାର ମାଦକତା....
କରେ ସଂକରାନ୍ତିକୁ ସମ୍ମୋହନ
ଆବେଗ ଓ ପ୍ରିତୀର ସହବାସ
ତୋଳିହୁଏ ପ୍ରାୟ ହାତ ଅଞ୍ଜୁଳାରେ ।

ପର୍ବଣର ମହୋଦଧିରେ
ମନ ଆଳିନ୍ଦଟା ହୁଏ ଉତଫୁଲ୍ଲୀତ
ନୂତନ ପରିଧାନରରେ ସଜବାଜ
ବୋଧେ ହୁଏ ରଜର ...
କ୍ଳାନ୍ତ ବେଳାଭୂମି ପାଇଁ
ପୀରତି ପଖାଳେ ବିଦଗ୍ଧ ଧାରାରେ
ଆକାଂକ୍ଷାର ସପ୍ନ ବିଳାଶିନୀ..
ସେଇ ପ୍ରିତି ପୁରବୀ ରାଗେ.....
ଅଙ୍ଗ ପଖାଳେ ଉଷ୍ମ ରଜ ଦୋଳି ଉପରେ ।

ଉମରକୋଟ, ନବରଙ୍ଗପୁର





## ଆସିଛି ରଜ

କବି ଭାରତୀ ବାସନ୍ତୀ ଲତା ଜେନା

ଆଗ କାଳ ରଜ କେତେ ମଜ୍ଜା ଥିଲା
ଏବେ ସେଦିନ ତ ନାହିଁ
ପ୍ରତି ଘରେ ଘରେ ଦୋଳି ଲାଗୁ ଥିଲା
ଗଛ ରହିଥିଲା ଚାହିଁ ।୧।
ପୂରୁବ ଦିନରୁ ସାଜସଜ୍ଜା ହୁଏ
ସଫା ହୁଏ ଘର ଦ୍ୱାର
ପିଠା ପଣା ପାଇଁ ପ୍ରସ୍ତୁତି ହୁଅଇ
ମିଠା ପିଠାର ଆସର ।୨।
ବଡି ସକାଳରୁ ସ୍ନାନ ଶୌଚ ସାରି
କୁଆଁରୀ ସଜ ହୁଅନ୍ତି
ପାଦରେ ଅଳତା କପାଳେ ଚନ୍ଦନ
ନୂଆ ଲୁଗା ପିନ୍ଧି ଥାନ୍ତି ।୩।
ପିଠା ପଣା ଖାଇ ପାନ ଖିଲ ଧରି
ଦୋଳି ଖେଳିବାକୁ ଯାନ୍ତି
ଦୋଳିରେ ଝିଲନ୍ତି ଗୀତ ବୋଲି ଥାନ୍ତି
ସାଙ୍ଗକୁ ପାନ ଦିଅନ୍ତି ।୪।
ଭିନ୍ନ ଭିନ୍ନ ଖେଳ ଆସର ହୁଅଇ
ଲୁଡୁ ପୁଚି ଓ କବାଡି
ବାପା ଦାଦା ମାମୁଁ ତାଆସ ଖେଳନ୍ତି
କେହି ନ ଯାଆନ୍ତି ଛାଡି ।୫।
କୃଷି ଭିତ୍ତିକ ଏ ଗଣ ପର୍ବ ଆମ
ଚାଲୁ ଅଛି ପରମ୍ପରା
ମାତା ବସୁମତୀ ରଜବତୀ ହୁନ୍ତି
ଉତଫୁଲୀତ ହୁଏ ଧରା ।୬।
ବସୁମତୀ ଆମ ଜନନୀ ସଦୃଶ୍ୟ
ତାକୁ କଷ୍ଟ ନ ଦିଅନ୍ତି
ତିନି ଦିନ ପାଇଁ କାମ ନ କରନ୍ତି
କୃଷକ ମଜ୍ଜା କରନ୍ତି ।୭।
ପ୍ରଥମ ଦିନକୁ ପହିଲି ରଜ ଲୋ
ଦ୍ୱିତୀୟ ରଜ ସଂକ୍ରାତି
ତୃତୀୟ ଦିନରେ ଭୂମି ଦାହ ହୁଏ
ଚତୁର୍ଥେ ମାତା ଗାଧାନ୍ତି ।୮।
ଚତୁର୍ଥ ଦିବସେ ବସୁମତୀ ସ୍ନାନ
କୃଷକ କ୍ଷେତକୁ ଯାନ୍ତି
ତିନି ଦିନ ସ୍ମୃତି ମନେ ରଖି ଥାନ୍ତି
ରଜ ମଉଜ କରନ୍ତି ।୯।
ରଜ ଆଣିଦିଏ ଭାଇ ଚାରା ସୃଷ୍ଟି
ସଦ୍ଭାବନା ଓ ବନ୍ଧୁତ୍ୱ
ରାଗ ହିଂସା କ୍ରୋଧ ଦୂରେ ଚାଲି ଯାଏ
ସ୍ନେହ ଶ୍ରଦ୍ଧାର ମହତ୍ୱ ।୧୦।
ଏବେର ରଜତ ଫିକା ଫିକା ଲାଗେ
ତଥାପି ରଜ ପାଳିବା
ଓଡ଼ିଆ ସଂକୃତି ପରମ୍ପରା ନୀତି
ସବୁକୁ ମାନି ଚଳିବା ।୧୧।
ଆଜିର ଜୀବନ କାଲିକୁ ଯେ ନାହିଁ
ଖୁସି ନିତି ବାଣ୍ଟୁ ଥିବା
ପରବ ପର୍ବାଣୀ ପାଳନ କରିବା
ପରମ୍ପରା ବଞ୍ଚାଇବା ।୧୨।

ଗାନ୍ଧୀନଗର, ନବରଙ୍ଗପୁର



## ଆଖି ଦେଖୁନାହିଁ ଭିତର କଥା

ଡ଼ଃ ଅନୁପମା ବିଶ୍ୱାଳ

ଆଖି ଦେଖୁ ନାହିଁ ଭିତର କଥା
ଦେଖେ କେବଳ ବାହାର ରୂପ
ହସରେ ଲୁଚିଥିବା ବେଦନାଟି
ଦେଉଥାଏ ତାକୁ ଶୋକ ଓ ତାପ।
ହସ ହସ ମୁଖ ସେ ଛାତି ତଳେ
ରହିଥାଏ ଯେ କେତେ ଯନ୍ତ୍ରଣା
ସୁଖ ଅଭିନୟ କରିବା ଲୋକଟି
ଖୋଜୁଥାଏ ବୁଲି ସୁଖ ଠିକଣା।
ଚାଲୁଥାଏ ସିନା ମୁଣ୍ଡ ଉଠାଇ
ଭିତରେ ତ ଥାଏ ଝଡ଼ ଅଶାନ୍ତ
ସୂରୁଜ ଉଇଁଲେ ହସେ ଖାଲି ସେ
ଅସ୍ତ ସମୟରେ ହୁଅଇ କ୍ଳାନ୍ତ।
ଆଖି ଦେଖେ ଖାଲି ରଙ୍ଗ ସପନ
ଦେଖି ନ ପାରେ ଭଙ୍ଗ ଆଶା ରଙ୍ଗ
ଲୁହ ଝରୁଥାଏ ମାଟିର ଛାତିରେ
ପାଏ ନାହିଁ ସେ କାହାରି ସାଙ୍ଗ।
ଅକୁହା କଥା ଜମି ରହିଥାଏ
ନୀରବତାର ସେ ହୃଦ ଗଭୀରେ
ଶବ୍ଦ ହାରିଯାଏ ତାହାରି ପାଖେ
ବେଦନା ରହେ ତା ହୃଦ ଭିତରେ।
ଅଭିନୟରେ ଚାଲେ ମଣିଷ
କହି ପାରେ ନାହିଁ ଜୀଓ୍ୱନ କଥା
କହିବାକୁ ଅବା ପାଏନି କାହାକୁ
ଭିତରେ ଭିତରେ ଲଭେ ସେ ବ୍ୟଥା।
ଯଦି ବୁଝିବାକୁ ଚାହଁ ମଣିଷକୁ
ଦେଖ ଥରେ ତାର ସେଇ ହୃଦକୁ
ଭିତର କଥା ସତ୍ୟ ଜାଣିବାକୁ
ପଢ଼ ଥରୁଟିଏ ବେନି ଆଖି ଭାଷାକୁ।
ଦେଖେ ନାହିଁ ଆଖି ଭିତର କଥା
ଦେଖେନି ମନର ଗଭୀର ଦାଗ
ହୃଦୟ ପଢେ ସେ ଜୀଓ୍ୱନ ପୃଷ୍ଠା
ଯେଉଁଠି ଲିଖା ପ୍ରେମ ଅନୁରାଗ।

ସମ୍ବଲପୁର
ମୋବାଇଲ୍‌: ୭୯୭୮୫୬୮୩୨୨



## ଯୁଗସ୍ରଷ୍ଟା ଫକୀର ମୋହନ

ପୁଷ୍ପଲତା ମିଶ୍ର

ଶୁଭା ଶୁଭେ ଜନ୍ମି ମଲ୍ଲିକାଶ ପୁରେ
ଧନ୍ୟ କଲ ଏହି ମାଟି,
ଧନ୍ୟ ଧନ୍ୟ ତୁମେ ଫକୀର ମୋହନ
ସାରସ୍ୱତ କଲ ସୃଷ୍ଟି ।।
ସଂକ୍ରାନ୍ତି ପୁରୁଷ ଆହେ ପ୍ରଜ୍ଞା ବୀର
ଦିଶେ ଜ୍ୱାଜ୍ୱଲ୍ୟ ଭାସ୍କର,
କାଳଜୟୀ କୃତି ଲେଖନୀ ମୁନରୁ
ରଚି ଭାଷା ହୃଦୟର ।।
କୁ ସଂସ୍କାର ଅନ୍ଧ ବିଶ୍ୱାସ ବିରୁଦ୍ଧେ
ଲେଖନୀ ଚଳାଇ ଥିଲ ,
ଭାଷା ସାହିତ୍ୟ ର ଭୀଷ୍ମ ପିତାମହ
ବାସନା ବିତରି ଥିଲ ।।
କୋଟି ଜନତା ର ହୃଦୟ ମୋହନ
" ଛ" ମାଣ ଆଠଗୁଣ୍ଠ ର,
ଅନେକ ଭଗିଆ କରନ୍ତି ଲଢେ଼ଇ
ମନ ଭାଙ୍ଗେ ସାରିଆ ର ।।
ଗ୍ରାମେ ଗ୍ରାମେ ଆଜି ମଙ୍ଗରାଜ ମାନେ
ଲଢୁଛନ୍ତି ରାତି ଦିନ ,
ଗୃହ ଶତ୍ରୁ " ମାମୁଁ " ଚକ୍ରାନ୍ତ ର ବଳେ
କେତେ ପରିବାର ଲୀନ ।।
ନିରବି ଯାଇଛି " ଲଛମା " ର ଭାବ
କରୁଛନ୍ତି " ପ୍ରାୟଶ୍ଚିତ ",
ବୃଦ୍ଧ ହରି ସିଂହ ବାହୁନି କାନ୍ଦୁଛି
ଗୋପାଳ ମତି ଭ୍ରମତ।।
ଅନେକ " ରେବତୀ " ଝଡି ପଡୁଛନ୍ତି
ବୃନ୍ତ ଚ୍ୟୁତ ନିରୁପାୟ ,
ଅଳସେ କଳିକା ମନ ଯାଏ ଭାଙ୍ଗି
ଖୋଜି ପାଏନା ଉପାୟ ।।
ଆଖୁ ବାଡ଼ି ସତେ ଯାଇଛି ଉଜୁଡ଼ି
ପାନ ଅଛି ଗୁଆ ନାହିଁ ,
ଜାତି ନନ୍ଦିଘୋଷ ଆଗେଇ ଯାଇଛି
ତୁମ କୃତି ଗାଇ ଗାଇ।।
ଖୋଜନ୍ତି ତୁମକୁ ଆବେଗ ଅଧିରେ
କହେ ତୁମକୁ ଫକୀର,
କାଳର ସ୍ରୋତ ରେ ହୋଇଛି ବିଲୟ
ସର୍ବ ସମ୍ପଦ ର ବୀର।।
ହେ ମହାନୁଭବ ଜୀବନ - ଜିଜ୍ଞାସୁ
ଯୋଗ ଜନ୍ମା ଯୁଗ ସ୍ରଷ୍ଟା,
ଗଦ୍ୟ ସାହିତ୍ୟ ର ଯୋଗ୍ୟ ବର ପୁତ୍ର
ବିଚକ୍ଷଣ ଦୂର ଦ୍ରଷ୍ଟା ।।
ତୁମ କୃତି ଆଜି ଅଭିନନ୍ଦନୀୟ
ସ୍ରଷ୍ଟା ତୁମେ କାଳ ଜୟୀ ,
ଏ ପୁଣ୍ୟ ମାଟି ରୁ ଯାଇଛି ଉଭେଇ
ମଥା ଯାଏ ମୋର ନଇଁ।।
ଏ ପୁଣ୍ୟ ତିଥିରେ ଜଣାଏ ଭକ୍ତି ରେ
ମୋ ମନ ର କୃତାଞ୍ଜଳି,
ଏ ଭାଷା ର ବ୍ୟାସ ସଂକ୍ରାନ୍ତି ପୁରୁଷ
ଘେନ ଭକ୍ତି ଶ୍ରଦ୍ଧାଞ୍ଜଳି ।।
ଆଉ ଥରେ ଆସ ଏ ଧରା ମାଟି କୁ
ଖୋଜନ୍ତି ସର୍ବ ଜନତା
ଧନ୍ୟ କର ମାଟି ଧନ୍ୟ କର ସୃଷ୍ଟି
ଡାକେ ଏହି ପୁଷ୍ପଲତା ।।

ଭୁବନେଶ୍ୱର, ମୋବାଇଲ୍‌: ୯୩୩୮୨୯୪୬୫୭

ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର

# ରୋଗୀଙ୍କୁ ମିଳିଲାନି ଶଯ୍ୟା

## ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ଚାଲିଗଲା ନିରୀହ ଜୀବନ



**କଳାହାଣ୍ଡି,୧୬।୬(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାର ରୂପାନ୍ତରୀକରଣ ଓ ବଡ଼ ବଡ଼ ଦାବି ଭିତରେ ପୁଣି ସାମ୍ନାକୁ ଆସିଛି ସରକାରୀ ଚିକିତ୍ସାଳୟର ଏକ ଚରମ ଅବହେଳା ତଥା ହୃଦୟବିଦାରକ ଚିତ୍ର। କଳାହାଣ୍ଡି ସହିଦ୍ ରେଣ୍ଡୋ ମାଝୀ ମେଡିକାଲ କଲେଜ ଚିକିତ୍ସାଳୟର ଏକ ଅଭାବନୀୟ ଦୃଶ୍ୟ ସଭ୍ୟ ସମାଜକୁ ଆଲୋଡିତ କରିଛି। ମେଡିକାଲ ବାରଣ୍ଡାରେ ଖଣ୍ଡିଏ ଶଯ୍ୟା ନପାଇ ଶେଷରେ ଏକ ପ୍ଲାଷ୍ଟିକ୍ ଚେୟାର ଉପରେ ବସି ବସି ଜଣେ ଅସହାୟ ରୋଗୀ ଆଖି ବୁଜିଛନ୍ତି। ନାକରେ ଅକ୍ସିଜେନ ପାଇପ୍ ଲାଗିଥିଲା, ପାଖରେ ସିଲିଣ୍ଡର ବି ରହିଥିଲା। ହେଲେ ଜୀବନ ବଞ୍ଚାଇବା ପାଇଁ ଯେଉଁ ସର୍ବନିମ୍ନ ଚିକିତ୍ସା ଭିତ୍ତି ଭୂମିର ଆବଶ୍ୟକତା ଥାଏ, ତାହା ଯୋଗାଇବାରେ ବିଫଳ ହୋଇଛି ସ୍ଥାନୀୟ ମେଡିକାଲ ପ୍ରଶାସନ। ଏହି ସମ୍ପୂର୍ଣ୍ଣ ଘଟଣାର ଦୃଶ୍ୟ ସେହି ସମୟରେ ମେଡି କାଲରେ ଉପସ୍ଥିତ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲାଇଭ୍ କରିବା ପରେ ଏହା ଆଲୋଡନ ସୃଷ୍ଟି କରିଛି। ଭିଡିଓରେ ସ୍ପଷ୍ଟ ଦେଖିବାକୁ ମିଳୁଛି ଯେ, ରୋଗୀ ଜଣକ ଅତ୍ୟନ୍ତ କଷ୍ଟଦାୟକ ସ୍ଥିତିରେ ବାରଣ୍ଡା ଚେୟାରରେ ଢଳି ପଡ଼ିଛନ୍ତି। ଅକ୍ସିଜେନ ସେବା ଉପଲବ୍ଧ ଥିଲେ ମଧ୍ୟ କେବଳ ଖଣ୍ଡିଏ ବେଡ୍ ଅଭାବରୁ ଜଣେ ବ୍ୟକ୍ତି କୁ ଏଭଳି ଭାବେ ପ୍ରାଣ ହରାଇବାକୁ ପଡ଼ିବା ଜିଲ୍ଲାର ପ୍ରଚଳିତ ସ୍ୱାସ୍ଥ୍ୟ ସେବା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଗୁରୁତର ଅସୁସ୍ଥ ଥିବା ଏହି ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ନିଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ସାମୟିକ ଭାବେ ଅକ୍ସିଜେନ ସିଲିଣ୍ଡର ସଂଯୋଗ କରାଯାଇଥିଲା। ମାତ୍ର ତାଙ୍କୁ ତୁରନ୍ତ ୱାର୍ଡ ଭିତରକୁ ନେଇ ବେଡ୍ ଯୋଗାଇ ଦେବା ପାଇଁ କେହି ନଥିଲେ। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି କରି ଏବଂ ଶେଷ ସମୟ ପର୍ଯ୍ୟନ୍ତ ବେଡ୍ ଟିଏ ନମିଳିବା କାରଣରୁ ରୋଗୀ ଜଣକ ଚେୟାର ଉପରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଜିଲ୍ଲାର ସର୍ବୋଚ୍ଚ ଚିକିତ୍ସାଳୟ ଯଦି ଜଣେ ରୋଗୀର ଏଭଳି ଅବସ୍ଥା ହେଉଛି, ତେବେ ଗ୍ରାମାଞ୍ଚଳର ସ୍ଥିତି କେଉଁ ଭଳି ଥିବ, ତାହା ତାହା ସହଜରେ ଅନୁମେୟ। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ଦାୟୀ କିଏ ଏବଂ କେଉଁ ପରିସ୍ଥିତିରେ ରୋଗୀଙ୍କୁ ବେଡ୍ ମିଳିଲାନି, ସେ ନେଇ ଏକ ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ପାନୀୟ ଜଳ ପାଇଁ ରାଜ୍ୟ ରାଜପଥ ଅବରୋଧ

## ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ



**ଭାପୁର,୧୬।୬(ସଂଚାର ବ୍ୟୁରୋ):** ବ୍ଲକ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ପାନୀୟ ନପାଇ ୪୮ନଂ ରାଜ୍ୟ ରାଜପଥ ରାସ୍ତା ଉପରେ ଗରା, ବାଲ୍‌ଟି ରଖି ବିକ୍ଷୋଭ ପ୍ରଦର୍ଶନ। ଫଳରେ କଣ୍ଟିଲୋ ଠାରୁ ଫତେଗଡ଼ ରାସ୍ତାରେ ଯାନବାହାନ ଯାତାୟତ ବାଧାପ୍ରାପ୍ତ ହୋଇଛି। ନୟାଗଡ଼ ଜିଲା ଭାପୁର ବ୍ଲକ ବାଉଁଶବାଟି ଗାଁରେ ଦୀର୍ଘ ମାସେ ହେବ ପିଇବା ପାଣିର ଅଭାବ ଦେଖା ଦେଇଛି। ଏନେଇ ଭାପୁର ବ୍ଲକ ଅନ୍ତର୍ଗତ ବାଉଁଶବାଟୀ ପଞ୍ଚାୟତର ଶତାଧିକ ଗ୍ରାମର କିଛି ଯୁବକ ଓ ମହିଳା ୪୮ ନଂ ରାଜ୍ୟ ରାଜପଥ ଉପରେ ଗରା ମାଠିଆ ଥୋଇ ସକାଳ ସାତଟାରୁ ରାସ୍ତା ଅବରୋଧ କରିଥିଲେ। ଜଳ ଯୋଗାଣ ମାରଡା ଛକରେ ପାଣି ଥିବାବେଳେ ବାଉଁଶବାଟୀ ଗ୍ରାମକୁ ପାଇପ ଯୋଗେ ପାଣି ଆସୁନାହିଁ। ଫଳରେ ଲୋକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ବ୍ଲକ ବିଡ଼ିଓ ଶାରଦା ପ୍ରଶନ୍ନ ପଣ୍ଡାଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ଦେବାପରେ ସେ ଏନେଇ କର୍ଣ୍ଣପାତ କରୁନାହାନ୍ତି। ଗ୍ରାମର ଏନେଇ ଆଜି ସକାଳୁ ରାସ୍ତା ଅବରୋଧ କରିଥିଲେ ବାଉଁଶବାଟୀ ଗ୍ରାମବାସୀ। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ସୌମ୍ୟ ରଞ୍ଜନ ସାହୁ ଓ ଫତେଗଡ଼ ଥାନାଧିକାରୀ ଅଜୟ କୁମାର ସାହୁ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଜନସାଧାରଣ ଜିଦରେ ଅଟଳ ରହି ରାସ୍ତାରୁ ଉଠି ନଥିଲେ। ସେମାନଙ୍କର ଗୋଟିଏ ଦାବି ଥିଲା ଘଟଣାସ୍ଥଳକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଜି ଲିଖିତ ଆକାରରେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୁ ହଟିବେ। ଡବଲ ଇଞ୍ଜିନ ସରକାର ବିରୋଧରେ ନାରାବାଜି ସ୍ଲୋଗାନ ଦେଇ ବସି ରହିଥିଲେ। ଘଟଣାସ୍ଥଳରେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରଶନ୍ନ ପଣ୍ଡା ପହଞ୍ଚି ୧୫ ଦିନ ଭିତରେ ପାନୀୟ ଜଳ ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ସାଢ଼େ ଦଶଟାରେ ପ୍ରତ୍ୟାହୃତ ହୋଇଥିଲା। ଘଟଣାସ୍ଥଳରେ ଖଣ୍ଡପଡା ଏସଡିପିଓ ସୁଦିପ୍ତ କୁମାର ସାହୁ, ଫତେଗଡ଼ ଥାନାଧିକାରୀ ଅଜୟ କୁମାର ସାହୁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସତ୍ୱାଗତ ଦାଶ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଗରାମରେ ରଜ ଉତ୍ସବ ମହାଆଡ଼ମ୍ବରରେ ପାଳିତ



**ତିର୍ତ୍ତୋଲ,୧୬।୬(ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅଧିନସ୍ତ ଗତକାଲି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରାମ ପଞ୍ଚାୟତରେ ଗାଦିବ୍ରହ୍ମ ରଜ ମହୋତ୍ସବ ପ୍ରତୀ ବର୍ଷ ଭଳି ଏହି ବର୍ଷ ମଧ୍ୟ ମହାସମାରୋହରେ ରେ ପାଳିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଅପା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଆଖାପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି କାର୍ଯ୍ୟକ୍ରମ ଟିକୁ ସରସ ସୁନ୍ଦର କରିଥିଲେ। ଏହି ଅବସରରେ ମହିଳା କମିଶନ ସଦସ୍ୟା ତାଙ୍କ ବତବ୍ୟ ରେ ରଖୀଥିଲେ ଯେ ରଜ କେବଳ ପରିବର୍ତ୍ତିତ ଋତୁଚକ୍ରର ଆବାହନ ନୁହେଁ। ଏହା ଆମ ସନାତନ ଚେତନାର ଏକ ମହାନ ସାଂସ୍କୃତିକ ସଂସ୍କାର, ପ୍ରକୃତି ପ୍ରତି କୃତଜ୍ଞତା ଓ ନାରୀତ୍ୱ ପ୍ରତି ଗଭୀର ସମ୍ମାନର ଅନନ୍ୟ ଅଭିବ୍ୟକ୍ତି। ଏହି ପରମ୍ପରା ନାରୀତ୍ୱର ପବିତ୍ରତା, ସୃଜନର ସାମର୍ଥ୍ୟ ଏବଂ ମାତୃତ୍ୱର ଗରିମାକୁ ସର୍ବୋଚ୍ଚ ଆସନ ପ୍ରଦାନ କରି ଓଡ଼ିଆ ଜାତିର ସ୍ୱାଭିମାନକୁ ଏକ ସ୍ୱତନ୍ତ୍ର ଉଚ୍ଚତାରେ ପ୍ରତିଷ୍ଠିତ କରିଛି। ପ୍ରକୃତି, ଧରିତ୍ରୀ ଓ ନାରୀକୁ ପୂଜା କରିବା ତଥା ସମ୍ମାନ ଜଣାଇବା ପରମ୍ପରାର ଏହି ଅନନ୍ୟ ପର୍ବ ସମାଜରେ ଭାଇଚାରାକୁ ସୁଦୃଢ଼ କରିବା ସହ ଓଡ଼ିଆ ଅସ୍ମିତାର ପରିଚାୟକ ସାଜିଛି। ସେହିପରି ନାରୀନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି କହୁଛନ୍ତି ଯେ ଏହି ପର୍ବଟି କେବଳ ଆମର ନୁହେଁ ଏହା ହେଉଛି ରାଜ୍ୟର କୃଷିଭିତ୍ତିକ ଗଣପର୍ବ ସଭିଙ୍କ ଜୀବନରେ ଆନନ୍ଦ ଓ ଉଲ୍ଲାସ ଭରିଦେଉ, ଏତିକି ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା।

# ବିଜେପିରେ ମିଶିଲେ ଶତାଧିକ ଯୁବକ



**ଭବାନୀପାଟଣା,୧୬।୬(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାରଙ୍କ ସୁଶାସନ ର ୨ ବର୍ଷ ପୂର୍ତ୍ତି ଅବସରରେ କୋକସରା ବ୍ଲକ ଆମପାଣି ମଣ୍ଡଳ ଯୁବମୋର୍ଚ୍ଚା ପକ୍ଷରୁ ଯୁବ ସମାବେଶ ଓ ମିଶ୍ରଣ ପର୍ବ କେନ୍ଦୁଗୁଡା ସ୍ଥିତ କାଳେଶ୍ୱର ଶୈବପୀଠ ପରିସର ରେ ଅନୁଷ୍ଠିତ ହୋଇଥିଲା। ଆମପାଣି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା ଙ୍କ ଉଦ୍ୟମ ରେ ଆୟୋଜିତ ଯୁବ ସମାବେଶ କାର୍ଯ୍ୟକ୍ରମ ରେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଭିନାଶ ନନ୍ଦ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ତ୍ରିନାଥ ଶବର, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମଣ୍ଡଳ ପ୍ରଭାରୀ ଗଣେଶ ନନ୍ଦ, କୋକସରା ମଣ୍ଡଳ ପ୍ରଭାରୀ ବସନ୍ତ ନାଗ, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ପର୍ଲା ମଣ୍ଡଳ ସଭାପତି ଅଜୟ ମେହେର ଏହି ଯୁବ ସମାବେଶରେ ଯୋଗଦେଇ ଦେଶ ଓ ରାଜ୍ୟର ବିକାଶ ର ସହଭାଗିତାରେ ଯୁବଗୋଷ୍ଠି ହେଉଛନ୍ତି କର୍ଣ୍ଣଧାର, ଏଣୁ ପ୍ରତ୍ୟେକ ଯୁବଗୋଷ୍ଠି ସେବା ମନୋଭାବ ନେଇ ପ୍ରତ୍ୟକ୍ଷ ରାଜନୀତି ରେ ଆସି ରାଜ୍ୟର ବିକାଶ ର ମଙ୍ଗ ଧରିଲେ ହିଁ ରାଜ୍ୟର ବିକାଶ ସମ୍ଭବ ବୋଲି ଉପସ୍ଥିତ ନେତୃବୃନ୍ଦ ମତ ରଖିଥିଲେ। ବିଜେପି ସରକାର ଙ୍କ ସୁଶାସନ ରେ ଅନୁପ୍ରାଣିତ ହୋଇ ଯୁବ ସମାବେଶରେ ୬୦ ରୁ ଉର୍ଦ୍ଧ୍ୱ ଯୁବକ ବିଜେପି ରେ ସାମିଲ ହୋଇଛନ୍ତି। ସେମାନଙ୍କୁ ବିଧାୟକ ଓ ନେତୃବୃନ୍ଦ ଦଳୀୟ ଉତ୍ତରୀୟ ଦେଇ ଦଳ ରେ ସାମିଲ କରିବା ସହ ସେମାନଙ୍କ ଯୋଗଦାନ ଦଳ ପାଇଁ ମୂଳଦୁଆ ସୁଦୃଢ଼ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦଳୀୟ କର୍ମି ରଘୁମଣି ଖମାରି, ଅରୁଣ ଅଗ୍ରୱାଲ, ଦ୍ରୋଣାଚର୍ଯ୍ୟ ପୁଝାରି, ତୁଳାରାମ ନାଏକ, ଚୈତନ୍ୟ ମାଝୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସନ୍ତୋଷ ମାଝୀ ମଞ୍ଚ ସଂଯୋଜନା କରିଥିଲେ।


# କେସିଙ୍ଗାର ଦୁଇ ଓପିଏସସିଙ୍କୁ ସମ୍ବର୍ଦ୍ଧନା

**କେସିଙ୍ଗା,୧୬।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସହରର ୨ ଜଣ ଓପିଏସସିଙ୍କୁ ବୃନ୍ଦାବନ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ବିଏସଏର ନୂତନ ସଭାଗୃହରେ ମଙ୍ଗଳବାର ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁ ଯୋଗଦେଇ ଦୁଇ ଜଣ ଓପିଏସସିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଓ ଉପ ଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର,ସମ୍ପାଦକ ଅକ୍ଷୟ କୁମାର ଦାସ, ଓପିଏସସିରେ ୪ର୍ଥ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା କନକ ଜୈନ, ଏବଂ ୧୧୩ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ସଂଗୀତା ସେଠୀଙ୍କୁ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କେସିଙ୍ଗା ବିଡ଼ିଓ ଉଭୟଙ୍କୁ ଆଗାମୀ ଦିନରେ ଭଲ ଭାବରେ କାମ କରିବା ସହ ଗରିବଙ୍କ ପ୍ରତି ଦୟାନୁଭାବ ରଖି ବିଭିନ୍ନ ବର୍ଗ ଲୋକଙ୍କ ସହ ମିଶିବା ସହିତ ଗରିବଙ୍କ ସମସ୍ୟା ଦୂର କରିବେ ବୋଲି ଉଦ୍‌ବୋଧନ ଦେଇଥିଲେ।

## ଭୂମିଜ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି

**ବୈଶିଙ୍ଗା,୧୬।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଧା ପଞ୍ଚାୟତ ଅଧିନ ବୈଦିପୁର ଗ୍ରାମର ଉଦୀୟମାନ ଯୁବକ ତଥା ଭାରତୀୟ ଆଦିବାସୀ ଭୂମିଜ ସମାଜ ର ପୂର୍ବତନ କେନ୍ଦ୍ରୀୟ ସଭାପତି ପାଇକ ସିଂ ଙ୍କ ନେତୃତ୍ୱରେ ରାଜ୍ୟ କମିଟୀ ର କର୍ମକର୍ତ୍ତା ଙ୍କ ସହଯୋଗରେ ଭୂମିଜ ଭାଷାକୁ ଅଷ୍ଟମ ଅନୁଛେଦରେ ସାମିଲ କରିବା ପାଇଁ ଏକ ସ୍ମାରକପତ୍ର ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୁଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ଡେପୁଟି ଡାଇରେକ୍‌ଟର୍ ସନ୍ତୋଷ ରଥଙ୍କୁ ଆଜି ୧୬ ତାରିଖରେ ପ୍ରଦାନ କରିଥିବାର ଜଣାଯାଇଛି। ଏହି ଦାବୀରେ ଭୂମିଜ ଜାତିର ଭାଷା, ଲିପି, ବର୍ଣ୍ଣବୋଧ, ସଂଖ୍ୟା, ବାର, ମାସ, ତିଥିର ପରିଭାଷା, ବ୍ୟାକରଣ ଆଦି ର ସ୍ୱତନ୍ତ୍ରତା ଥାଇ ମଧ୍ୟ ଏହାକୁ ମାନ୍ୟତା ନ ଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଉଲ୍ଲେଖ କରାଯାଇଛି, ଏହା ଦ୍ୱାରା ଭୂମିଜ ଭାଷାର ସଂସ୍କୃତି, ବିଧି, ରୀତିନୀତି ସୁରକ୍ଷିତ ରହିପାରିବ। ଏହି ଦଳରେ ଭାରତୀୟ ଆଦିବାସୀ ଭୂମିଜ ସମାଜର ସମ୍ପାଦକ ହେମେନ୍ଦ୍ର ସିଂ, ସଭାପତି ଗମ୍ଭା ସିଂ, ଉପସଭାପତି ନୀଳକଣ୍ଠ ସିଂ, ସାଂସ୍କୃତିକ ଉପଦେଷ୍ଟା ତାଲାଲାଙ୍ଗ ମାହାଲ, ରାଜ୍ୟ ସମ୍ପାଦକ ମଙ୍ଗୁ ସିଂ, କେନ୍ଦ୍ରୀୟ ସାଂସ୍କୃତିକ ସମ୍ପାଦକ ସୁଜାତା ସିଂ, ପ୍ରମୁଖ ଉପସ୍ଥିତ ରହିଥିଲେ। ବାରମ୍ବାର ରାଜ୍ୟ ସରକାର ଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ପରିତାପର ବିଷୟ। ଯଦି ଆଜିର ଏହି ଆବେଦନକୁ ସରକାର ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନ କରାଯାଇପାରେ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି।

# ଥମୁନି ପଶୁ କାମୁଡ଼ା, ଟିକାକରଣ ଭରସାରେ ରୋଗୀ




**ଛତ୍ରପୁର,୧୬।୬(ସଂଚାର ବ୍ୟୁରୋ):** ଘରେ ନିରୀହ ପଶୁ ପାଳିଲେ ଗୃହ ପରିବାର ଭିତରେ ଆତ୍ମୀୟତା ସହିତ ସେବା ମନୋବୃତ୍ତି ବଢ଼େ ବୋଲି ବିଶାସରେ ଅଛି। କିନ୍ତୁ ସେହି ଗୃହ ପାଳିତ କିମ୍ବା ପଦାରେ ବୁଲୁଥିବା ପଶୁଟିଏ ଗୋଟେ ମଣିଷକୁ କାମୁଡ଼ି ଦିଏ, ତେବେ ମଣିଷକୁ ଜଳାତଙ୍କ ଭଳି ଭୟଙ୍କର ରୋଗ ସଂକ୍ରମିତ ହେବାର ସମ୍ଭାବନା ବଢ଼ିଯାଏ। ଛତ୍ରପୁର ସହର କେବେଳ କୁକୁର ବିଲେଇ କାମୁଡ଼ା ସମସ୍ୟାରେ ସୀମିତ ନୁହେଁ ବରଂ ଏଇଠି ମାଙ୍କଡ଼ଙ୍କ ଆତଙ୍କ ମାତ୍ରାଧିକ ବୃଦ୍ଧି ପାଇଛି। କୁକୁର, ବିଲେଇ, ମାଙ୍କଡ଼ କାମୁଡ଼ିବା ପରେ ଭୟଙ୍କର ଜଳାତଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପୂର୍ବରୁ ସରକାରଙ୍କ ତରଫରୁ ମାଗଣାରେ ଜଳାତଙ୍କ ଟିକାକରଣ କରାଯାଏ। ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଗତ ମେ' ମାସରେ ୩୦୦ଟି ଶିଶି ଗ୍ରହଣ ହୋଇଥିବା ବେଳେ ଚଳିତ ଜୁନ ମାସରେ ଏଯାବତ୍ ୨୫୦ଟି ଶିଶି ଗ୍ରହଣ ହୋଇ ସାରିଛି ବୋଲି ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡଃ ଅଲେଖ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ପ୍ରତି ମାସରେ ପ୍ରାୟ ୧୦୦୦ ରୁ ୧୨୦୦ ରୋଗୀ ପଶୁ କାମୁଡ଼ାର ଶିକାର ହୋଇ ଟିକାକରଣ ପାଇଁ ଆସନ୍ତି। ଅର୍ଥାତ୍ ଦୈନିକ ୪୦ - ୫୦ ରୋଗୀଙ୍କୁ କୁକୁର, ବିଲେଇ କିମ୍ବା ମାଙ୍କଡ଼ କାମୁଡ଼ି ଥାଆନ୍ତି। ଗୋଟିଏ ଶିଶିରୁ ୪୦ - ୫୦ ରୋଗୀଙ୍କୁ ଟିକା ଦିଆଯାଏ ଯାହାକି ଗ୍ରହଣ କରିଥିବା ମାସିକ ଟୀକାକରଣ ସମ୍ପୂର୍ଣ୍ଣ ବ୍ୟବହାର ହୋଇଯାଏ ବୋଲି ଡଃ ପ୍ରଧାନ କହିଛନ୍ତି। ଅନ୍ୟପଟେ କୁକୁର ଏବଂ ମାଙ୍କଡଙ୍କ ଉପଦ୍ରବ ଛତ୍ରପୁର ସହରକୁ ଘେରି ରହିଛି। ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି ଯେ ବାହାରେ ବୁଲୁଥିବା କୁକୁରଙ୍କୁ ଟିକାକରଣ ଉପରେ ଓ ମାଙ୍କଡଙ୍କୁ କିଭଳି କୌଶଳକ୍ରମେ କାବୁ କରି ବନାଞ୍ଚଳରେ ଛଡାଯିବ ତାହା ଉପରେ ସରକାର କିଛି ବ୍ୟବସ୍ଥା ଗ୍ରହଣ କରିଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ୪୦ ବର୍ଷ ପରେ ଏକାଠି ହୋଇ ରଜ ମନାଇଲେ 'ଶିଶୁ ପରିବାର'



**ବାଲିପାଟଣା,୧୬।୬(ସଂଚାର ବ୍ୟୁରୋ):** ଦୀର୍ଘ ୪୦ ବର୍ଷର ବ୍ୟବଧାନ ପରେ ପ୍ରସିଦ୍ଧ ସିଦ୍ଧ ପୁରୁଷ ଶିଶୁ ଅନନ୍ତଙ୍କ ବଂଶଜ 'ଶିଶୁ ପରିବାର'ର ସଦସ୍ୟମାନେ ପରସ୍ପରକୁ ଭେଟିଛନ୍ତି। ଏହି ମିଳନ ଉତ୍ସବ ସ୍ଥାନୀୟ ଐତିହ୍ୟ ଶିଶୁ ଅନନ୍ତ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରଜ ଉତ୍ସବର ଆନନ୍ଦ ଉଲ୍ଲାସ ମଧ୍ୟରେ ଶିଶୁ ପରିବାରର ସଦସ୍ୟମାନେ ପୀଠରେ ଏକତ୍ରିତ ହୋଇ ସିଦ୍ଧ ପୁରୁଷ ଶିଶୁ ଅନନ୍ତଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପୁରୁଣା ସ୍ମୃତି ଚାରଣ କରିଥିଲେ।ଏହି ଅବସରରେ ପରିବାର ପକ୍ଷରୁ ସ୍ୱର୍ଗତ ବିଦୁଲତା ଶିଶୁ ଗୋସ୍ୱାମୀ ଏବଂ ତନୁଜା ଶିଶୁ ଗୋସ୍ୱାମୀଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ସ୍ମୃତିକୁ ଅମ୍ଳାନ ରଖିବା ପାଇଁ ପୀଠ ପରିସରରେ ଆମ୍ବ ବୃକ୍ଷ ରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। ଶିଶୁ ବଂଶଧର କନ୍ୟା ତନୟା ଦାସ ଗୋସ୍ୱାମୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଉତ୍ତରୀୟ ପ୍ରଦାନ କରିଥିଲେ। ବରିଷ୍ଠ ଝିଅ ବନଲତା ଶିଶୁ ଗୋସ୍ୱାମୀ, ପ୍ରତିଭା ଶିଶୁ ଗୋସ୍ୱାମୀ, ନଳିନୀ ଶିଶୁ ଗୋସ୍ୱାମୀ, ସୁଦୂର ଖଡଗ ପୁରରୁ ରୁମ୍ପୁ ଆହୁରି ଅନେକ ଝିଅ ଯୋଗ ଦେଇଥିଲେ। ଶୁଭଲକ୍ଷ୍ମୀ ଶିଶୁ ଗୋସ୍ୱାମୀ ଓ ଅନ୍ୟମାନେ ନୃତ୍ୟ ପରିବେଷଣ କରିଥିଲେ। ଶିଶୁ ଅନନ୍ତ ପୀଠରେ ବିକାଶ ରେ ଖୁସି ହେବା ସହ ଶେଷରେ ରଜ ପାନ ସହିତ ପ୍ରସାଦ ସେବନ କରିଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା




**ସୁବର୍ଣ୍ଣପୁର,୧୬।୬(ସଂଚାର ବ୍ୟୁରୋ):** ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲାରେ ପାଳନ କରାଯାଉଥିବା ୧୫ ଦିନିଆ ସଚେତନତା ପକ୍ଷ ଅବସରରେ ଆଜି ସୁବର୍ଣ୍ଣପୁର ପୌର କାର୍ଯ୍ୟାଳୟ (ନଳିନୀ ଛକ) ଠାରୁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ଼ ନୃପରାଜ ସାହୁ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଡିଲେଶ୍ୱର ଖାଖା, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ସୁବର୍ଣ୍ଣପୁର, ଶ୍ରୀଯୁକ୍ତ ଦିବ୍ୟ ଶଙ୍କର ଧରୁଆ, ଜିଲ୍ଲା ଶ୍ରମ ଅଧିକାରୀ, ସୋନପୁର, ତରଭା, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକା ବ୍ଲକର ସହକାରୀ ଶ୍ରମ ଅଧିକାରୀମାନେ, ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ର ଅଧ୍ୟକ୍ଷା ଲିନା ବାବୁ ଟ୍ରେଡ୍ ୟୁନିଅନ୍ ସମନ୍ୱୟ କମିଟିର ସଭାପତି ଶ୍ରୀଯୁକ୍ତ ଗୋବିନ୍ଦ ମହାରଣା, ଜଇଜର ସଂସ୍ଥାର ସାଧାରଣ ସମ୍ପାଦକ ତଥା ସିଇଓ ଅନଙ୍ଗ ନେଗୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଚାଇଲ୍ଡ ହେଲ୍ପଲାଇନ୍, ଓୱାଁଗ, ଗ୍ରାମ ଉତ୍ଥାନ, ସିଡବ୍ଲ୍ୟୁସି ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ, ବିଭିନ୍ନ ବିଭାଗର ଅଂଶୀଦାର ଏବଂ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ପଦଯାତ୍ରାଟି ସୋନପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏହି ଅବସରରେ ଶିଶୁ ଶ୍ରମିକ ନିଷେଧ ସମ୍ପର୍କିତ ଆଇନ, ଶିଶୁମାନଙ୍କର ଅଧିକାର ଓ ସୁରକ୍ଷା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ସେହିପରି ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସାମୁଦାୟିକ ଅଂଶଗ୍ରହଣ ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସମସ୍ତଙ୍କୁ ସଚେତନ ହୋଇ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରାର ଶୁଭାରମ୍ଭ


**ସୁବର୍ଣ୍ଣପୁର,୧୬।୬(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା-୨୦୨୬ ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲ୍ଲାର ୩୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଜିଲ୍ଲା ସଂସ୍କୃତି ଭବନଠାରୁ ଏକ ସ୍ୱତନ୍ତ୍ର ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାତ୍ରା କରିବେ। ଯାତ୍ରା ସମୟରେ ସେମାନଙ୍କର ସୁବିଧା, ସୁରକ୍ଷା ଓ ସହାୟତା ସୁନିଶ୍ଚିତ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାରୁ ୩ ଜଣ ଏସ୍କର୍ଟ ମଧ୍ୟ ସେମାନଙ୍କ ସହ ଭୁବନେଶ୍ୱରକୁ ଯାତ୍ରା କରୁଛନ୍ତି। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ତୀର୍ଥଯାତ୍ରୀମାନଙ୍କୁ ଦେଶର ପ୍ରମୁଖ ଧାର୍ମିକ ସ୍ଥଳ ପରିଦର୍ଶନର ସୁଯୋଗ ପ୍ରଦାନ କରାଯାଉଛି। ଏହି ତୀର୍ଥଯାତ୍ରୀମାନଙ୍କର ଆସନ୍ତା ୨୧ ଜୁନ୍‌ରେ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ବହୁ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଲାଞ୍ଜିଗଡ଼,୧୬।୬(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ଦୀପ କୁମାର ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ।ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀନେଶ ଚନ୍ଦ୍ର କହଁର, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛେତ୍ରୀ, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରମୁଖ ଯୋଗ ଦେଇଥିଲେ।ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ କୁମାର ନାୟକ, ଏପିଓ ସଞ୍ଜିତ ପରିଡ଼ାଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଭାତହାଣ୍ଡିର ଚାଷୀଙ୍କୁ ହତାଦର, ମାସେ ପରେ ବି ମିଳିନି ଟୋକନ



**ବରଗଡ଼,୧୬।୬(ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତି ଯାଇଛି । ଆଉ ୨ସପ୍ତାହ ପରେ ଏହି ପ୍ରକ୍ରିୟା ସରିଯିବ। ହେଲେ ଏପର୍ଯ୍ୟନ୍ତ ଜିଲାରେ ଧାନ ବିକ୍ରିବଟା ଅସମାହିତ ରହିଛି। ମଣ୍ଡିକୁ ଧାନ ଆସୁଛି। ମାତ୍ର ତାକୁ କିଣାଯାଉ ନାହିଁ। ମିଲର୍ସ ପହଞ୍ଚିଲେ ଏବଂ କଟ୍‌ନୀଛଟ୍‌ନୀରେ ଚାଷୀ ରାଜି ହେଲେ ଯାଇ ସେହି ଧାନକୁ କିଣାଯାଉଛି। କଟ୍‌ନୀଛଟନୀରେ ଚାଷୀ ସହମତି ପ୍ରକାଶ ନ କଲେ ସେହି ଧାନ ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଛି। କେବଳ ସେତିକି ନୁହେଁ, ବେପାରୀ(ମଧ୍ୟସ୍ଥ) ମାଧ୍ୟମରେ ଆସିଥିବା ଧାନକୁ ତତ୍କାଳ କିଣାଯାଇ ମଣ୍ଡିରୁ ଉଠାଯାଉଛି କିମ୍ବା ସେଭଳି ଧାନ ମଣ୍ଡିକୁ ଆସିବା ବଦଳରେ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେହିପରି ଛତିଶଗଡ଼ରୁ ଆସୁଥିବା ଧାନ ମଧ୍ୟ ରାତାରାତି ବିଭିନ୍ନ ରାଇସ୍ ମିଲ୍‌କୁ ପ୍ରବେଶ କରୁଛି ଏବଂ ସେଭଳି ଧାନକୁ ପରବର୍ତ୍ତୀ ସମୟରେ ମଣ୍ଡି କାଗଜାତ୍‌ରେ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଟୋକନ କଟକଣା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ହୋଇପଡ଼ିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଧାନ ବିକ୍ରିବଟାରେ ଟୋକନ କଟକଣାକୁ ନେଇ ତୁମ୍ବିତୋଫାନ କରୁଥିଲା। ମାତ୍ର ଶାସନର ୨ବର୍ଷ ବିତିଯିବା ପରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟାରେ ବିଜେଡି ଶାସନରେ ଲାଗୁ ହୋଇଥିବା ଟୋକନ ବ୍ୟବସ୍ଥା ବଳବତ୍ତର ରହିଛି। ତେବେ ଟୋକନ ବ୍ୟବସ୍ଥା ସରଳ ହେବା ବଦଳରେ ପୂର୍ବ ସରକାରଠାରୁ ଆହୁରି ଜଟିଳ ହୋଇ ପଡ଼ିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାର ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମିଳିପାରି ନାହିଁ। ଅନ୍ୟପଟେ କେତେକ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ମିଳିଥିଲେ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଭଳି ସେଥିରେ ମଧ୍ୟ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ୍ ରହିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ଲାଗି ରହିଥିବାବେଳେ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକି ବସିଛି।